ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦VOLUME - 05 ♦ ISSUE- 05♦CUTTACK♦ WEEKLY ♦ 29 JANUARY TO 04 FEBRUARY- 2024♦ 8 PAGE♦RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୦୫ ♦ କଟକ♦ ସାପ୍ତାହିକ ♦ ୨୯ ଜାନୁଆରୀ ରୁ ୦୪ ଫେବୃଆରୀ -୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

# ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍ ଲୋକାର୍ପିତ

## ଓଡ଼ିଆ ଭାଷାରେ ଭଲ ସାହିତ୍ୟ ସୃଷ୍ଟି ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଉଦ୍ୟମ କରୁ - ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ଏନ୍.ଏମ୍.) :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତ୍ୟବାଦୀ ଠାରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍ ଲୋକାର୍ପିତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟ ହେଉଛି ଓଡ଼ିଆ ଜାତି ପାଇଁ ଏକ ଗୌରବମୟ ସମୟ । ସେ କହିଲେ ଯେ ନିକଟରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଉଦ୍ ?ଘାଟିତ ହୋଇଛି । ଆଜି ଓଡ଼ିଆ ବିଶ୍ୱ ବିଦ୍ୟାଳୟର କ୍ୟାମ୍ପସ୍ ଉଦ୍‌ଘାଟିତ ହେଲା । ଜାନୁଆରୀ ୨୭ ତାରିଖରେ ସମଲେଇ ପ୍ରକଳ୍ପ ଲୋକାର୍ପିତ ହେବାକୁ ଯାଉଛି ଏବଂ ଫେବୃଆରୀ ୩ ତାରିଖରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେବ । ତେଣୁ ନିଶ୍ଚିତ ଭାବେ ଏହା ଆମ ସମସ୍ତଙ୍କ ପାଇଁ, ସମଗ୍ର ଓଡ଼ିଆ ଜାତି ପାଇଁ ଏହା ଏକ ଗୌରବର ସମୟ, ଅସ୍ମିତାର ସମୟ । ଏହି ଅବସରରେ ବିଶ୍ୱ ବିଦ୍ୟାଳୟ କୁଳପତି, ପ୍ରାଧାପକ, ଓ ଛାତ୍ର ଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ସଂସ୍କୃତି, ଆମ ଜୀବନଧାରା, ଆମ ପରମ୍ପରାକୁ ଭିତ୍ତି କରି ଭଲ ଭଲ ସାହିତ୍ୟ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଦରକାର । ଏ ଦିଗରେ ଓଡିଆ ବିଶ୍ୱବିଦ୍ୟାଳୟ ନେତୃତ୍ୱ ନେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସତ୍ୟବାଦୀକୁ ଓଡିଆ ନବଜାଗରଣର ପୀଠ ଭାବେ ବର୍ଣ୍ଣନା କରି



ସେ କହିଲେ ଯେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁଙ୍କ କର୍ମଭୂମୀ ହେଉଛି ସତ୍ୟବାଦୀ । ଏହି ଅବସରରେ ସେ ଆଦି କବି ସାରଳା ଦାସଙ୍କୁ ପ୍ରଣାମ ଜଣାଇବା ସହ ଓଡିଆ ଭାଷାର ସୁରକ୍ଷା ପାଇଁ ସଂଗ୍ରାମ କରିଥିବା ବରପୁତ୍ର ମାନଙ୍କୁ ସେ ତାଙ୍କର ସମ୍ମାନ ଜଣାଇ ଥିଲେ । ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିଥିବା ମହାରଥୀ ମାନଙ୍କ ପ୍ରତି ମଧ ତାଙ୍କର ସମ୍ମାନ ଜଣାଇ ଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାଷା ଗୋଟେ ଜାତିର ଅସ୍ମିତାର ପରିଚୟ । ଗୋଟେ ଜାତିର ମୁକୁଟ ହେଉଛି ତା'ର ଭାଷା । ଭାଷାର ବ୍ୟବହାର ବଢିଲେ ଏହା ସମୃଦ୍ଧ ହୋଇଥାଏ ଏବଂ ଜାତିର ଗୌରବ ବୃଦ୍ଧି କରିଥାଏ । ସେ ପୁଣି କହିଲେ ଯେ ଓଡିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ଓଡିଆ ଭାଷା ଏକ ପ୍ରାଚୀନ ଭାଷା । ଏହା ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ଓଡିଆ ଭାଷାରେ ଅନେକ ସମୃଦ୍ଧ ସାହିତ୍ୟ ସୃଷ୍ଟି ହୋଇଛି । ଆମ ସାହିତ୍ୟର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଲୋକାର୍ପିତ ହେଲା ସମଲେଇ ପ୍ରକଳ୍ପ

**ସମ୍ବଲପୁର(ଏନ୍.ଏମ୍.) :** ଲୋକାର୍ପିତ ହୋଇଛି ବହୁ ପ୍ରତିକ୍ଷିତ ସମଲେଇ ପ୍ରକଳ୍ପ । ସମ୍ବଲପୁରରେ ହୋଇଥିବା ମା' ସମଲେଇ ପ୍ରକଳ୍ପକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପରେ ବିମାନ ଯୋଗେ ପହଞ୍ଚିଥିଲେ । ସେଠାରୁ ସମଲେଇ ମନ୍ଦିରକୁ ଯାଇ ଅପରାହ୍ନ ପ୍ରାୟ ୧ଟାରେ ଏହି ମନ୍ଦିର ଲୋକାର୍ପଣ କରିଥିବା ଜଣାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ୫ଟି ଅଧକ୍ଷ ଭି.କେ. ପାଣ୍ଡିଆନ ବି ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ୟାଟେରି ଗାଡ଼ିରେ ବସି ସମ୍ପୂର୍ଣ୍ଣ ସମଲେଶ୍ୱରୀ ପ୍ରକଳ୍ପ ବୁଲି ଦେଖିଛନ୍ତି । ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ୧ ହଜାରରୁ ଅଧିକ ମହିଳା ମହାନଦୀରୁ ଜଳ କୁମ୍ଭ ଧରି କଳସ ଯାତ୍ରା କରି ସମଲେଇ ମନ୍ଦିରକୁ ଯାଇଥିଲେ । ମନ୍ଦିରରେ ନଡ଼ିଆ କଳସ ଗୁଡିକୁ ରଖାଯାଇଛି । ଏହି ଅବସରରେ ସମଲେଶ୍ୱର ମନ୍ଦିର ପରିସରରେ ଥିବା ଯଜ୍ଞ କୁଣ୍ଡରେ ହୋମ ଯଜ୍ଞ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଲୋକାର୍ପଣ ଓ ସ୍ୱତନ୍ତ୍ର ଦେବ ନୀତି ପାଇଁ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସମଲେଇ ମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିଲା । ସନ୍ଧ୍ୟାରେ ମହାନଦୀ କୂଳରେ ମହାନଦୀ ଘାଟରେ ସନ୍ଧ୍ୟା ଆଳତି ମଧ ହୋଇଥିଲା । ସମଲେଶ୍ୱରୀ ପ୍ରକଳ୍ପ ଅଧୀନରେ ମନ୍ଦିରର ଚତୁଃପାର୍ଶ୍ୱକୁ ସମ୍ପ୍ରସାରଣ କରାଯାଇଛି । ଏହା ମଧରେ ଯାତ୍ରୀ ନିବାସ, ଯାତ୍ରୀ ପ୍ରତିକ୍ଷାଳୟ ରହିଛି । ଖରା ତଥା ବର୍ଷା ଦିନେ ସୁରୁଖୁରୁରେ ଯାତ୍ରୀଙ୍କ ଧାଡ଼ି ଦର୍ଶନ ପାଇଁ ସ୍ୱତନ୍ତ୍ର ସେଡର ବ୍ୟବସ୍ଥା କରାଯାଇଛି । ଏହି ପ୍ରକଳ୍ପ ଅଧୀନରେ ମନ୍ଦିର ପରିସରରେ ଥିବା ଏକ ପୁଷ୍କରଣୀର ପୁନରୁଦ୍ଧାର କରାଯାଇଛି । ମନ୍ଦିର ପ୍ରାଙ୍ଗଣରେ ଆଖି ଖୋସିଦେବା ପରି ପଥରର କାରୁକାର୍ଯ୍ୟ ସହ ବିଭିନ୍ନ



ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଭାଲୁ ଶିକାର ପାଇଁ ବିଛା ଯାଇଥିଲା ବିଦ୍ୟୁତ୍ ତାର, ଛନ୍ଦି ହୋଇଗଲା ବାଘ



**ରାୟପୁର(ଏଜେନ୍ସି) :** ଭାଲୁକୁ ଧରିବା ପାଇଁ ବିଛା ଯାଇଥିଲା ବିଦ୍ୟୁତ୍ ତାର । ମାତ୍ର ଉକ୍ତ ଜାଲରେ ପଡ଼ିଗଲା ବାଘ । ଆଉ ଘଟଣାସ୍ଥଳରେ ହିଁ ଆଖି ବୁଜିଦେଲା । ଅଭିଯୁକ୍ତମାନେ ବାଘ ମୃତଦେହକୁ ଏକ ନଦୀ କୂଳରେ ପୋତି ଦେଇଥିବା ବେଳେ ତାହାକୁ ବାହାର କରିବା ପରେ କଥା ସାମନାକୁ ଆସିଛି । ଏପରି ଏକ ସାଂଘାତିକ ଘଟଣା ଛତିଶଗଡ଼ର ଗୋମଡରା ଅଭୟାରଣ୍ୟରେ ଘଟିଥିବା ବେଳେ ୫ ଜଣଙ୍କୁ ଗିରଫ କରାଯାଇଛି । ଏହି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ବ୍ରିଟିଶ ଜାହାଜକୁ ମିସାଇଲ ମାଡ଼ ଘଟଣା; ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କଲା ଭାରତୀୟ ନୌସେନା

**ନୂଆଦିଲ୍ଲୀ(ଏଜେନ୍ସି) :** ସାହସିକତା ଦେଖାଇଲା ଭାରତୀୟ ନୌସେନା । ଆଡେନ ଗଫରେ ବ୍ରିଟିଶ ବାଣିଜ୍ୟିକ ଜାହାଜରେ ଫସିଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛି । ଦୀର୍ଘ ଛଅ ଘଣ୍ଟାର ପ୍ରୟାସ ପରେ ଶେଷରେ ନିଆଁକୁ ଆୟତ୍ତ କରି ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି ଭାରତୀୟ ନୌସୈନିକ । ଜାହାଜର କ୍ୟାପଟ୍ଟେନ ଏନେଇ ଇଣ୍ଡିଆନ ନେଭିକୁ ସାଧୁବାଦ ଜଣାଇଛନ୍ତି । ସେ କହିଛନ୍ତି, 'ମୁଁ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଓଘଝ ବିଶାଖାପାଟନମକୁ ଧନ୍ୟବାଦ ଦେଉଛି । ନିଆଁ ଆୟତ୍ତ ହେବ ଏବଂ ଆମେ ଏଥିରୁ ଉଦ୍ଧାର ପାଇବୁ ବୋଲି ଆଶା ହରାଇ ଦେଇଥିଲୁ । ଶେଷରେ ଭାରତୀୟ ନୌସେନା ଆମକୁ ରକ୍ଷା କରିଛନ୍ତି । ଇଣ୍ଡିଆନ ନେଭିକୁ ସାଲ୍ୟୁଟ୍ ।' ପ୍ରକାଶ ଥାଉ କି, ଜାନୁଆରୀ ୨୬ରେ ଗଫ୍ ଅଫ୍ ଆଡେନରେ ବ୍ରିଟିଶ ଅଏଲ୍ ଟ୍ୟାଙ୍କର ଏମଭି ମାର୍ଲିନ ଲୋଉଣ୍ଡା ଉପରକୁ ମିସାଇଲ ମାଡ ହୋଇଥିଲା । ୟେମେନର ଇରାନ ସମର୍ଥିତ ହାଉତିମାନେ ଏହି ମିଶାଇଲ ମାଡ଼ କରିଥିଲେ । ମିସାଇଲ ମାଡ ପରେ ଜାହାଜରେ ନିଆଁ ଲାଗି ଯାଇଥିଲା । ଏଥିରେ ୨୨ ଜଣ ଭାରତୀୟଙ୍କ ସମେତ ଜଣେ ବାଂଲାଦେଶ ନାଗରିକ ଥିଲେ ।ଏନେଇ ଖବର ପାଇବା ପରେ ତତ୍ପର ହୋଇପଡିଥିଲା ଇଣ୍ଡିଆନ ନେଭି । ମିଶାଇଲ ବିନାଶକାରୀ ଆଇଏନ୍‌ଏସ୍ ବିଶାଖାପାଟନମ ସହ ନିଆଁକୁ ଆୟତ୍ତ କରିବା ପାଇଁ ବ୍ୟାପକ ଅଗ୍ନି ନିର୍ବାପକ ଉପକରଣ ଓ ସୁରକ୍ଷାକର୍ମୀଙ୍କୁ ପଠାଯାଇଥିଲା । ଦୀର୍ଘ ଛଅ ଘଣ୍ଟା ଧରି ଅପରେସନ କରିବା ପରେ ଶେଷରେ ସମସ୍ତଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି ।

# ଅଯୋଧାରେ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା ନେଇ ସମ୍ପୂର୍ଣ୍ଣ ଦେଶ ଉତ୍ସବ ମୁଖର

**କଟକ / ଭୁବନେଶ୍ୱର / ଅଯୋଧା(ଏଜେନ୍ସି) :** ଅଯୋଧାରେ ବିରାଜିଲେ ପ୍ରଭୁ ରାମଲଲା । ଅଯୋଧା ରାମ ମନ୍ଦିରରେ ସଂପନ୍ନ ହେଲା ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ । କାଶୀ ପୀଠର ବେଦଜ୍ଞ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସଂପନ୍ନ କରିଛନ୍ତି । ମୁଖ୍ୟ ଯଜମାନ ଭାବେ ଦାୟିତ୍ୱ ନିର୍ବାହ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଗର୍ଭଗୃହରେ ସୁନା ବେଶରେ ରାମଲଲାଙ୍କ ମନୋରମ ଛବି ମନ ମୋହୁଛି । ପ୍ରଥମେ ପବିତ୍ର ସରଯୁ ନଦୀରେ ସ୍ନାନ ତର୍ପଣ ପରେ ପୂର୍ବ ଦିଗରେ ମନ୍ଦିର ମଧକୁ ପ୍ରବେଶ କରିବା ପରେ ପ୍ରାଣ ପ୍ରତିଷ୍ଠା ରୀତିନୀତି ଆରମ୍ଭ ହୋଇଥିଲା । ଆରଏସଏସ୍ ମୁଖ୍ୟ ମୋହନ ଭାଗବତଙ୍କ ସହ ଯୋଗୀ ଆଦିତ୍ୟନାଥ ଓ ଆନନ୍ଦି ବେନ୍ ମଧ ଗର୍ଭଗୃହରେ ଉପସ୍ଥିତ ଥିଲେ । ଶୁଭ ମୁହୂର୍ତ୍ତରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଛି । ପ୍ରଧାନମନ୍ତ୍ରୀ ସୁନେଲି ରଙ୍ଗର କୁର୍ତ୍ତା ଧଳା ରଙ୍ଗ ପାଇଜାମା ପିନ୍ଧି ପୂଜାରେ ବସିଥିଲେ । ତାଙ୍କ ହାତରେ କୁଶ ବଟୁ ଥିଲା । ଚାରିଆଡ଼େ ଜୟ ଶ୍ରୀ ରାମଙ୍କ ଧ୍ୱନିରେ ପ୍ରକମ୍ପିତ ହେଉଛି । ଦେଶ ତଥା ବିଦେଶର ବହୁ ବଡ ବ୍ୟକ୍ତିତ୍ୱ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସେମାନେ ସମସ୍ତେ ରାମଲଲାଙ୍କ ଆଗରେ ନତମସ୍ତକ ହୋଇଛନ୍ତି । ଏହା ସହିତ ସମଗ୍ର ବିଶ୍ୱ ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ପାଲଟିଛି । ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ୮୪ସେକେଣ୍ଡର ଶୁଭ ସମୟ ୧୨ଟା ୨ରୁ ଆରମ୍ଭ ହୋଇ ୧୨ଟା ୩୦ ମିନିଟ ୩୨ ସେକେଣ୍ଡ ପର୍ଯ୍ୟନ୍ତ ଥିଲା । ପ୍ରାଣ ପ୍ରତିଷ୍ଠା ସମାରୋହରେ ସେନା ହେଲିକପ୍ଟରଗୁଡିକ ଅଯୋଧାରେ ଥିବା ରାମ ମନ୍ଦିରରେ ଫୁଲ ବର୍ଷା କରିଥିଲେ । ଅଯୋଧା ମନ୍ଦିରରେ ରାମ ଲଲାଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠାକୁ ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହି ଦିବ୍ୟ ସମାରୋହରେ ଅଂଶଗ୍ରହଣ କରିବା ଅତ୍ୟନ୍ତ ସୌଭାଗ୍ୟର ବିଷୟ । ଅନ୍ୟପକ୍ଷରେ ରାମମୟ ହୋଇଛି ପୂରା ଦେଶ । ଏହାରି ଭିତରେ ରାମମନ୍ଦିର ଆନ୍ଦୋଳନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଜେପି ନେତ୍ରୀ ଉମା ଭାରତୀ ଓ ସାଧ୍ୱୀ ରତମ୍ଭରା ନିଜ କୋହ ରୋକି ପାରିନାହାନ୍ତି । ଉଭୟ ପରସ୍ପରକୁ ଆଲିଙ୍ଗନ କରି କାନ୍ଦି ପକାଇଛନ୍ତି ଉମା ଭାରତୀ ଓ ସାଧ୍ୱୀ ରତମ୍ଭରା ରାମମନ୍ଦିର ପାଇଁ ଉଭୟ ବଡ଼ ଭୂମିକା ନିର୍ବାହ କରିଥିଲେ । ୯୦ ଦଶକରେ ରାମ ମନ୍ଦିର ପାଇଁ ହୋଇଥିବା ଆନ୍ଦୋଳନରେ ପ୍ରବୀଣ ତୋଗାଡିଆ, ଅଶୋକ ସିଙ୍ଘାଲ, ଲାଲକୃଷ୍ଣ ଆଡଭାନୀ, ବିନୟ କଟିଆର, ସହ ଦୁଇ ମହିଳା ଯୋଦ୍ଧା ଉମା ଭାରତୀ ଓ ସାଧ୍ୱୀ ରତମ୍ଭରା ମଧ ସାମିଲ ଥିଲେ । ସେହିଭଳି ଆଜି ଆଉ ଏକ କୀର୍ତ୍ତିମାନ ଅର୍ଜନ କଲେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ । ପ୍ରାଣ ପ୍ରତିଷ୍ଠା ଅବସରରେ ଅଯୋଧାରେ ବାଲୁକା କଳାରେ ନିର୍ମିତ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଆକର୍ଷଣୀୟ ପ୍ରତିକୃତୀ ଏବଂ ରାମ



ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ଏସସିବିରେ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ପାଇଁ ଯୋଜନା

## ଉଭୟ ଓପିଡି ଓ ଆଇପିଡିରେ ରହିବ ରୋଗୀଙ୍କ ୟୁନିକ୍ ଆଇଡି

**କଟକ(ଏନ୍.ଏମ୍.) :** ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବଂ ସ୍ୱଷ୍ଟ ହସ୍ତାକ୍ଷରରେ ରୋଗୀଙ୍କୁ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଦିଆଯିବାକୁ ନେଇ ଚିନ୍ତା ବଢିଛି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ବି ନିର୍ଦ୍ଦେଶନାମା ଜାରି କରାଯାଇଛି । କିନ୍ତୁ ଅନେକ ଡାକ୍ତର ସ୍ୱଷ୍ଟ ଅକ୍ଷରରେ ପ୍ରେସକ୍ରିପସନ୍ ଲେଖୁଥିବା ବେଳେ ଆଉ କିଛି ଡାକ୍ତରଙ୍କର ପ୍ରେସକ୍ରିପସନ୍ ପଢିବା ଯୋଗ୍ୟ ହୋଇପାରୁନି । ଏଥିପାଇଁ ଏବେ କଟକ ବଡଡାକ୍ତରଖାନାରେ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ଦିଆଯିବା ଯୋଜନା ଆରମ୍ଭ ହୋଇଛି । ଯୋଜନା ଅନୁଯାୟୀ ଉଭୟ ଓପିଡି ଓ ଆଇପିଡିରେ ଏହି ବ୍ୟବସ୍ଥା ଲାଗୁ କରାଯିବ । ଓକାକ୍ ମାଧମରେ ପ୍ରତି ଓପିଡି ଓ ଆଇପିଡିରେ କମ୍ପୁଟର ବ୍ୟବସ୍ଥା କରାଯିବ । ଯାହାକି ଇଣ୍ଟରକନେକ୍ଟ ରହିବ । ପ୍ରତି ରୋଗୀଙ୍କ ୟୁନିକ୍ ଆଇଡି ରହିବ ଓ ସ୍ୱତନ୍ତ୍ର ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତ ହେବେ । ସେ ଡାକ୍ତରଙ୍କ ଚିଠାକୁ ନେଇ କମ୍ପୁଟର ମାଧମରେ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ଦେବେ । ଏହାକୁ ନେଇ ଏବେ କାମ ଆରମ୍ଭ ହୋଇଛି । କାମ ସରିବା ପରେ ରୋଗୀଙ୍କୁ ପ୍ରିଣ୍ଟେଡ୍ ପ୍ରେସକ୍ରିପସନ୍ ଦିଆଯିବ ବୋଲି କହିଛନ୍ତି ଏସସିବି ଅଧୀକ୍ଷକ (ସାଧାରଣ) ଡକ୍ଟର ଅବିନାଶ ରାଉତ୍ । ପ୍ରେସକ୍ରିପସନ୍ ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ସ୍ୱଷ୍ଟ ଓ ବଡ଼ ଅକ୍ଷରରେ ଲେଖିବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ସମସ୍ତ ଡାକ୍ତରଙ୍କୁ ନିର୍ଦ୍ଦେଶନାମା ଜାରି କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏବେ ଯଦିଓ ପ୍ରିଣ୍ଟେଡ ପ୍ରେସକ୍ରିପସନ୍ କଥା କୁହାଯାଉଛି, କିନ୍ତୁ ତାହା କିଭଳି ଠିକ ଢଙ୍ଗରେ କାର୍ଯ୍ୟକାରୀ ହେବ, ତାହାକୁ ନେଇ ସନ୍ଦେହ ବଢୁଛି । କଟକ ବଡ ଡାକ୍ତରଖାନା ଓପିଡିକୁ ପ୍ରତିଦିନ ହାରାହାରି ଭାବେ ୭ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ଏହା ବ୍ୟତୀତ ଏସସିବି ଦନ୍ତ ମହାବିଦ୍ୟାଳୟ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ଶିଶୁଭବନ, ସିଟି ହସ୍ପିଟାଲ, ପିଏଚସି, ସିଏଚସିକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ମିଶାଇଲେ ପ୍ରତ୍ୟେକ ରୋଗୀଙ୍କୁ ପ୍ରିଣ୍ଟେଡ ପ୍ରେସକ୍ରିପସନ ଦିଆଯିବା ବ୍ୟବସ୍ଥାର ପରିଚାଳନାକୁ ନେଇ ସନ୍ଦେହ ରହୁଛି । ଯଦିଓ ଘରୋଇ ହସ୍ପିଟାଲରେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ସମସ୍ୟା ହେବ ନାହିଁ କିନ୍ତୁ ସରକାରୀ ଡାକ୍ତରଖାନାରେ ଏହାର ସଫଳ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ବଢୁଛି ।




# ସଫାରୀ ନେଇ ଘୋଷଣା କଲେ ରାଜ୍ୟ ସରକାର

## ଏଣିକି ଶିମିଳିପାଳରେ କଳାବାଘ ଦେଖିବେ ପର୍ଯ୍ୟଟକ

**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଛନ୍ତି । ଏବେ ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ ଘୋଷଣା କରିଛନ୍ତି । ଶିମିଳିପାଳ ଅଭୟାରଣ୍ୟରେ କଳାବାଘ ସଫାରୀ ହେବ । ପର୍ଯ୍ୟଟକମାନଙ୍କୁ ସଫାରୀ ଭିତରେ କଳାବାଘ ଦେଖିବାର ନିଆରା ସୁଯୋଗ ମିଳିବ । ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ନେବାକୁ ଯାଉଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧମ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପରିସରରେ କଳାବାଘ ସଫାରୀ କରାଯିବ । ରାଜ୍ୟରେ ପର୍ଯ୍ୟଟକ ଓ ଦର୍ଶକମାନେ ଏହି ବିରଳ ପ୍ରଜାତିର ବାଘମାନଙ୍କୁ ଦେଖିବାର ସୁଯୋଗ ପାଇପାରିବେ । ଗତ ନଭେମ୍ବର ମାସରେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ 'ଏକ୍ସ' ମାଧମରେ ସୂଚନା ଦେଇଥିଲେ ଯେ, ଓଡ଼ିଶାର ଜଙ୍ଗଲରେ କଳାବାଘ ଅଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବାଘ ଗଣନା ସମୟରେ କ୍ୟାମେରା ଟ୍ରାପରେ କଳା ରଙ୍ଗର ଏକ କଳରାପତରିଆ ବାଘ ଦେଖିବାକୁ ମିଳିଛି । କିନ୍ତୁ ସେ କେଉଁ ଜଙ୍ଗଲ ଓ କେଉଁ ଜିଲ୍ଲାରେ ଏଭଳି ବିରଳ ପ୍ରଜାତିର ବାଘ ଦେଖିବାକୁ ମିଳିଛି ସେନେଇ ପିସିସିଏଫ୍ କୌଣସି ସ୍ୱଷ୍ଟ କରି ନଥିଲେ । ମାତ୍ର ଡିସେମ୍ବର ୨୨ ତାରିଖ ଦିନ 'ଇଣ୍ଡିଆ ଫରେଷ୍ଟ ସର୍ଭିସ୍ ଅଫିସର ପ୍ରବୀଣ କସ୍ୱାଂ 'ଏକ୍ସ୍'ରେ ସେୟାର୍ କରିଥିବା ଓଡ଼ିଶାର ଶିମିଳିପାଳରେ ଉଠାଯାଇଥିବା କେତେକ ଦୁର୍ଲଭ କଳାରଙ୍ଗର ମହାବଳ ବାଘ ଫଟୋ ସମ୍ପ୍ରତି ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ଚମକୃତ କରିଥିଲା ବୋଲି କହିଥିଲେ ।

ସୂଚନା ଅନୁଯାୟୀ, ଶିମିଳିପାଳର ଏହି କଳାବାଘ ଦେଖାଦେବା ଘଟଣା ପ୍ରଥମେ ୧୯୯୩ ମସିହାରେ ରେକର୍ଡ କରାଯାଇଥିଲା । ୧୯୯୩ ଜୁଲାଇ ୨୧ ତାରିଖ ଦିନ ପୋଡ଼ାଗଡ଼ ଗାଁର ସାଲକୁ ନାମକ ଜଣେ ବାଳକ ନିଜ ଜୀବନ ରକ୍ଷା କରିବାକୁ ଧନୁଶରଦ୍ୱାରା ଗୋଟାଏ କଳାବାଘୁଣୀକୁ ମାରି ଦେଇଥିଲା । ଏହି ଦୁର୍ଲଭ ବାଘମାନଙ୍କୁ ପ୍ରଥମେ ୨୦୦୭ ମସିହାରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଔପଚାରିକ ଭାବେ ଆବିଷ୍କାର କରାଯାଇଥିଲା । ସମୟକ୍ରମେ ସେହି ପ୍ରକାରର ଅଧିକ ବାଘ ଥିବା କଥା ରେକର୍ଡ କରାଗଲା । ବିରଳ ଗଣସୂତ୍ର ପରିବର୍ତ୍ତନ ଯୋଗୁଁ ସେମାନଙ୍କ ଦେହର ରଙ୍ଗ କଳା ହେଉଥିବାରୁ ସେମାନଙ୍କ ସଂଖ୍ୟା ମଧ ସ୍ୱଳ୍ପ ରହିଛି । ତେବେ ଏହି ସଫାରି ଖୋଲିଲେ ପର୍ଯ୍ୟଟକଙ୍କ ସଂଖ୍ୟା ବେଶ ବୃଦ୍ଧି ପାଇବ ବୋଲି ବନ୍ୟ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି ।



# କେରଳ ରାଜ୍ୟପାଳଙ୍କୁ ଦିଆଗଲା ଜେଡ+ ସୁରକ୍ଷା



**ନୂଆଦିଲ୍ଲୀ(ଏଜେନ୍ସି) :** କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କୁ ଦିଆଗଲା ଜେଡ+ ସୁରକ୍ଷା । ଷ୍ଟୁଡେଣ୍ଟ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସଏଫଆଇ) ସହ ବିବାଦ ପରେ ରାଜ୍ୟପାଳଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଛି । ଆଜି ଗୃହମନ୍ତ୍ରଣାଳୟ ରାଜ୍ୟପାଳଙ୍କୁ ଜେଡ+ ସୁରକ୍ଷା ଦେଇଛି । କିଛିଦିନ ତଳେ ଶାସକ ସିପିଆଇ(ଏମ୍)ର ଯୁବ ଛାତ୍ର ଦଳ ଷ୍ଟୁଡେଣ୍ଟସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସଏଫଆଇ) ସହ ରାଜ୍ୟପାଳଙ୍କର ପ୍ରବଳ ଯୁକ୍ତିତର୍କ ହୋଇଥିଲା । ରାଜ୍ୟପାଳ ଏକ କାର୍ଯ୍ୟରେ ଯିବା ସମୟରେ ଛାତ୍ର ନେତା ତାଙ୍କୁ କଳା ପତାକା ପ୍ରଦର୍ଶନ କରିବା ସହ ତାଙ୍କ ଗାଡିକୁ ଅଟକାଇ ରାସ୍ତାରୋକ କରିଥିଲେ । ଏଥିରେ ରାଜ୍ୟପାଳ ଆରିଫ ରାଗିଯାଇ ଗାଡିରୁ ଓହ୍ଲାଇ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# କାକାଙ୍କ ପାଇଁ ପାଗଳ ଥିଲେ ଯୁବତୀ ; ରକ୍ତରେ ଲେଖୁଥିଲେ ଚିଠି



**ମୁମ୍ବାଇ(ଏନ୍.ଏମ୍.) :** ବଲିଉଡ଼ର ପ୍ରଥମ ସୁପରଷ୍ଟାର ଥିଲେ ରାଜେଶ ଖନ୍ନା । ଇଣ୍ଡଷ୍ଟ୍ରିରେ ‘କାକା’ ନାଁରେ ପରିଚିତ ଏହି ଅଭିନେତାଙ୍କ କ୍ରେଜ କାହିଁରେ କେତେ ଥିଲେ । ଯୁବତୀମାନେ ତାଙ୍କ ପାଇଁ ପାଗଳ ପାଲଟି ଯାଉଥିବା ବେଳେ ନିର୍ମାତାମାନେ ତାଙ୍କୁ ଫିଲ୍ମରେ ନେବାକୁ ଲଗାଉଥିଲେ ଲମ୍ବ ଲାଇନ୍ । ରାଜେଶଙ୍କ ପରି ଷ୍ଟାରଡମ୍ ଏଯାବତ୍ ଆଉ କାହାକୁ ମିଳିନାହିଁ । ତାଙ୍କ ପିଲା ବେଳର ନାଁ ଥିଲା ଯତୀନ ଖନ୍ନା । ତାଙ୍କ ବାପାମା’ ତାଙ୍କୁ ଚୁନ୍ନିଲାଲ ଖନ୍ନା ନାମକ ଜଣେ ସଂପର୍କୀୟଙ୍କ ହାତରେ ଟେକି ଦେଇଥିଲେ । ଚୁନ୍ନିଲାଲ ତାଙ୍କୁ ଦିଲ୍ଲୀର ଏକ ପ୍ରତିଷ୍ଠିତ ସ୍କୁଲରେ ପାଠ ପଢ଼ାଇଥିଲେ । ପରେ ସେ ରାଜେଶ ଖନ୍ନା ନାମରେ ଦୁନିଆ ସାମ୍ନାରେ ପରିଚିତ ହେଲେ । ୧୯୬୯ରୁ ୭୫ ମସିହା ପର୍ଯ୍ୟନ୍ତ ରାଜେଶ ଖନ୍ନା ସୁପରଷ୍ଟାର ଥିଲେ । ଉକ୍ତ ସମୟରେ ଜନ୍ମ ହେଉଥିବା ବହୁ ପିଲାଙ୍କ ନାମ ବାପାମା’ ରାଜେଶ ରଖୁଥିଲେ । ଯୁବତୀଙ୍କ ମଧ୍ୟରେ କାକା ଖୁବ୍ ଲୋକପ୍ରିୟ ଥିଲେ । ବହୁ ଯୁବତୀ ରକ୍ତରେ ତାଙ୍କ ନିକଟକୁ ଚିଠି ଲେଖୁଥିବା ବେଳେ ବହୁ ଜଣ ତାଙ୍କ ଫଟୋକୁ ହିଁ ବାହା ହୋଇଯାଉଥିଲେ । ଆଉ କିଏ କିଏ ନିଜ ହାତରେ ରାଜେଶଙ୍କ ନାମ ଲେଖି ଦେଉଥିଲେ । ଷ୍ଟୁଡିଓ ବାହାରେ ରାଜେଶଙ୍କ ଗାଡ଼ି ଦେଖିଲେ, ଯୁବତୀମାନେ ତାହାକୁ ନିଜ ଲିପଷ୍ଟିକ୍‌ରେ ଲାଲ କରି ଦେଉଥିଲେ । ରାଜେଶ ଖନ୍ନା ନିଜ ଫିଲ୍ମି କ୍ୟାରିଅର ୧୯୬୬ ମସିହାରେ ‘ଆଖିର ଖତ୍’ରୁ ଆରମ୍ଭ କରିଥିଲେ । ଏହାପରେ ୧୯୬୯ ମସିହାରେ ଆସିଥିବା ଫିଲ୍ମ ‘ଆରାଧନା’ ରାତାରାତି ତାଙ୍କୁ ସୁପରଷ୍ଟାର କରିଦେଲା । ୧୯୭୧ ମସିହା ପର୍ଯ୍ୟନ୍ତ ଲଗାତାର ୧୫ଟି ହିଟ୍ ଫିଲ୍ମ ଦେଇଥିଲେ ରାଜେଶ ଖନ୍ନା । ସେ ପ୍ରାୟ ୧୬୮ ଫିଲ୍ମରେ କାମ କରିଥିଲେ । ୧୯୭୦ ମସିହାରୁ ୧୯୮୭ ମସିହା ପର୍ଯ୍ୟନ୍ତ ସେ ହିନ୍ଦୀ ସିନେମାର ସବୁଠୁ ଅଧିକ ଫିସ୍ ନେଉଥିବା ଆକ୍ଟର ଥିଲେ । ରାଜେଶ ଖନ୍ନା ୩ ଥର ସର୍ବଶ୍ରେଷ୍ଠ ଅଭିନେତା ଭାବେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ । ମୃତ୍ୟୁ ପରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ମୁମ୍ତାଜ ଓ ଶର୍ମିଳା ଟାଗୋରଙ୍କ ସହ ତାଙ୍କ ଯୋଡ଼ି ସୁପରହିଟ୍ ଥିଲା । କେବଳ ମୁମତାଜଙ୍କ ସହ ସେ ୮ଟି ସୁପରହିଟ୍ ଫିଲ୍ମ ଦେଇଥିଲେ । ରାଜେଶଙ୍କର ବହୁ ହିରୋଇନଙ୍କ ସହ ଆଫେୟର ଚାଲିଥିବା ବେଳେ ଅଚାନକ ନିଜଠୁ ବୟସରେ ବହୁତ ଛୋଟ ଡିମ୍ପଲ କପାଡ଼ିଆଙ୍କୁ ବିବାହ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ । ରାଜେଶଙ୍କର ଦୁଇ ଝିଅ ହେଲେ ଟ୍ୱିଙ୍କିଲ ଓ ରିଙ୍କି ଖନ୍ନା । ଟ୍ୱିଙ୍କଲ ତାଙ୍କ ବାପାଙ୍କର ଖୁବ୍ ନିକଟତର ଥିଲେ । ଉଭୟଙ୍କ ଜନ୍ମ ଦିନ ମଧ୍ୟ ଗୋଟିଏ ତାରିଖରେ ଅର୍ଥାତ୍ ଡିସେମ୍ବର ୨୯ ତାରିଖରେ । ରାଜେଶ ଖନ୍ନାଙ୍କ ପତନର କାରଣ ପାଲଟିଥିଲେ ବଲିଉଡର ମହାନାୟକ ଅମିତାଭ ବଚ୍ଚନ । ଜଞ୍ଜିର’ ଓ ‘ଶୋଲେ’ ପରି ଆକ୍ସନ ଫିଲ୍ମରେ ଅମିତାଭଙ୍କ ଅଭିନୟ ଦେଖି ଫ୍ୟାନମାନେ ରାଜେଶଙ୍କ ରୋମାଣ୍ଟିକ୍ ଫିଲ୍ମରୁ ଧୀରେ ଧୀରେ ମୁହଁ ଫେରାଇ ନେଇଥିଲେ । ଏହାପରଠାରୁ ରାଜେଶଙ୍କ ବହୁ ଫିଲ୍ମ ଫ୍ଲପ୍ ହେବାକୁ ଲାଗିଲା । ରାଜେଶ ମନା କରି ଦେଇଥିବା ବହୁ ଫିଲ୍ମରେ ଅଭିନୟ କରି ଅମିତାଭ ରାତାରାତି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ । ଏହା ରାଜେଶଙ୍କ ପତନର କାରଣ ପାଲଟିଲା ।

# ଇଦରେ ଆସୁଛନ୍ତି ’ବଡେ ମିଆଁ ଛୋଟେ ମିଆଁ’, ଦେଖାଇଲେ ଝଲକ୍



**ମୁମ୍ବାଇ(ଏଜେନ୍ସି) :** ‘ଦିଲ୍ ସେ ସୋଲଜର, ଦିମାଗ୍ ସେ ସୈତାନ୍ ହେଁ ହମ୍ । ବଚକେ ରେହନା ହିନ୍ଦୁସ୍ତାନ ହେଁ ହମ୍’ ଏଭଳି କିଛି ଦମ୍‌ଦାର୍ ଡାଏଲଗ୍ ସହ ସାମ୍ନାକୁ ଆସିଛନ୍ତି ବଡେ ମିଆଁ ଛୋଟେ ମିଆଁ । ରିଲିଜ ହୋଇଛି ବଲିଉର ଅପକମିଂ ଫିଲ୍ମ ’ବଡେ ମିଆଁ ଛୋଟେ ମିଆଁ’ ଟିଜର । ଦମ୍‌ଦାର ଆକ୍ସନ ସାଙ୍ଗକୁ ଡଏଲଗ୍, ଲୋକଙ୍କୁ କରିଛି ଆଟ୍ରାକ୍ଟ । ପୁଣି ଥରେ ଦମ୍‌ଦାର ଆକ୍ସନ ସହ ପରଦାକୁ ଫେରୁଛନ୍ତି ଖିଲାଡି ଷ୍ଟାର୍ ଅକ୍ଷୟ କୁମାର । ତେବେ ସେ ଏକା ନୁହନ୍ତି । ତାଙ୍କ ସହ ଆକ୍ସନର ଡବଲ ଡୋଜ୍ ଦେବେ ଟାଇଗର ଶ୍ରଫ । ପ୍ରଥମ ଥର ପାଇଁ ଅକ୍ଷୟ କୁମାର ଓ ଟାଇଗର ଶ୍ରଫଙ୍କୁ ଏକାଠି ଦେଖିବାକୁ ମିଳିବ । ବହୁ ପ୍ରତିକ୍ଷିତ ଫିଲ୍ମ ’ବଡେ ମିଆଁ ଛୋଟେ ମିଆଁ’ରେ ଦୁହେଁ ଆକ୍ସନ ସାଙ୍ଗକୁ ଦର୍ଶକଙ୍କୁ କମେଡିର ଖୋରାକ ମଧ୍ୟ ଯୋଗାଇବେ । ଏହି ଫିଲ୍ମକୁ ନେଇ ଦର୍ଶକମାନେ ବେଶ୍ ଉତ୍ସାହିତ ଥିବା ବେଳେ ମେକର୍ସ ଏବେ ଏହାର ଟିଜର ରିଲିଜ କରିଛନ୍ତି । ୧ ମିନିଟ୍ ୩୮ ସେକେଣ୍ଡର ଏହି ଟିଜର୍‌ରେ ଭରପୂର ଆକ୍ସନ ରହିଛି । ଦମ୍‌ଦାର ଡାଏଲଗ୍ ସାଙ୍ଗକୁ ଅୟକ୍ଷ ଓ ଟାଇଗରଙ୍କ ଆକ୍ସନ ଷଣ୍ଟ ଦେଖି ଫ୍ୟାନ୍ସମାନେ ଏକ୍ସାଇଟେଡ୍ ହୋଇପଡିଛନ୍ତି । ରିଲିଜର କିଛି ଘଣ୍ଟା ମଧ୍ୟରେ ହିଁ ଏହି ଟିଜରଟିକୁ ୧୦ ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି । ଅଲ୍ଲି ଅବାସ ଜାଫରଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅକ୍ଷୟ କୁମାର ଓ ଟାଇଗର ଶ୍ରଫ ଥିବା ବେଳେ ତାଙ୍କ ଅପୋଜିଟ୍ରେ ଅଛନ୍ତି ସୋନାକ୍ଷୀ ସିହ୍ନା, ମାନୁଷି ଛିଲର୍ ଓ ଅଲାୟା ଏଫ୍ । କେବଳ ସେତିକି ନୁହେଁ ଖଳନାୟକ ଭୂମିକାରେ ଅଛନ୍ତି ସାଉଥର ସୁପରଷ୍ଟାର ପୃଥ୍ୱୀରାଜ ସୁକୁମାରନ୍ । ଜ୍ୟାକି ଭଗନାନିଙ୍କ ପ୍ରଯୋଜନାରେ ତିଆରି ଏହି ଫିଲ୍ମ ଇଦ୍ ଅବସରରେ ତଥା ଏପ୍ରିଲ ୨୪ ତାରିଖରେ ପରଦାକୁ ଆସିବ । ଏଥିର ଅକ୍ଷୟ କୁମାର ଓ ଟାଇଗର ଶ୍ରଫଙ୍କ ସହ ଦର୍ଶକମାନେ ଇଦ୍ ପାଳିବେ ।

# ସଞ୍ଜୟ ଲୀଳା ଭଂସାଲୀଙ୍କ ଫିଲ୍ମ ‘ଲଭ୍ ଆଣ୍ଡ ୱାର’ରେ ନଜର ଆସିବେ ରଣବୀର ଓ ବିକି, ଏହି ସେଲିବ୍ରିଟି ହେବେ ନାୟିକା



**ମୁମ୍ବାଇ(ଏଜେନ୍ସି) :** ସଞ୍ଜୟ ଲୀଲା ଭଂସାଲୀଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର ‘ଲଭ୍ ଆଣ୍ଡ ୱାର’ରେ ନଜର ଆସିବେ ହିଟ୍ ଯୋଡି । ୩ ସୁପରଷ୍ଟାର କରିବେ ସ୍କ୍ରିନ ସେୟାର । ପୂର୍ବରୁ ଏହି ୩ଜଣ ଏକାଠି କାମ କରିନଥିବା ବେଳେ ପ୍ରଥମ କରି ୩ଜଣ ସ୍କ୍ରିନ ସେୟାର କରିବାକୁ ଯାଉଛନ୍ତି । ଏହି ୩ଜଣ ସୁପରଷ୍ଟାର ହେଲେ ରଣବୀର କପୁର, ଆଲିଆ ଭଟ୍ଟ ଏବଂ ବିକି କୌଶଲ । ଏହା ହେଉଛି ୨୦୨୪ବର୍ଷର ସବୁଠାରୁ ବଡ ଘୋଷଣା । ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ଆଲିଆ ଭଟ୍ଟ ଏବଂ ବିକି କୌଶଲ ନିଜେ ଏହି ଖବରକୁ ନିଶ୍ଚିତ କରିଛନ୍ତି । ଫିଲ୍ମ ‘ଲଭ୍ ଆଣ୍ଡ ୱାର’ ଖ୍ରୀଷ୍ଟମାସ ୨୦୨୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି । ବିକି କୌଶଲ ପ୍ରଥମ ଥର ପାଇଁ ‘ଲଭ୍ ଆଣ୍ଡ ୱାର’ ସହିତ ସଞ୍ଜୟ ଲୀଲା ଭଂସାଲୀଙ୍କ ସହ କାମ କରିବାକୁ ଯାଉଛନ୍ତି । ରଣବୀର କପୁର ଏବଂ ଆଲିଆ ଭଟ୍ଟ ଦ୍ୱିତୀୟ ଥର ପାଇଁ ନିର୍ଦ୍ଦେଶକଙ୍କ ସହ ହାତ ମିଳାଇଛନ୍ତି । ଆଲିଆ ଭଟ୍ଟ ପୂର୍ବରୁ ସଞ୍ଜୟ ଲୀଲା ଭଂସାଲୀଙ୍କ ସହ ‘ଗଙ୍ଗୁବାଈ କାଠିଆୱାଡି’ରେ କାମ କରିଥିଲେ । ଏହି ଚଳଚ୍ଚିତ୍ର ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ । ଏହା ସହ ରଣବୀର କପୁର ନିର୍ଦ୍ଦେଶକଙ୍କ ସହ ତାଙ୍କର ପ୍ରଥମ ଚଳଚ୍ଚିତ୍ର ‘ସାବରିଆ’ କରିଥିଲେ । ତେବେ ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କ ମନକୁ ଛୁଇଁ ପାରିନଥିଲା ।

# ରଶ୍ମିକାଙ୍କ ଡିପଫେକ୍ ଭିଡିଓ କ୍ରିଏଟର ଗିରଫ



**ନୂଆଦିଲ୍ଲୀ(ଏଜେନ୍ସି) :** ରଶ୍ମିକା ମନ୍ଦନାଙ୍କ ଡିପଫେକ୍ ଭିଡିଓ କ୍ରିଏଟ କରିଥିବା ବ୍ୟକ୍ତି ଗିରଫ । ସମ୍ପୃକ୍ତ ବ୍ୟକ୍ତିକୁ ଦିଲ୍ଲୀରୁ ଗିରଫ କରିଛି ପୁଲିସ । ଗତ ବର୍ଷ ନଭେମ୍ବରରେ ରଶ୍ମିକାଙ୍କ ଏକ ଡିପଫେକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହୋଇଥିଲା । ଭିଡିଓଟି ଏପରି ବିକୃତ କରାଯାଇଥିଲା, ଯାହା ରଶ୍ମିକାଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବା ପରି । ପ୍ରକୃତରେ ଏହି ଭିଡିଓଟି ଜଣେ ବ୍ରିଟିଶ-ଇଣ୍ଡିଆନ ଇନଫ୍ଲୁଏନ୍ସର ଜାରା ପଟେଲଙ୍କର । ତାଙ୍କ ଭିଡିଓରେ ରଶ୍ମିକାଙ୍କ ଚେହେରାକୁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହାୟତାରେ ଏଡିଟ୍ କରାଯାଇଥିଲା । ଏହି ଭିଡିଓ ଭାଇରାଲ୍ ହେବା ପରେ ଅମିତାଭ ବଚ୍ଚନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଡିପଫେକ୍ ଫଟୋ ଏବଂ ଭିଡିଓ ଉପରେ କଟକଣା ଲଗାଇବାକୁ ଦାବି କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଚିନ୍ତା ପ୍ରକଟ କରିଥିଲେ । କେନ୍ଦ୍ର ସରକାର ମାମଲାକୁ ଗୁରୁତର ସହ ନେଇ ସୋଶାଲ ମିଡିଆ ପ୍ଲାଟଫର୍ମରେ ଯେପରି ଏହିପରି ଭିଡିଓ ଭାଇରାଲ୍ ନ ହୁଏ ସେଥିପାଇଁ ପ୍ଲାଟଫର୍ମଗୁଡିକୁ ଚେତାବନୀ ଦେଇଥିଲେ । ଏଥିସହ ସୋଶାଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ମାମଲା ପଞ୍ଜିକୃତ କରିବାର ବ୍ୟବସ୍ଥା କରିଥିଲେ । ରଶ୍ମିକାଙ୍କ ଡିପଫେକ୍ ଭିଡିଓ ଭାଇରାଲ୍ ହେବା ପରେ କ୍ୟାଟ୍ରିନା କୈଫ, ଆଲିଆ ଭଟ୍ଟଙ୍କ ସମେତ ଅନେକ ବଲିଉଡ କଳାକାର ଏହାର ଶିକାର ହୋଇଥିଲା । ଦିଲ୍ଲୀ ପୁଲିସ ଏ ଏପରେ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଚଳାଇଥିଲା । ଶେଷରେ ରଶ୍ମିକାଙ୍କ ଭିଡିଓ କ୍ରିଏଟ୍ କରିଥିବା କ୍ରିଏଟରକୁ ଗିରଫ କରିଛି ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍‌ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍‌ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

## କବିତା ଗୁଚ୍ଛ

### ମୋ ଗାଁ ସକାଳ

- ବିଷ୍ଣୁପ୍ରିୟା ପଣ୍ଡା



ବିଭାବରୀ ଯାଉଅଛି ଅପସରି
କାକ କୁକୁଟ ଡାକନ୍ତି
ଉଠରେ ଉଠରେ ଗଳାମାଳୀମୋର
ରାତି ହୋଇଲା ପାହାନ୍ତି ।
କୂଳବଧୂ ସବୁ ଅଗଣା ଖରକି
ଦାଣ୍ଡ ପହରନ୍ତି ଦେଖ
ଗୋମୟ ଜଳକୁ ଚତୁର୍ପାଶ୍ୱେ ସିଞ୍ଚି
କରନ୍ତି ପ୍ରତିଷେଧକ ।
ଅଭ୍ୟାସ ବଳରେ ବୃଦ୍ଧ ବୃଦ୍ଧା ସବୁ
ଗାଉଛନ୍ତି ରାମ ନାମ
ସୁନ୍ଦର ସ୍ୱର ତ ଭାଷି ଆସୁଅଛି
ପିଲାଙ୍କୁ ଏହା ବିଷମ ।
ଘଣ୍ଟ ଘଣ୍ଟା ଶଙ୍ଖ ସ୍ୱନେ ନିନାଦିତ
ମନ୍ଦିର ପ୍ରାଙ୍ଗଣେ ଦେଖ
ଧୂପ ସଳିତା ର ମହମହ ବାସ୍ନା
ଭରଇ ଚଉଦିଗ ତ ।
ମଧୁମକ୍ଷିକା ତ ପୁଷ୍ପଗୁଛେ ବସି
କରନ୍ତି ମଧୁ ସଂଗ୍ରହ
ପର ଉପକାର ପାଇଁ ସାଇତନ୍ତି
ହୋଇଣ କେତେ ନିର୍ଭୟ ।
ପ୍ରଜାପତି ସବୁ ଏଫୁଲେ ସେ ଫୁଲେ
ଶୋଭା ବର୍ଦ୍ଧନ କରନ୍ତି
ସକାଳ ପ୍ୱନ ଶରୀରକୁ ହିତ
ବୋଲି ଉଡି ବୁଲୁଛନ୍ତି ।
ପ୍ରଭାକର ଆସି ପ୍ରଭା ବିସ୍ତାରିଣ
ଖାଦ୍ୟପ୍ରାଣ ବାଣ୍ଟୁଛନ୍ତି
ବେଗ ବେଗ ଉଠି ଧାମ ରେ ପିଲାଏ
ଡେରିରେ ସରିଯିବଟି ।
ଅଙ୍ଗନୱାଡିକୁ ବାହାରି ଗଲେଣି
ସାଙ୍ଗ ସାଥି ତ ତୁମର
ତୁମେ ଡେରି କଲେ ଶିକ୍ଷକ ରାଗିବେ
ଘରୁ କରିବେ ବାହାର ।
ସୁନ୍ଦର ପବନ ପୁଣି ଖାଦ୍ୟପ୍ରାଣ
ପ୍ରକୃତି ରାଣୀର ଶୋଭା
ଦର୍ଶନ କରିବ ଉଠରେ ଉଠରେ
ରିଷି, ଅଂଶୀ, ଶ୍ରୀ, ଶ୍ରୀଜା ।

**ଯୋଗାଯୋଗ : ପହଙ୍ଗା, ନିଆଳୀ, କଟକ**

### ମା’ରାଣ ଦେହକୁ ନେବେନି...



ରାମ ଆଉସୁନ୍ତି ଅଯୋଧାଧାମକୁ
ସର୍ବେଯିବା ଆସ ମାତି...
ହିଂସାକପଟକୁ ପାଦରେ ଦଳିକି
ଜାଳିବା ସତ୍ୟର ବତୀ...
ରାଜନୀତିର ଛାଡିବ କାତି...
ମିଛେହନୁମାନ ବୋଲାଇବ ଯିଏ
ଚିରିକି ଦେଖିବା ଛାତି...

- ସମ୍ମିତ ସେନାପତି

## ବୋଉର ରୋଷେଇ ଘର

# ମାଟିହାଣ୍ଡି ଚିଙ୍ଗୁଡି କଷା



**ଆବଶ୍ୟକ ସାମଗ୍ରୀ-** ଚିଙ୍ଗୁଡି, ତେଲ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ପିଆଜ, ଅଦା ରସୁଣ ବଟା, ଟମାଟୋ ପେଷ୍ଟ, ଗରମ ମସଲା, ତେଜପତ୍ର, ପଞ୍ଚୁଫୁଟଣ ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ-** ପ୍ରଥମେ ଚିଙ୍ଗୁଡିକୁ ପରିଷ୍କାର କରି ଧୋଇ ଦିଅନ୍ତୁ । ଚିଙ୍ଗୁଡିକୁ ଧୋଇସାରିବା ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା ଓ ପିଆଜ ବଟା ପକାଇ ତାକୁ ଗୋଳାଇ ଦିଅନ୍ତୁ । ପରେ ତାକୁ କିଛି ସମୟ ପାଇଁ ଫ୍ରିଜରେ ରଖି ଦିଅନ୍ତୁ । ପରେ ମାଟିହାଣ୍ଡିକୁ ଗ୍ୟାସରେ ବସାଇ ଗରମ କରନ୍ତୁ । ହାଣ୍ଡି ଗରମ ହୋଇଯିବା ପରେ ସେଥିରେ ତେଲ ପକାନ୍ତୁ । ପରେ ସେଥିରେ ତେଜପତ୍ର ଓ ଗୁଟା ମସଲା ପକାନ୍ତୁ । ଏହା ଭାଜି ହୋଇଗଲା ପରେ କଟା ପିଆଜ ପକାନ୍ତୁ । ପିଆଜ ନାଲି ହୋଇଗଲା ପରେ ସେଥିରେ ଅଦା ରସୁଣ ବଟା, ପିଆଜ ବଟା ପକାଇ କଷନ୍ତୁ । ପରେ ସେଥିରେ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ, ଟମାଟୋ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ମସଲାକୁ ଭଲ ଭାବେ କଷି ଦିଅନ୍ତୁ । ମସଲା କଷି ହୋଇଗଲା ପରେ ପୂର୍ବରୁ ରଖିଥିବା ଚିଙ୍ଗୁଡିକୁ ସେଥିରେ ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ପରେ ସେଥିରେ ଅଳ୍ପ ପାଣି ଦେଇ ଘୋଡ଼ାଇ ଦିଅନ୍ତୁ । ଏହା ଫୁଟିବା ପରେ ସେଥିରେ ଗରମ ମସଲା ଓ ଧନିଆ ପତ୍ର ପକାଇ ଦିଅନ୍ତୁ । ପରେ ହାଣ୍ଡିକୁ ଗ୍ୟାସ ତଳକୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମାଟିହାଣ୍ଡି ଚିଙ୍ଗୁଡି କଷା । ଏହାକୁ ଆପଣ ଭାତ ଓ ରୁଟି ସହ ଖାଇପାରିବେ ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ବିଶ୍ୱରେ ୫ ଜଣ ଧନୀଙ୍କ ଧନ ଦୁଇ ଗୁଣ ବଢ଼ିଛି, ୫୦୦ କୋଟି ଗରିବ ହୋଇଛନ୍ତି !



**ନୂଆଦିଲ୍ଲୀ(ଏଜେନ୍ସି):** ବିଶ୍ୱରେ ଧନୀ ବ୍ୟକ୍ତି ଅଧିକ ଧନୀ ହୋଇଚାଲିଥିବା ବେଳେ ଗରିବ ଅଧିକ ଗରିବ ହୋଇ ରହିଯାଉଛି । ପୃଥିବୀର ମାତ୍ର ପାଞ୍ଚ ଜଣ ଧନୀ ବ୍ୟକ୍ତିଙ୍କ ଧନ ଦୁଇ ଗୁଣ ବଢ଼ିଥିବାବେଳେ ୫୦୦ କୋଟି ଲୋକ ଅଧିକ ଗରିବ ହୋଇଯାଇଛନ୍ତି । ଏକଥା ଆମେ କହୁନୁ, ଅକ୍ସଫାମର 'ଇନେକ୍ୱାଲିଟି ଇଙ୍କ୍' ବାର୍ଷିକ ରିପୋର୍ଟ ଏହା ଦର୍ଶାଇଛି । ଅକ୍ସଫାମ ହେଉଛି ଏକ ଏନଜିଓ ସଂସ୍ଥା, ଯାହା ବିଶ୍ୱସ୍ତରରେ ଅର୍ଥନୈତିକ, ଦାରିଦ୍ର୍ୟ ଉପରେ ଆଲୋକପାତ କରେ । ୨୦୧୪ ମସିହା ପରଠାରୁ ଏହି ସଂସ୍ଥା ସଂଗ୍ରହ କରିଥିବା ତଥ୍ୟକୁ ବିଶ୍ୱ ଅର୍ଥନୈତିକ ଫୋରମରେ ଉପସ୍ଥାପନ କରିଆସୁଛି, ଯାହା ବିଶ୍ୱର ଆର୍ଥିକ ଅସମାନତାକୁ ପ୍ରତିପାଦନ କରେ ଏବଂ ଆଗାମୀ ଭବିଷ୍ୟତ ପାଇଁ ବ୍ୟବସ୍ଥିତ ପରିବର୍ତ୍ତନ ଉପରେ ଦୃଷ୍ଟି ଆକର୍ଷଣ କରେ । ନିକଟରେ ଅକ୍ସଫାମ ଏହାର 'ଇନଇକ୍ୟାଲିଟି ଏନଆଇସି.' ରିପୋର୍ଟରେ ବିଶ୍ୱର ଅର୍ଥନୈତିକ ଏବଂ ଲିଙ୍ଗଗତ ଅସମାନତାକୁ ଦର୍ଶାଇଛି । ଏହାର ରିପୋର୍ଟରେ ଦର୍ଶାଯାଇଛି ଯେ, କୋଭିଡ ମହାମାରୀ ଅର୍ଥାତ୍ ୨୦୨୦ ମସିହା ପରଠାରୁ ବିଶ୍ୱର ପାଞ୍ଚ ଜଣ ଅରବପତିଙ୍କ ସମ୍ପତ୍ତି ଦ୍ୱିଗୁଣିତ ହୋଇଯାଇଛି, ମାତ୍ର ଏପରି ସମୟରେ ଶହ ଶହ କୋଟି ଲୋକ ଗରିବ ହୋଇ ରହିଯାଇଛନ୍ତି । ଏହି ତାଲିକାରେ କର୍ପୋରେଟ ଏବଂ ବିଶ୍ୱର ଟପ୍ ଟେନ୍ ଧନୀଙ୍କ ମଧ୍ୟରେ ସାତ ଜଣ ବଡ଼ ବଡ଼ କମ୍ପାନୀର ସିଇଓ କିମ୍ବା ଶେୟାରହୋଲ୍ଡର ଅଛନ୍ତି ।

## ଶ୍ରେଷ୍ଠ ପାଞ୍ଚ ଅରବପତିଙ୍କ ଧନ ବୃଦ୍ଧି

ବିଶ୍ୱର ଆର୍ଥିକ ଅସମାନତା ଦୃଷ୍ଟିରୁ ପୃଥିବୀର ଶ୍ରେଷ୍ଠ ପାଞ୍ଚ ଜଣ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ବୃଦ୍ଧି ହୋଇଥିବା ଏହି ରିପୋର୍ଟ ଦର୍ଶାଯାଇଛି । ୨୦୨୦ ପରଠାରୁ ଦୁନିଆର ପାଞ୍ଚ ଜଣ ଧନୀ ବ୍ୟକ୍ତିଙ୍କ ଅର୍ଥ ଦ୍ୱିଗୁଣିତ ହୋଇ ୮୬,୯୦୦ କୋଟି ଡ଼ଲାରରେ ପହଞ୍ଚିଛି । ଏହି ତାଲିକାରେ ଟେସଲା ଏବଂ ସ୍ପେସ୍ ଏକ୍ସ ସିଇଓ ଏଲନ୍ ମସ୍କଙ୍କ ଭଳି ହାଇ-ପ୍ରୋଫାଇଲ୍ ଧନୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ଲୁଇ ଭ୍ୟୁଟନ୍ ମୋଏଟ୍ ହେନେସି (ଏଲଭିଏମଏଚ)ର ମାଲିକ ବର୍ନାର୍ଡ ଆର୍ନଲ୍ଟ ଏବଂ ତାଙ୍କ ପରିବାର, ଆମାଜନ୍ ସିଇଓ ଜେଫ୍ ବେଜୋସ୍, ଓରାକଲ୍ ପ୍ରତିଷ୍ଠାତା ଲ୍ୟାରି ଏଲିସନ ଏବଂ ୱାରେନ୍ ବଫେଟ୍, ସିଇଓ ତଥା ନିବେଶ ସଂସ୍ଥାର ମାଲିକ ବେର୍କଶେୟାର୍ ହଥୱେ ଅଛନ୍ତି । ସମଗ୍ର ବିଶ୍ୱ ମହାମାରୀର ସଙ୍କଟରେ ଗତି କରୁଥିବାବେଳେ ସେମାନଙ୍କ ସମ୍ପତ୍ତି ଗତ ତିନିବର୍ଷ ମଧ୍ୟରେ ୧୧୪% ଅର୍ଥାତ ୪୬,୪୦୦ କୋଟି ଡଲାର ବୃଦ୍ଧି ପାଇଛି ।

## ବିଶ୍ୱର ଦାରିଦ୍ର୍ୟ ଏବଂ ଅସମାନତା

'ଇନକ୍ୱାଲିଟି ଆଇଏନସିର ଅନ୍ୟ ଏକ ପ୍ରମୁଖ ସନ୍ଧାନ ବିଶ୍ୱର ଉତ୍ତର ଏବଂ ଅନ୍ୟ ଅଂଶରେ ରହୁଥିବା ଅଧିବାସୀଙ୍କ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ଅସମାନତା ଥିବା ଦର୍ଶାଇଛି । ଏହାର ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱର ଉତ୍ତର ଭାଗରେ ବିଶେଷ କରି ଉତ୍ତର ଆମେରିକା ଏବଂ ପଶ୍ଚିମ ୟୁରୋପରେ ସର୍ବାଧିକ ଧନୀ ଶ୍ରେଣୀର ଲୋକ ରହୁଛନ୍ତି ।

ଏଠାରେ ବିଶ୍ୱର ମାତ୍ର ୨୦.୬ ପ୍ରତିଶତ ଲୋକ ଥାଇ ମଧ ମାନବ ବିକାଶ ଏବଂ ଶିଳ୍ପାୟନ କ୍ଷେତ୍ରରେ ଅଧିକ ଧନୀ ଶ୍ରେଣୀ ଅଛନ୍ତି । ଏହି ଲୋକମାନେ ବିଶ୍ୱର ଧନ ସମ୍ପତ୍ତିର ୬୯.୩%ର ଅଧିକାରୀ ହୋଇଛନ୍ତି । ବିଶ୍ୱର ୬୫୩ ବିଲିଓନେୟର ବା ଅରବପତି ଏହି ଅଞ୍ଚଳ ବା ଗ୍ଲୋବାଲ୍ ନର୍ଥରେ ବସବାସ କରୁଛନ୍ତି । ଅଥଚ ବିଶ୍ୱର ମୋଟ ଜନସଂଖ୍ୟାର ୭୯.୪% ଅବଶିଷ୍ଟ ୩୦.୭% ଧନର ମାଲିକ ଅଛନ୍ତି ।

## ଲିଙ୍ଗଗତ ପାର୍ଥକ୍ୟ

ବିଶ୍ୱର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ମହିଳା ଥିବାବେଳେ ବ୍ୟବସାୟ ନେତୃତ୍ୱ ଉପରେ ସେମାନଙ୍କର ସେତେଟା ପ୍ରଭାବ ନାହିଁ । ବିଶ୍ୱବ୍ୟାପୀ କେବଳ ୩୩% ବ୍ୟବସାୟ ମହିଳାଙ୍କ ହାତରେ ରହିଛି । ଏହି ଡାଟା ବ୍ୟବସାୟ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣର ଏକ ବଡ଼ ପାର୍ଥକ୍ୟକୁ ସୂଚାଉଛି । କାରଣ ପୂର୍ବ ଏସିଆ ଏବଂ ପ୍ରଶାନ୍ତ ମହାସାଗରରେ (୪୭% ମହିଳା ଅଂଶ) ଥିବାବେଳେ ୟୁରୋପ ଏବଂ ମଧ ଏସିଆ (୩୩%) ରହିଛି । ସେହିପରି ଦକ୍ଷିଣ ଏସିଆରେ ସବୁଠାରୁ ଅସନ୍ତୁଳନ ଦେଖାଯାଉଛି, ଯେଉଁଠାରେ ବ୍ୟବସାୟ ନେତୃତ୍ୱ କ୍ଷେତ୍ରରେ କେବଳ ୧୮% ମହିଳାଙ୍କ ଅଂଶ ରହିଛି ।

# ଦୁର୍ଘଟଣାଗ୍ରସ୍ତ ହେଲା ସେନା ବିମାନ, ୭୪ ମୃତ

**ବେଲଗୁଡ଼(ଏଜେନ୍ସି):** ଦୁର୍ଘଟଣାଗ୍ରସ୍ତ ହେଲା ସେନା ବିମାନ । ଋଷର ଏକ ସେନା ବିମାନ ୟୁକ୍ରେନ୍ ସୀମା ନିକଟରେ କ୍ରାଶ ହୋଇଛି । ଏହି ଦୁର୍ଘଟଣାରେ ୭୪ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଋଷ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଛି । ରାଏଟର୍ସର ସୂଚନା ମୁତାବକ, ଋଷ ସେନା ବିମାନ ଆଇଏଲ-୭୬ ଟ୍ରାନ୍ସପୋର୍ଟ ବିମାନ ୟୁକ୍ରେନ ସୀମା ନିକଟସ୍ଥ ପଶ୍ଚିମ ବେଲଗୁଡ ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ବିମାନରେ ୟୁକ୍ରେନର ସେହି ଲୋକମାନେ ଥିଲେ ଯେଉଁମାନଙ୍କୁ ଯୁଦ୍ଧବନ୍ଦୀ ରୂପେ ଅପହରଣ କରାଯାଇଥିଲା । ଋଷ ରକ୍ଷା ମନ୍ତ୍ରାଳୟର କହିବା ମୁତାବକ, ବିମାନରେ ୬୫ ଜଣ ସୈନିକଙ୍କ ସମେତ ମୋଟ ୭୪ ଜଣ ଥିଲେ । ୟୁକ୍ରେନର ଏହି କଏଦ ସୈନଙ୍କୁ ଏକ୍ସଚେଞ୍ଜ ପାଇଁ ବବେଲଗୁଡ ଅଞ୍ଚଳକୁ ବିମାନ ଯୋଗେ ପଠାଯାଉଥିଲା । ତାଙ୍କ ସହ ବିମାନରେ ୬ଜଣ କ୍ରୁ ସଦସ୍ୟ ଓ ତିନି ଜଣ ଏସ୍କର୍ଟ ମଧ ସାମିଲ ଥିଲେ । ଦୁର୍ଘଟଣାରେ ସମସ୍ତଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି ।

# କର୍ପୂରୀ ଠାକୁରଙ୍କୁ ଭାରତ ରତ୍ନ ; ମୋଦିଙ୍କୁ ପ୍ରଶଂସାରେ ପୋତିଲେ ନୀତୀଶ

**ପାଟଣା(ଏଜେନ୍ସି):** ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ ଏବଂ ସମାଜସେବୀ କର୍ପୂରୀ ଠାକୁରଙ୍କୁ ଭାରତ ରତ୍ନ ସମ୍ମାନ ଘୋଷଣା ପରେ ବଦଳି ଯାଇଛି ରାଜନୈତିକ ପାଣିପାଗ । କାରଣ ମେଣ୍ଟ ଦଳରେ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କେନ୍ଦ୍ରର ବିଜେପି ସରକାରଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି । ଏଥିସହ କଂଗ୍ରେସକୁ ଟାର୍ଗେଟ କରିବା ସହ ବଂଶବାଦୀ ରାଜନୀତିକୁ ଆକ୍ଷେପ କରିଛନ୍ତି । ଗତକାଲି କର୍ପୂରୀ ଠାକୁରଙ୍କର ଜନ୍ମବାର୍ଷିକୀ ଥିଲା । ଏହାର ଠିକ୍ ପୂର୍ବଦିନ ସନ୍ଧ୍ୟାରେ କର୍ପୂରୀଙ୍କୁ ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯିବା ନେଇ ଘୋଷଣା କରିଥିଲେ କେନ୍ଦ୍ର ସରକାର । ଏହାପରେ ବଦଳିଯାଇଛି ରାଜନୈତିକ ପାଣିପାଗ । କର୍ପୂରୀଙ୍କ ଜନ୍ମ ବାର୍ଷିକୀରେ ଜେଡି(ୟୁ) ଦ୍ୱାରା ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଜେପି ସରକାର ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି । ନୀତୀଶ କହିଛନ୍ତି,



'୨୦୦୫ ମସିହାରେ ବିହାରରେ କ୍ଷମତାକୁ ଆସିବା ପରଠାରୁ ୨୦୨୩ ପର୍ଯ୍ୟନ୍ତ ମୁଁ କର୍ପୂରୀଙ୍କୁ ଭାରତ ରତ୍ନ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଆସିଛି । ପରିଶେଷରେ, ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ମୋ ଦାବି ପୂରଣ କରିଛନ୍ତି, ଯାହା ପାଇଁ ମୁଁ ଉଭୟ କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଉଛି ।' 'ମୋତେ ରାମନାଥ ଠାକୁର (କର୍ପୁରୀଙ୍କ ପୁଅ ତଥା ସାଂସଦ) କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ତାଙ୍କୁ କଲ୍ କରିଥିଲେ । ପ୍ରଧାନମନ୍ତ୍ରୀ କିନ୍ତୁ ମୋତେ କଲ୍ କରିନାହାନ୍ତି । ତଥାପି ମିଡିଆ ମାଧ୍ୟମରେ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି । ମୁଁ ତାଙ୍କୁ କହିବାକୁ ଚାହେଁ କି, 'ଆମେ କ'ଣ କରିଛୁ ତାକୁ ଧ୍ୟାନ ନଦେଇ ସେ (ପ୍ରଧାନମନ୍ତ୍ରୀ) କ୍ରେଡିଟ୍ ନେଇପାରନ୍ତି' । ବଂଶଗତ ରାଜନୀତିକୁ ମଧ ଆକ୍ଷେପ କରିଛନ୍ତି ନୀତୀଶ । ସେ କହିଛନ୍ତି, ବର୍ତ୍ତମାନର ଅନେକ ନେତା ବଂଶଗତ ରାଜନୀତିକୁ ପ୍ରୋତ୍ସାହିତ କରୁଛନ୍ତି । ତାଙ୍କ ପରିବାରର ଲୋକ କିପରି ରାଜନୀତିରେ ରହିବେ, ସେଥିପାଇଁ ଅଧିକ ଧ୍ୟାନ ଦେଉଛନ୍ତି । ମୁଁ କର୍ପୂରୀଙ୍କଠାରୁ ପ୍ରେରିତ ହୋଇ ବଂଶଗତ ରାଜନୀତିଠୁ ଦୂରେଇ ରହିଛି । ମୁଁ ମୋ ନିଜ ପରିବାରକୁ କେବେ ପ୍ରୋତ୍ସାହିତ କରି ନାହିଁ, ବରଂ ଦଳର ଅନ୍ୟମାନଙ୍କୁ ଆଗକୁ ଯିବାରେ ସମର୍ଥନ କରିଛି । ସମାଜସେବୀ ନେତା କର୍ପୂରୀଙ୍କ ଦେହାନ୍ତ ପରେ ତାଙ୍କ ପୁଅ ରାମନାଥ ଠାକୁରଙ୍କୁ ସମର୍ଥନ କରିଆସିଛି ବୋଲି ନୀତୀଶ କହିଛନ୍ତି । ସବୁଠୁ ବଡ଼ କଥା ହେଉଛି କି, ଆରଜେଡି ଏବଂ ଜେଡିୟୁ ମିଳିତ ଭାବେ ବିହାରରେ ସରକାରରେ ଥାଇ ମଧ ଅଲଗା ଅଲଗା ରାଲି କରିଥିଲେ । ନୀତୀଶଙ୍କ ସହଯୋଗୀ ଆରଜେଡି ମଧ କର୍ପୂରୀଙ୍କ ଜନ୍ମ ବାର୍ଷିକୀରେ ପୃଥକ ରାଲି ଆୟୋଜନ କରିଥିଲା । ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ପୁଅ ତଥା ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ପ୍ରସାଦ ଯାଦବ ଏହି ରାଲିକୁ ସମ୍ବୋଧିତ କରିଥିଲେ । ନୀତୀଶ ପରୋକ୍ଷରେ ଲାଲୁ ପ୍ରସାଦ ଯାଦବଙ୍କୁ ବଂଶଗତ ରାଜନୀତି ଆକ୍ଷେପ କରିଥିବା କୁହାଯାଉଛି । କାରଣ ବର୍ତ୍ତମାନ ଲାଲୁଙ୍କ ପରିବାରର ପାଞ୍ଚ ଜଣ ସଦସ୍ୟ ସକ୍ରିୟ ରାଜନୀତିରେ ଅଛନ୍ତି । ନୀତୀଶଙ୍କ ଏହି କଟାକ୍ଷ ପରେ ଆଗାମୀ ଲୋକସଭା ନିର୍ବାଚନରେ ଏକ ବଡ଼ ରାଜନୀତିକ ପରିବର୍ତ୍ତନ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି ।

# ଭୁଶୁଡ଼ିଲା ସୁନା ଖଣି, ୭୩ ମୃତ

**ନୂଆଦିଲ୍ଲୀ(ଏଜେନ୍ସି):** ସୁନା ଖଣିରେ ଅଘଟଣ । ସୁନା ଖଣି ଧସିବା ଯୋଗୁ ୭୦ରୁ ଅଧିକ ଜଣଙ୍କ ମୃତ୍ୟୁ ହୋଇଛି । ଆଫ୍ରିକାର ମାଲିରେ ଘଟିଛି ଏହି ଅଘଟଣ । ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି । ବୁଧବାର ମାଲିରେ ଥିବା ଏକ ବେଆଇନ ସୁନା ଖଣି ଭୁଶୁଡି ପଡିଥିଲା । ଫଳରେ ଘଟଣାସ୍ଥଳରେ ହିଁ ୭୩ ଜଣଙ୍କ ମୃତ୍ୟୁ ହୋଇଛି । ଆହୁରି ଅନେକ ଲୋକେ ଖଣି ଭିତରେ ଚାପି ହୋଇ ରହିଥିବା ଆଶଙ୍କା କରାଯାଉଛି । ତେଣୁ ତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଚାଲିଛି । ଦକ୍ଷିଣ ପଶ୍ଚିମ ସହର କଙ୍ଗାବାର ଜଣେ ଅଧିକାରୀ କହିଛନ୍ତି,



ଏକ ଜୋର୍‌ରେ ଶବ୍ଦ ଶୁଭିବା ପରେ ଭୂମି ଦୋହଲିବାକୁ ଲାଗିଥିଲା । ଏଥିସହ ଜୋର୍‌ରେ କମ୍ପନ ହୋଇଥିଲା । ଏହାପରେ ଏହି ଦୁର୍ଘଟଣା ଘଟିଥିଲା । ସେ ନ୍ୟୁଜ୍ ଏଜେନ୍ସି ଏଏଫ୍‌ପିକୁ କହିଛନ୍ତି ଯେ ଘଟଣା ସ୍ଥଳର ଚାରିପାଖରେ ୨୦୦ ରୁ ଅଧିକ ସୁନା ଖଣି ଅଛି । ଶ୍ରମିକଙ୍କ ସନ୍ଧାନ ଏବେବି ଜାରି ରହିଛି । ବର୍ତ୍ତମାନ ଭୁଶୁଡିପଡିଥିବା ଖଣିରୁ ୭୩ ଟି ମୃତଦେହ ବାହାର କରାଯାଇଛି । ଏହି ଦୁର୍ଘଟଣା ପରେ ମାଲିର ଖଣି ମନ୍ତ୍ରାଳୟ ଦୁଃଖ ପ୍ରକାଶ କରିଛନ୍ତି । ଏଥିସହ ମୃତକଙ୍କ ପରିବାର ପ୍ରତି ସମବେଦନ ଜଣାଇଛନ୍ତି । ଏହି ଘଟଣା ପରେ ସୁରକ୍ଷା ଆବଶ୍ୟକତା ଅନୁସରଣ କରିବାକୁ ଖଣି ମାଲିକ ତଥା ଖଣି ସ୍ଥାନ ନିକଟରେ ରହୁଥିବା ଲୋକମାନଙ୍କୁ ସେ ଅନୁରୋଧ କରିଛନ୍ତି । ଆଫ୍ରିକାର ତୃତୀୟ ସବୁଠାରୁ ବଡ଼ ସୁନା ଉତ୍ପାଦନକାରୀ ଦେଶ ମାଲିରେ ଏଭଳି ଦୁର୍ଘଟଣା ଘଟିବା ସାଧାରଣ କଥା । ଦେଶରେ ବେଆଇନ ଖଣି ଖନନ ବନ୍ଦ କରିବାକୁ ସରକାର ପଦକ୍ଷେପ ନେବା ଉଚିତ ବୋଲି ଅଧିକାରୀମାନେ ଦାବି କରିଛନ୍ତି । ଯାହାଫଳରେ ଏହିପରି ଦୁର୍ଘଟଣାକୁ ଏଡ଼ା ଯାଇପାରିବ ।

# ଆଇନ ଅଦାଲତ

## ଶ୍ରୀମନ୍ଦିର ଆଇନରେ ସଂଶୋଧନକୁ ହାଇକୋର୍ଟରେ ଚାଲେଞ୍ଜ

### ସଂଶୋଧିତ ଧାରା ଅନୁସାରେ ହୋଇଥିବା କାରବାର ସମ୍ପର୍କରେ ତଥ୍ୟ ଦାଖଲ ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନ,୧୯୫୪ର ସଂଶୋଧିତ ଧାରା ୧୬(୨) ଆଧାରରେ କଣ ସବୁ କାରବାର କରାଯାଇଛି ଓ କେତେ ଜମି ବିକ୍ରି କରାଯାଇଛି ସେ ନେଇ ସବିଶେଷ ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାର ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ୍ ରଂଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସଂପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି ଯେ ରାଜ୍ୟ ସରକାର ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନଙ୍କ ଜବାବରେ ସଂଶୋଧିତ ଧାରା ଅନୁସାରେ ହୋଇଥିବା କାରବାର ସଂପର୍କରେ ସବିଶେଷ ତଥ୍ୟ ନାହିଁ । ଏଭଳି ସ୍ଥିତିରେ ଏହି ପ୍ରସଂଗରେ ସାନି ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୨୨, ମାର୍ଚ୍ଚ ୧୫ରେ ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାର, ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ଉପପ୍ରଶାସକ, ପରିଚାଳନା କମିଟି, ଦେବୋତ୍ତର କମିସନ ଓ ଅନ୍ୟମାନଙ୍କୁ



ନୋଟିସ୍ ଜାରି କରି ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ଆଇନ,୧୯୫୪ର ସଂଶୋଧିତ ଧାରା ୧୬(୨) ଆଧାରରେ ଗ୍ରହଣ କରାଯାଉଥିବା ସମସ୍ତ ପଦକ୍ଷେପର ଭବିଷ୍ୟତ ମାମଲାର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ । ଆଇନରେ ସଂଶୋଧନ ପରେ ନୂଆ ଧାରା ୧୬(୨) ଅନୁସାରେ କରାଯାଇଥିବା ସମସ୍ତ କାରବାରର ସବିଶେଷ ବିବରଣୀ ଜବାବରେ ପ୍ରତିପକ୍ଷ ଉଲ୍ଲେଖ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମାମଲାର ବିବରଣୀରୁ ପ୍ରକାଶ ଯେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଆଇନରେ ରାଜ୍ୟ ସରକାର ସଂଶୋଧନ କରିଥିଲେ । ଏପରି ସଂଶୋଧନକୁ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ମିଳିଥିଲା । ସଂଶୋଧନ ନେଇ ୨୦୨୨, ଜାନୁଆରି ୯ରେ ଅଧ୍ୟାଦେଶ ଜାରି କରାଯାଇଥିଲା । ବିଶେଷକରି ପୂର୍ବରୁ ଥିବା ଆଇନ ଅନୁସାରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଶ୍ରୀଜଗନ୍ନାଥଙ୍କ ନାମରେ ରହିଥିବା କେ ?ଣସି ଅସ୍ଥାବର ସମ୍ପତ୍ତି ଦାଖଲକୁ ନେଇଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି ବିନା ଏହାକୁ ବିକ୍ରି କରିପାରିବ ନାହିଁ, କିମ୍ବା କାହାକୁ ଲିଜ୍ ସୂତ୍ରରେ ଦେଇପାରିବ ନାହିଁ । ସେହିପରି କୌଣସି ପରିସ୍ଥିତିରେ ସରକାରଙ୍କ ବିନା ଅନୁମତିରେ ମନ୍ଦିର ପରିଚାଳନା କମିଟି ଶ୍ରୀଜଗନ୍ନାଥଙ୍କ ଜମିକୁ ବନ୍ଧକ ରଖି ପାରିବେ ନାହିଁ ବୋଲି ଆଇନରେ ବ୍ୟବସ୍ଥା ଥିଲା । ଶ୍ରୀଜଗନ୍ନାଥ ମନ୍ଦିର ଆଇନରେ ଥିବା ଏଭଳି ବ୍ୟବସ୍ଥାରେ ସରକାର ସଂଶୋଧନ ଆଣି ଧାରା ୧୬(୨) ଯୋଡି ଥିଲେ । ଆଇନରେ ସଂଶୋଧନ ଅଣାଯିବା ଦ୍ୱାରା ସମସ୍ତ କ୍ଷମତା ମନ୍ଦିର ପରିଚାଳନା କମିଟି ହାତକୁ ଯାଇଥିଲା । ଶ୍ରୀଜଗନ୍ନାଥଙ୍କ ଅସ୍ଥାବର ସଂପତ୍ତି ବିକ୍ରି ବା ଲିଜ୍ରେ ଦେବା ପାଇଁ ପରିଚାଳନା କମିଟିକୁ ଆଉ ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି ଆବଶ୍ୟକ ନାହିଁ । ଆଇନରେ ସଂଶୋଧନ ଆଣି ସରକାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ ଏପରି କ୍ଷମତା ପ୍ରଦାନ କରିବା ଦ୍ୱାରା ଶ୍ରୀଜଗନ୍ନାଥଙ୍କ ସଂପତ୍ତି ପ୍ରତି ବିପଦ ଦେଖା ଦେଇଛି ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଏପରି କ୍ଷମତାର ଅପବ୍ୟବହାର ହେବାର ସମ୍ଭାବନା ରହିଛି । ଏବେ ୩୫ ହଜାର ଏକର ଜମି ଶ୍ରୀଜଗନ୍ନାଥଙ୍କ ନାଁରେ ରେକର୍ଡଭୁକ୍ତ ହୋଇ ରହିଥିବା ବେଳେ ଆଉ ୨୫ ହଜାର ଏକର ଜମି ରେକର୍ଡଭୁକ୍ତ ହୋଇ ପାରି ନାହିଁ । ଶ୍ରୀଜଗନ୍ନାଥଙ୍କ ସଂପତ୍ତିର ସୁରକ୍ଷାକୁ ଦୃଷ୍ଟିରେ ରଖି ଆଇନରେ କରାଯାଇଥିବା ଜାନୁଆରି ୯ର ସଂଶୋଧନକୁ ରଦ୍ଦ କରାଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି । ଆବେଦନକାରୀ ଦିଲ୍ଲୀପ କୁମାର ବରାଳଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

## କନିଷ୍ଠ ଶିକ୍ଷକ ନିଯୁକ୍ତି ମାମଲା : ଜାନୁଆରୀ ୩୦ ପର୍ଯ୍ୟନ୍ତ ନିଯୁକ୍ତି ଉପରେ ଅଙ୍କୁଶ

**କଟକ(ଏନ୍.ଏମ୍.):** କନିଷ୍ଠ ଶିକ୍ଷକ (ଜୁନିୟର ଟିଚର) ନିଯୁକ୍ତି ମାମଲାରେ ହାଇକୋର୍ଟ ଜାନୁଆରି ୩୦ ପର୍ଯ୍ୟନ୍ତ ଅଙ୍କୁଶ ଜାରି କରିଛନ୍ତି । ଫଳରେ ସେହି ସମୟ ଯାଏ ସରକାର ନିଯୁକ୍ତି ସଂକ୍ରାନ୍ତରେ ଚୂଡାନ୍ତ ନିଷ୍ପତ୍ତି ନେଇ ପାରିବେ ନାହିଁ । ହାଇକୋର୍ଟ ମାମଲାର ଶୁଣାଣି କରି ପୂର୍ବରୁ ଜାନୁଆରି ୧୯ରେ ଜାରି ଅନ୍ତରୀଣ ନିର୍ଦ୍ଦେଶ ଜାନୁଆରି ୩୦ ପର୍ଯ୍ୟନ୍ତ ବଳବତ୍ତର ରଖିବାକୁ କହିଛନ୍ତି । ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ମାମଲାର ଶୁଣାଣି ସମୟରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା । କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲାଓ୍ୱାରୀ ତାଲିକା ପ୍ରକାଶ କରାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା । ପୂର୍ବରୁ ଯେଉଁ ତାଲିକା ପ୍ରସ୍ତୁତ କରାଯାଇଥିଲା ତାହା ପ୍ରତ୍ୟାହାର କରାଯାଇଛି କି ନାହିଁ ସେ ନେଇ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ । ଅନ୍ୟପକ୍ଷରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଜିଲ୍ଲାଓ୍ୱାରୀ ତାଲିକା ଠିକ ଢଙ୍ଗରେ ପ୍ରସ୍ତୁତ କରାଯାଇ ନାହିଁ । ବାଲେଶ୍ୱର ଜିଲ୍ଲା ପାଇଁ ପ୍ରସ୍ତୁତ ତାଲିକା ପ୍ରସଂଗରେ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଯେଉଁ ପ୍ରାର୍ଥୀ ଅନ୍ୟ ଜିଲ୍ଲାକୁ ପ୍ରଥମ ପ୍ରିଫରେନ୍ସ ଭାବେ ବାଛିଥିଲେ ତାଙ୍କ ନାଁ ବାଲେଶ୍ୱର ଜିଲ୍ଲା ସଂପର୍କିତ ତାଲିକାରେ ସ୍ଥାନ ପାଇଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ଏଥିସହିତ ଆବେଦନକାରୀଙ୍କ ତରଫରୁ ହାଇକୋର୍ଟରେ ଅତିରିକ୍ତ ସତ୍ୟପାଠ ଦାଖଲ କରାଯାଇଥିଲା । ଉଭୟ ପକ୍ଷଙ୍କ ସହମତିରେ ଜାନୁଆରି ୩୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓସେପା ପକ୍ଷରୁ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲ ଗୁଡ଼ିକରେ କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ୨୦୨୩ ସେପ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୨୪ ଜାନୁଆରି ୧୫ରେ ଓସେପା ତରଫରୁ କନିଷ୍ଠ ଶିକ୍ଷକ ପଦ ପାଇଁ ଚିଠା ମେଧା ତାଲିକା (ଡ୍ରାଫ୍ଟ ମେରିଟ ଲିଷ୍ଟ) ପ୍ରକାଶ ପାଇଥିଲା । କିନ୍ତୁ ନିୟମ ଉଲ୍ଲଂଘନ କରି ଚିଠା ମେଧା ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ଦର୍ଶାଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ତଥା ମୂଳ ନିଯୁକ୍ତି ବିଜ୍ଞପ୍ତିରେ ରହିଥିବା ସର୍ତ୍ତାବଳୀ ପାଳନ ନ କରି ଚିଠା ମେଧା ତାଲିକା ପ୍ରସ୍ତୁତ କରାଯାଇଛି । ଜିଲ୍ଲାଓ୍ୱାରୀ ତାଲିକା ପ୍ରସ୍ତୁତ କରାଯିବାକୁ ଥିବା ବେଳେ ରାଜ୍ୟସ୍ତରରେ ତାଲିକା ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଥିଲା । ଫଳରେ ବହୁ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡ଼ିଛନ୍ତି ବୋଲି ଅଭିଯୋଗ ହୋଇଛି । ଜାନୁଆରି ୧୯ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରସଂଗରେ ଅନ୍ତରୀଣ ଅଙ୍କୁଶ ଜାରି କରିଥିଲେ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସମୀର କୁମାର ଦାସ ମାମଲା ପରିଚାଳନା କରୁଛନ୍ତି ।

## ଅଫିସରମାନେ ଶୁଣୁନାହାନ୍ତି, କୋର୍ଟରେ ଲଜ୍ଜିତ ହେଉଛନ୍ତି ସରକାର : ସଚିବମାନଙ୍କୁ ଏଜି ଅଫିସରୁ ଚିଠି

**ଭୁବନେଶ୍ୱର(ଏନ୍.ଏମ୍.):** "ଅଦାଲତ ଅବମାନନା ନୋଟିସ୍ ସତ୍ତ୍ୱେ ଅଫିସରମାନେ ଶୁଣୁନାହାନ୍ତି । ଏପରିକି ଅଧିକାଂଶ ମାମଲାରେ ଅନୁପାଳନ ସତ୍ୟପାଠ ବି ଦାଖଲ ହେଉନିକି କେଉଁ କାରଣ ପାଇଁ ବିଳମ୍ବ ହେଉଛି ଅବା ଏହା ଦାଖଲ ହେଉନି ସେ ସମ୍ପର୍କରେ ଆଡେଭାକେଟ୍ ଜେନେରାଲଙ୍କ ଅଫିସକୁ ମଧ ବିଭାଗଗୁଡ଼ିକ ଅବଗତ କରୁନାହାନ୍ତି । କେତେକ ମାମଲାରେ ଦ୍ୱିତୀୟଥର ଅଦାଲତ ଅବମାନନା ନୋଟିସ ଉପରେ ବି ବିଭାଗଗୁଡ଼ିକ ନିରବ ରହୁଛନ୍ତି । ଯେଉଁଥିପାଇଁ କୋର୍ଟରେ ରାଜ୍ୟ ସରକାରଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ଓ କୋର୍ଟ ଏକତରଫା ରାୟ ଦେଉଛନ୍ତି ଯାହାର ପ୍ରତିକୂଳ ପ୍ରଭାବ ପଡୁଛି । ରାଜ୍ୟ ସରକାରଙ୍କ ଆଡଭୋକେଟ୍ ଜେନେରାଲ(ଏଜି)ଙ୍କ କାର୍ଯ୍ୟାଳୟ ଗତକାଲି ଏଭଳି କିଛି ଚିଠି ଲେଖି ବିଭାଗୀୟ ମୁଖ୍ୟମାନଙ୍କ କାର୍ଯ୍ୟଶୈଳୀକୁ ପଦାରେ ପକାଇଛନ୍ତି । ବିଶେଷକରି ଅଦାଲତ ଅବମାନନା ନୋଟିସକୁ ଯେଉଁଭଳି ଢଙ୍ଗରେ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଅଣଦେଖା କରୁଛନ୍ତି ତାହା ଉଲ୍ଲେଖ କରି ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟର ସରକାରୀ ଓକିଲ ଜ୍ୟୋତିପ୍ରକାଶ ପଟ୍ଟନାୟକ ଗତକାଲି ସବୁ ବିଭାଗୀୟ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ମୁଖ୍ୟ ସଚିବଙ୍କୁ ମଧ ଏନେଇ ଅବଗତ କରାଇଛନ୍ତି । ସେ କହିଛନ୍ତି ଯେ, ପ୍ରଥମଥର ଅଦାଲତ ଅବମାନନା ନୋଟିସ ଉପରେ ଜବାବ ରଖିବାକୁ କୋର୍ଟ ପୁଣିଥରେ ଅଧିକ ସମୟ ଦେଉଥିଲେ ମଧ ବିଭାଗଗୁଡ଼ିକ ନିର୍ଦ୍ଧାରିତ ଅବଧିରେ ଅନୁପାଳନ ରିପୋର୍ଟ ଦାଖଲ କରୁନାହାନ୍ତି କିମ୍ବା ଏନେଇ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟାଳୟକୁ ମଧ ଅବଗତ କରାଉନାହାନ୍ତି । ଏପରିକି ଦ୍ୱିତୀୟଥର ଅଦାଲତ ଅବମାନନା ନୋଟିସ ଜାରି ହେବା ପରେ ବି ସମ୍ପୃକ୍ତ ବିଭାଗଗୁଡ଼ିକ ଦ୍ୱାରା ଅନୁପାଳନ ରିପୋର୍ଟ ଦାଖଲ ହେଉନି । ଯେଉଁଥିପାଇଁ କୋର୍ଟରେ ରାଜ୍ୟ ସରକାରଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସେ କହିଛନ୍ତି । ଅଦାଲତ ଅବମାନନା ମାମଲାରେ ଅନୁପାଳନ ରିପୋର୍ଟ ଦାଖଲକୁ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ବିଭାଗୀୟ ମୁଖ୍ୟ, ସମ୍ପୃକ୍ତ ବିଭାଗର ଲ' ଅଫିସର ଓ ନୋଡାଲ ଅଫିସରମାନେ ପ୍ରାଥମିକତା ଭିତ୍ତିରେ ଅନୁପାଳନ ରିପୋର୍ଟ ଯେପରି ଦାଖଲ କରିବେ ସେ ନେଇ ନିର୍ଦ୍ଦେଶ ଦେବା ପାଇଁ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି । ଉକ୍ତ ଅନୁପାଳନ ରିପୋର୍ଟକୁ ହାଇକୋର୍ଟଙ୍କୁ ପଠାଇବା ସହ ଆଡଭୋକେଟ୍ ଜେନେରାଲଙ୍କ ଅଫିସକୁ ମଧ ପଠାଇବାକୁ କହିଛନ୍ତି । ଅବଶ୍ୟ ଏହା ସତ୍ୟ ଯେ, ଅଦାଲତ ଅବମାନନା ନୋଟିସର ଅନୁପାଳନ ରିପୋର୍ଟ ଦାଖଲ ନିମନ୍ତେ କୋର୍ଟ ଅଧିକ ସମୟ ଦେଉନାହାନ୍ତି ଓ ସମ୍ପୃକ୍ତ ନିର୍ଦ୍ଦେଶରେ ନିର୍ଦ୍ଧାରିତ ଅବଧି ଉଲ୍ଲେଖ ରହୁଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ରେଜିଷ୍ଟ୍ରିଙ୍କ ଦ୍ୱାରା ଜାରି ହେଉଥିବା ନୋଟିସ୍ ଓ ଆଡଭୋକେଟ୍ ଜେନେରାଲ ଅଫିସଙ୍କ ଦ୍ୱାରା ଜାରି ହେଉଥିବା ଚିଠିର ତୁରନ୍ତ ଅନୁପାଳନ କରିବା ନିମନ୍ତେ ଉପଯୁକ୍ତ ବ୍ୟକ୍ତି(ଅଧିକାରୀ)ଙ୍କୁ ଅଭ୍ୟସ୍ତ କରିବା ଆବଶ୍ୟକ ନିର୍ଦ୍ଦେଶ ଦେବା ପାଇଁ ସେ ସମସ୍ତ ସଚିବଙ୍କୁ ପରାମର୍ଶ ଦେଇଛନ୍ତି ।

## ଯଦି ବେକାର, ମୂଲଲାଗି ସ୍ତ୍ରୀ'କୁ ଭରଣପୋଷଣ ଖର୍ଚ୍ଚ ଦିଅ : ଆହ୍ଲାବାଦ ହାଇକୋର୍ଟ

**ଲକ୍ଷ୍ନୌ (ଏଜେନ୍ସି):** ପତ୍ନୀକୁ ଛାଡ଼ପତ୍ର ଦେଇ କୌଣସି ଭରଣ ପୋଷଣ ନଦେଇ ଖସି ଯାଉଥିବା ସ୍ୱାମୀମାନଙ୍କୁ ଛାଟ ଦେଇଛନ୍ତି ଆହ୍ଲାବାଦ ହାଇକୋର୍ଟ । ଯଦି ବେକାର ତେବେ, ଛାଡ଼ପତ୍ର ଦେଇଥିବା ସ୍ତ୍ରୀ'କୁ ଭରଣପୋଷଣ ବାବଦ ଅର୍ଥ ଦେବା ପାଇଁ ମୂଲଲାଗ । ମୂଲ ଲାଗିଲେ ଅଣକୁଶଳୀ ଶ୍ରମିକ ଭାବେ ଦୈନିକ ୩୫୦ରୁ ୪୦୦ ଟଙ୍କା ଉପାର୍ଜନ କରିପାରିବ ବୋଲି ଗତ ଗୁରୁବାର ଦିନ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ କହିଛନ୍ତି । ଛାଡ଼ପତ୍ର ଦେଇଥିବା ସ୍ତ୍ରୀ'କୁ ଭରଣପୋଷଣ ବାବଦକୁ ମାସିକ ୨ହଜାର ଟଙ୍କା ଦିଅ ବୋଲି ପରିବାର ଅଦାଲତର ପ୍ରିନ୍ସିପାଲ୍ ଜଜ୍ ଦେଇଥିବା ଆଦେଶକୁ ଉନ୍ନାଓର ଉକ୍ତ ବ୍ୟକ୍ତି ହାଇକୋର୍ଟରେ ଚାଲେଞ୍ଜ୍ କରିଥିଲେ । ଚାଲେଞ୍ଜ ବା ଆପତ୍ତି କରିବା ପାଇଁ ଦାଖଲ କରିଥିବା ଆବେଦନ ପତ୍ରରେ ବ୍ୟକ୍ତିଜଣକ ଲେଖିଥିଲେ ଯେ, ସେ ଛାଡ଼ପତ୍ର ଦେଇଥିବା ପତ୍ନୀ ଜଣକ ହେଉଛନ୍ତି ଜଣେ ସ୍ନାତକ ଓ ଶିକ୍ଷକତା କରି ମାସିକ ୧୦ ହଜାର ଟଙ୍କା ଉପାର୍ଜନ କରିପାରୁଛନ୍ତି । କିନ୍ତୁ, ପ୍ରିନ୍ସିପାଲ୍ ଜଜ୍ ଏ କଥା ପ୍ରତି କର୍ଣ୍ଣପାତ କଲେ ନାହିଁ । ଏହାଛଡ଼ା, ସେ କହିଥିଲେ କି, ଏବେ ମୁଁ ସାଙ୍ଘାତିକ ଅସୁସ୍ଥ ହୋଇ ଜଣେ ଡାକ୍ତରଙ୍କ ପାଖରେ ଚିକିତ୍ସାଧୀନ ଅଛି । ଜାରି କରିଥିବା ଆଦେଶରେ ହାଇକୋର୍ଟ ବିଚାରପତି ରେଣୁ ଅଗ୍ରଓ୍ୱାଲ୍‌ଙ୍କ ବେଞ୍ଚ୍ କହିଛନ୍ତି ଯେ, ସ୍ତ୍ରୀ ଶିକ୍ଷକତା କରି ଉପାର୍ଜନ କରୁଥିବାର ପ୍ରମାଣ ଭାବେ ବ୍ୟକ୍ତି ଜଣକ କିଛି କାଗଜପତ୍ର ଦେଇ ପାରିଲେ ନାହିଁ । ଅଦାଲତ ମଧ ଦେଖିଲେ ଯେ, ସୁସ୍ଥସବଳ ଦିଶୁଥିବାରୁ ବ୍ୟକ୍ତି ଜଣକ ଅର୍ଥ ଉପାର୍ଜନ ପାଇଁ ସମର୍ଥ । ତେଣୁ, ସେ ଛାଡ଼ପତ୍ର ଦେଇଥିବା ସ୍ତ୍ରୀକୁ ଭରଣପୋଷଣ ବାବଦ ଖର୍ଚ୍ଚ ଦେଇ ପାରିବେ ।

ସମ୍ପାଦକୀୟ

# ତିରୋଧାନ ଦିବସ ଅବସରରେ

## 'ମହାତ୍ମା ଗାନ୍ଧୀ ହେଉଛନ୍ତି ଆଦର୍ଶ ଓ ଅହିଂସାର ପ୍ରତୀକ'

ମହାତ୍ମା ଗାନ୍ଧି ନିଜର ଆଦର୍ଶ ଓ ଅହିଂସାର ବାର୍ତ୍ତା ପ୍ରଦାନ କରିଥିବା ପାଇଁ ବିଶ୍ୱରେ ଆଜି ତାଙ୍କୁ ଲୋକେ ମନେ ରଖିଛନ୍ତି। ଗାନ୍ଧିଜୀଙ୍କ ଜୀବନୀ ସଂପର୍କରେ ସମସ୍ତେ ଜାଣନ୍ତି। କିନ୍ତୁ ଗାନ୍ଧୀଙ୍କ ଜୀବନ ସହିତ ଜଡ଼ିତ ଅନେକ ଘଟଣା ହୁଏତ ସାଧାରଣ ଲୋକଙ୍କୁ ଜଣା ନଥାଇ ପାରେ। ଗାନ୍ଧିଜୀ କେବଳ ଭାରତରେ ନୁହେଁ, ବରଂ ସମଗ୍ର ବିଶ୍ୱରେ ଏକ ଜଣାଶୁଣା ବ୍ୟକ୍ତିତ୍ୱ ଥିଲେ। ଏକଦା ବିଶ୍ୱର ମହାନ ବୈଜ୍ଞାନିକ ଆଇନଷ୍ଟାଇନ୍ କହିଥିଲେ, କିଛି ବର୍ଷ ପରେ ଲୋକ ଭୁଲିଯିବେ ଯେ, ମହାତ୍ମା ଗାନ୍ଧିଙ୍କ ନାଁରେ ଜଣେ କେହି ଲୋକ ରକ୍ତ-ମାଂସରେ ତିଆରି ହୋଇଥିବା ମଣିଷ ଚଳପ୍ରଚଳ ହେଉଥିଲେ; ମାତ୍ର ତାଙ୍କର କାର୍ଯ୍ୟ, ଚିନ୍ତାଧାରା ଓ ଆଦର୍ଶ ଚିରକାଳ ମନେରହିବ। ମହାତ୍ମା ଗାନ୍ଧି ଦେଶ ସ୍ୱାଧୀନତା ପାଇଁ ନିଜର ଜୀବନକୁ ବଳି ଦେଇଥିଲେ। ସେ କେବେ ବି କ୍ଷମତା ଓ ବ୍ୟକ୍ତିଗତ ଲାଭ ପାଇଁ ପଦପଦବି ପାଇଁ ମନ ବଳାଇ ନ ଥିଲେ। ଅନ୍ୟପକ୍ଷରେ ଗାନ୍ଧିଜୀ ଜଣେ ବ୍ୟକ୍ତି ନଥିଲେ ଏକ ଚିନ୍ତାଧାରା ଥିଲେ ବୋଲି ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଥାନ୍ତି। ଆଜିବି ଗାନ୍ଧିଜୀଙ୍କ ସମ୍ପର୍କରେ ଅନେକ ଅଜଣା ତଥ୍ୟ ରହିଛି। ସେ ସମ୍ପର୍କରେ ଟିକେ ଆଲୋଚନା କରିବା।



୧) ମହାତ୍ମା ଗାନ୍ଧିଙ୍କୁ ୫ଥର ନୋବେଲ ଶାନ୍ତି ପୁରସ୍କାର ପାଇଁ ନାମାଙ୍କନ କରାଯାଇଥିଲା।
୨) ମୃତ୍ୟୁର ଗୋଟିଏ ଦିନ ପୂର୍ବରୁ ମହାତ୍ମା ଗାନ୍ଧି କଂଗ୍ରେସ ପାର୍ଟିକୁ ଭାଙ୍ଗିବାକୁ ବିଚାର କରିଥିଲେ।
୩) ମହାତ୍ମା ଗାନ୍ଧିଙ୍କ ଅନ୍ତିମ ଯାତ୍ରା ୮ କିଲୋମିଟର ପର୍ଯ୍ୟନ୍ତ ଥିଲା।
୪) ଗାନ୍ଧିଜୀଙ୍କୁ ସମ୍ମାନ ଦେବା ପାଇଁ 'ଆପଲ'ର ପ୍ରତିଷ୍ଠାତା ଷ୍ଟିଭ୍ ଜବସ୍ ଗୋଲ୍ ଚଷମା ପିନ୍ଧୁଥିଲେ।
୫) ଗାନ୍ଧିଜୀ ଦୈନିକ ୧୮ କିଲୋମିଟର ପାଦରେ ଚାଲୁଥିଲେ।
୬) ଜାତିର ପିତା ମହାତ୍ମା ଗାନ୍ଧି ନକଲି ଦାନ୍ତ ଲଗାଉଥିଲେ। ଏହାକୁ ସେ କପଡ଼ାରେ ରଖୁଥିଲେ।
୭) ଗାନ୍ଧିଙ୍କ ନାଁରେ ଦେଶରେ ୫୩ଟି ମୁଖ୍ୟ ରାଜପଥ ରହିଛି। ବିଦେଶରେ ୪୮ଟି ସଡ଼କ ରହିଛି।
୮) ସ୍ୱାଧୀନତା ଦିବସ ରାତିରେ ଗାନ୍ଧିଜୀ ଜବାହରଲାଲ ନେହରୁଙ୍କ ଭାଷଣ ଶୁଣିବାକୁ ଉପସ୍ଥିତ ନଥିଲେ। ସେହିଦିନ ଗାନ୍ଧିଜୀ ଉପବାସରେ ଥିଲେ।
୯) ଗାନ୍ଧିଜୀଙ୍କ କପଡା ସମେତ ୩ଟି ବସ୍ତୁ ଆଜି ବି ମଦୁରାଇ(ତାମିଲନାଡୁ)ର ସଂଗ୍ରହାଳୟରେ ରଖାଯାଇଛି।
୧୦) ପୁରା ଜୀବନ କାଳରେ ଗାନ୍ଧିଜୀ ରାଜନେ ?ତିକ ପଦ ଗ୍ରହଣ କରି ନଥିଲେ।
୧୧) ମହାତ୍ମା ଗାନ୍ଧିଙ୍କ ଯୋଗୁଁ ୪ ମହାଦେଶ ଓ ୧୨ଟି ଦେଶରେ ସାମାଜିକ ଅଧିକାର ଲାଗି ଆନ୍ଦୋଳନ ଆରମ୍ଭ ହୋଇଥିଲା।
୧୨) ଯେଉଁ ଇଂରେଜ ସରକାରଙ୍କ ବିରୋଧରେ ଗାନ୍ଧିଜୀ ଆନ୍ଦୋଳନ କରିଥିଲେ, ସେହି ଇଂରେଜ ସରକାର ତାଙ୍କ ମୃତ୍ୟୁର ୨୧ ବର୍ଷ ପରେ ଷ୍ଟାମ୍ପ ଜାରି କରିଥିଲା।
୧୩) ଗାନ୍ଧିଜୀ ବୋଏର ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ।
୧୪) ମହାତ୍ମା ଗାନ୍ଧି ଆଇନଷ୍ଟାଇନ, ହିଟଲର, ଟଲଷ୍ଟୟଙ୍କ ଭଳି ବିଶ୍ୱ ବିଖ୍ୟାତ ଲୋକଙ୍କୁ ଭେଟିଥିଲେ।
୧୫) ଡରବାନ, ପ୍ରିଟୋରିଆ ଓ ଜୋହନସବର୍ଗରେ ଫୁଟବଲ କ୍ଲବ ପ୍ରତିଷ୍ଠା କରିବାରେ ସହଯୋଗ କରିଥିଲେ, ଯାହାର ନାମ ପେସିବ ରେସିଷ୍ଟରର୍ସ ସ୍କୋକର କ୍ଲବ।
୧୬) ଦକ୍ଷିଣ ଆଫ୍ରିକାରେ ମହାତ୍ମା ଗାନ୍ଧିଙ୍କୁ ୧୫ ହଜାର ଡଲାର ମିଳୁଥିଲା, ଯାହାକି ଆଜିର ଦିନରେ ପାଖାପାଖି ୧୦ ଲକ୍ଷ ଟଙ୍କା ହେବ।

# ଓଡ଼ିଆଙ୍କ ସ୍ଥିତି ପାଇଁ ସଂଘର୍ଷ- କଂଗ୍ରେସର କୁଣ୍ଠିତ ଭୂମିକା

ପଞ୍ଚାନନ କାନୁନଗୋ

ଇତିହାସର ମୋଡ଼ ଦେଇ ଗୋଟିଏ ଭୂଖଣ୍ଡ ଅନେକ ଭାବରେ ବିଭକ୍ତ ହୋଇଯାଇଥିଲା। ଶାସକ ଗୋଟିଏ ହେଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଟି ଦୀର୍ଘଦିନ ଧରି ଖଣ୍ଡ ବିଖଣ୍ଡିତ ହୋଇ ଭିନ୍ନ ଭିନ୍ନ ପ୍ରଦେଶର ଶାସନାଧୀନ ହୋଇ ରହିଗଲା। ଗୋଟିଏ ପଟେ ହିନ୍ଦୀ, ଅନ୍ୟ ପଟେ ତେଲଗୁ, ଆଉ ଗୋଟିଏ ପଟେ ବଙ୍ଗଳା ଭାଷା, ସଂସ୍କୃତିର ଚାପରେ ନିଜସ୍ୱ ସତ୍ତା ହରାଇବାର ଆଶଙ୍କାରେ ରାଜ୍ୟର ଓଡ଼ିଆ ପ୍ରେମୀମାନେ ଅତି ମାତ୍ରାରେ ବ୍ୟଗ୍ର ହୋଇ ଉଠିଥିଲେ। ଏକ ଭାଷାଭାଷୀମାନେ ଏକ ଜାତୀୟତାବୋଧରେ ଦୀର୍ଘଦିନ ଧରି ସଂଗ୍ରାମ ଚଳାଇ ରଖିଲେ। ଦେଶପ୍ରେମ ଅପେକ୍ଷା ଜାତୀୟତା ପ୍ରେମ ବୋଧେ ଅଧିକ ଥିଲା। ଯାହା ଫଳରେ ଭାରତୀୟ ମୁକ୍ତି ସଂଗ୍ରାମରେ ଖାସ ନଦେଇ ପ୍ରଥମେ ମା'ର ସୁରକ୍ଷା ପାଇଁ ଆଗଭର ଥିଲେ। ମାତୃଭୂମି ଓଡ଼ିଶାକୁ ସଂଗଠିତ କରିବାରେ ସଫଳ ହେଲେ। ଯଦିଓ ଅନ୍ୟ ଭାଷାଭାଷୀ ଜାତୀୟବାଦୀ ଯଥା ଆସାମୀୟ, କର୍ଣ୍ଣାଟକୀ ଭାଷାଭାଷୀମାନେ ନିଜର ସ୍ଥିତି ପାଇଁ ସଂଗ୍ରାମ ଚଳାଇ ରଖିଥିଲେ, ହେଲେ ଓଡ଼ିଆ ନେତୃତ୍ୱର କୌଶଳ ତ୍ୟାଗ ନିଷ୍ଠା ପାଇଁ ଇଂରେଜ ଶାସନାଧୀନ ଭାରତରେ ଓଡ଼ିଶା ପ୍ରଥମେ ଗଠିତ ହେଲା। ଏପ୍ରିଲ୍ ୧ ତାରିଖ ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା। ନାହିଁ ମାମୁଁଠାରୁ କଣା ମାମୁଁ ଭଲ। ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ନବଗଠିତ ରାଜ୍ୟଠାରୁ ଅଲଗା ହୋଇ ବାହାରେ ରହିଗଲେ। ତଥାପି ନୂଆ ପ୍ରଦେଶଟିଏ ପାଇ ଆନନ୍ଦର ସୀମା ନଥିଲା ଓଡ଼ିଆଙ୍କ ଭିତରେ। ୧୯୩୭ ଏପ୍ରିଲ ପହିଲାରୁ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ୧୯୩୫ ଭାରତ ଆଇନ ଅନୁସାରେ ଆରମ୍ଭ ହେଲା। ଏବେକା ପରି ସାବାଳକ ଭୋଟ ପ୍ରଥା (୧୮ ବର୍ଷରେ ସମସ୍ତ ଭାରତୀୟ ନାଗରିକ ଭୋଟ ଦେବାର ଅଧିକାର) ସେତେବେଳେ ନଥିଲା। ଯିଏ ମାଟ୍ରିକ୍ ପାଶ କରିଥିବ ବା ଚୌକିଦାରୀ ଟିକସ ଦେଉଥିବ ସେଇମାନେ ହିଁ ଭୋଟ ଦେବାର ଅଧିକାର ପାଇଥିଲେ। ପ୍ରଥମ ଭୋଟରେ ଯଦିଓ କଂଗ୍ରେସ ଦଳ ଭାଗ ନେଇଥିଲା ଇଂରେଜ ସରକାରଙ୍କ କେତେକ ସର୍ତ୍ତ ଗ୍ରହଣ କରି ନପାରିବାରୁ କଂଗ୍ରେସ ପ୍ରଥମେ ସରକାରରେ ରହିଲା ନାହିଁ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରଧାନମନ୍ତ୍ରିତ୍ୱରେ ପ୍ରଥମ ମନ୍ତ୍ରିମଣ୍ଡଳ ଗଠିତ ହେଲା। କଂଗ୍ରେସ ପରେ ସରକାର ଗଠନ ପାଇଁ ଇଚ୍ଛା ପ୍ରକାଶ କରିବାରୁ ପାରଳା ମହାରାଜା ଜୁଲାଇ ୧୩, ୧୯୩୭ରେ ଇସ୍ତଫା ଦେଲେ ଏବଂ ତତ୍କାଳୀନ ରାଜ୍ୟପାଳ ଜନ୍ ହଷ୍ଟିନ୍ ହବାକ୍ କଂଗ୍ରେସ ନେତା ବିଶ୍ୱନାଥ ଦାସଙ୍କୁ ସରକାର ଗଠନ ପାଇଁ ଡକାଇଲେ। ଜୁଲାଇ ୧୯ ତାରିଖ ୧୯୩୭ ମସିହାରେ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରିତ୍ୱରେ ସରକାର ଗଠିତ ହେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିଯିବାରୁ ଦେଶସାରା କଂଗ୍ରେସ ସରକାରମାନେ ଇସ୍ତଫା ଦେଲେ। ୧୯୩୯ ମସିହା ନଭେମ୍ବର ୪ ତାରିଖରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେଲେ। ୧୯୩୫ର ଭାରତ ଆଇନ ଧାରା ୯୩ ଅନୁସାରେ ରାଜ୍ୟପାଳ ଶାସନ ୧୯୪୧ ମସିହା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଚାଲିଲା। ନଭେମ୍ବର ୨୪ ତାରିଖ ଦିନ ପାରଳା ମହାରାଜାଙ୍କ ପ୍ରଧାନମନ୍ତ୍ରିତ୍ୱର ପୁଣି ଥରେ ମିଳିତ ସରକାର ଗଠିତ ହେଲା, ଯାହାକି ୧୯୪୪ ଜୁନ୍ ପର୍ଯ୍ୟନ୍ତ ଚାଲିଲା। ଜୁନ୍ ୨୦ ତାରିଖରେ ପାରଳା ମହାରାଜା ଇସ୍ତଫା ଦେଲେ। ପୁଣି ଥରେ ରାଜ୍ୟପାଳ ଶାସନ ୧୯୪୪ ଜୁନ୍ ୩୦ ତାରିଖରୁ ଲାଗୁ ହେଲା। ୧୯୪୬ ମସିହା ଏପ୍ରିଲ ୪ ଓ ୫ ତାରିଖରେ ପୁନଃ ନିର୍ବାଚନ ହେଲା। ସମୁଦାୟ ୬୦ଟି ଆସନରୁ ୫୬ଟିରେ ନିର୍ବାଚିତ ଓ ଅନ୍ୟ ଚାରୋଟି ମନୋନୀତ ଆସନ ଥିଲା। ଏହି ଭୋଟରେ ୫୬ଟିରୁ କଂଗ୍ରେସ ୩୭ଟି ଆସନରେ ବିନା ପ୍ରତିଦ୍ୱନ୍ଦିତାରେ, ୧୦ଟିରେ ପ୍ରତିଦ୍ୱନ୍ଦ୍ୱିତା କରି ଜିତିଲା; ମୁସଲିମ୍ ଲିଗ୍ ୪ଟା, ସ୍ୱାଧୀନ ୪ଟା କମ୍ୟୁନିଷ୍ଟ ୧ଟାରେ ଜିତିଲେ। ସ୍ୱାଧୀନ ୪ ଜଣଙ୍କ ମଧ୍ୟରେ ଜମିଦାର ସମର୍ଥନରେ ୨, ଶିଳ୍ପ-ବାଣିଜ୍ୟରେ ନିର୍ବାଚନ ମଣ୍ଡଳୀରୁ ୧ ଏବଂ ଶ୍ରମିକ ନିର୍ବାଚନ ମଣ୍ଡଳୀରୁ ୧ ଜିତିଥିଲେ। ନୂଆକରି ଗଠିତ ଭାରତବର୍ଷର ସମ୍ବିଧାନ ସଭାକୁ ୯ ଜଣ ୧୯୪୬ ଜୁଲାଇ ୧୬ ତାରିଖରେ ବିଧାନସଭା ପଠାଇଲେ। ସେମାନେ ହେଲେ- ୧. ହରେକୃଷ୍ଣ ମହତାବ, ୨. ମାଳତୀ ଚୌଧୁରୀ, ୩. ଲକ୍ଷ୍ମୀ ନାରାୟଣ ସାହୁ, ୪. ବିଶ୍ୱନାଥ ଦାସ, ୫. ଭୁବନାନନ୍ଦ ଦାସ, (ବି. ଦାସ) ୬. ବୋଧରାମ ଦୁବେ, ୭. ରାଜକୃଷ୍ଣ ବୋଷ, ୮. ଶାନ୍ତନୁ କୁମାର ଦାସ, ୯. ନନ୍ଦକିଶୋର ଦାସ। ପରେ ସାରଙ୍ଗଧର ଦାସ, ଲୋକନାଥ ମିଶ୍ର (ପଙ୍କ ବାବୁ), ବଲାଙ୍ଗୀରରୁ ଯୁଧିଷ୍ଠିର ମିଶ୍ର ପ୍ରମୁଖ ସଦସ୍ୟମାନେ ଯାଇଥିଲେ। ସ୍ୱାଧୀନତା ପ୍ରାପ୍ତି ସମୟରେ କଂଗ୍ରେସ ସଂଗଠନ ରାଜ୍ୟର ପ୍ରମୁଖ ରାଜନୈତିକ ଭୂମିକା ଗ୍ରହଣ କରିଥିଲା। ହେଲେ କଂଗ୍ରେସ ସଙ୍ଗଠନ ଇତିହାସ ଅବଲୋକନ କଲେ ଏହା ଗୋଟିଏ ରୁଗ୍ଣ ଦୁର୍ବଳ ସ୍ଥିତି ନେଇ ଅନେକ ଦିନ ଧରି ରାଜ୍ୟରେ ପଡ଼ି ରହିଥିଲା। ଏହା ମୂଳରୁ ହିଁ ବ୍ୟକ୍ତିକୈନ୍ଦ୍ରିକ ଓ ଗୋଷ୍ଠୀକୈନ୍ଦ୍ରିକ ହୋଇ ରହିଥିଲା। ଯେତେବେଳେ ସମଗ୍ର ଭାରତରେ 'କଂଗ୍ରେସ' ଗୋଟିଏ ରାଜନୈତିକ ଦଳ ଭାବେ ସଂଗଠିତ ହେବାରେ ଲାଗିଥାଏ ଠିକ୍ ସେତିକିବେଳେ 'ଓଡ଼ିଶା' ବୋଲି କୁହାଯାଉଥିବା ଭୂ-ଖଣ୍ଡର ନେତାମାନେ ଏଥିପ୍ରତି ବୀତସ୍ପୃହ ଥିଲେ। ତାର ମୁଖ୍ୟ କାରଣ ଥିଲା ଓଡ଼ିଆ ଭାଷୀ ଅଞ୍ଚଳ ଅତିମାତ୍ରାରେ ଖଣ୍ଡ ବିଖଣ୍ଡିତ ହୋଇ ନିଜର ପୂର୍ଣ୍ଣ ଅବୟବ ହରାଇ ଥିଲା ଏବଂ ଓଡ଼ିଆ ନେତାମାନେ 'କଂଗ୍ରେସ' ଦଳ ଓଡ଼ିଆ ବା ଓଡ଼ିଆ ଭାଷାଭାଷୀ ଲୋକଙ୍କର ସ୍ୱାର୍ଥ ରକ୍ଷାରେ ସହାୟକ ହେବ ନାହିଁ ବୋଲି ସ୍ଥିର ନିଶ୍ଚିତ ହୋଇ ଯାଇଥିଲେ। ୧୯୦୨ ମସିହାରେ କଂଗ୍ରେସର ଅହମ୍ମଦାବାଦ ଅଧିବେଶନରେ ମଧୁବାବୁ ଯୋଗ ଦେଇଥିଲେ। ବଙ୍ଗ ଦେଶର ପ୍ରସିଦ୍ଧ ନେତା ସୁରେନ୍ଦ୍ର ନାଥ ବାନାର୍ଜୀ ଏଥିରେ ଅଧକ୍ଷତା କରିଥିଲେ। ମଧୁସୂଦନଙ୍କର ତାଙ୍କ ସହିତ ଘନିଷ୍ଠ ପରିଚୟ ଥିଲା। ସେହି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ଶାସନାଧୀନ କରିବାର ପ୍ରସ୍ତାବ ମଧୁବାବୁ ଆଗତ କରିବାକୁ ଇଚ୍ଛା ପ୍ରକାଶ କଲେ। ଏ ପ୍ରକାରର ପ୍ରସ୍ତାବ କଂଗ୍ରେସ ପରିସରର ବାହାର କଥା ବୋଲି ସଭାପତି କହିବାରୁ ମଧୁବାବୁ ନିରାଶ ହେଲେ, କଂଗ୍ରେସ ଜରିଆରେ ଦେଶ ମିଶ୍ରଣ ଯେ ହେବ ଏ ଆଶା ଛାଡ଼ିଦେଲେ। ପୂର୍ବରୁ ମଧୁସୂଦନ ଦାସ, ଗୌରୀଶଙ୍କର ରାୟ ପ୍ରମୁଖ କଂଗ୍ରେସ ସହ ସଂପର୍କ ରଖିଥିଲେ। ୧୯୦୩ରେ ଉତ୍କଳ ସମ୍ମିଳନୀ ଆରମ୍ଭ କରି କଂଗ୍ରେସ ସହ ସମ୍ପର୍କ ଛିନ୍ନ କଲେ। ଏମାନଙ୍କ କଂଗ୍ରେସ ପ୍ରତି ଅବିଶ୍ୱାସ ଭାବ ଦିନକୁ ଦିନ ଅଧିକ ଦୃଢ଼ୀଭୂତ ହେଲା। ଲର୍ଡ଼ କର୍ଜନଙ୍କ 'ବଙ୍ଗ ଭଙ୍ଗ' ପ୍ରସ୍ତାବକୁ କଂଗ୍ରେସ ଯେତେବେଳେ ବିରୋଧ କଲା ଓଡ଼ିଆ ନେତାଏ ଜାଣିଗଲେ ଯେ କଂଗ୍ରେସ ଓଡ଼ିଆଙ୍କ ପାଇଁ ନୁହେଁ। ବଂଗାଳୀ ନେତାଙ୍କ ପ୍ରଭାବରେ ଚାଲିଛି।

କଂଗ୍ରେସଠାରୁ କେବଳ ଅଲଗା ନୁହେଁ, 'ଉତ୍କଳ ସମ୍ମିଳନୀ' ସେ ସମୟର ବୁଦ୍ଧିଜୀବୀ-ଜମିଦାର ରାଜା-ମହାରାଜାଙ୍କର ପୃଷ୍ଠପୋଷକତା ଲାଭ କରିବା ଏବଂ ଇଂରେଜ ଶାସକ କର୍ଜନଙ୍କର ସମର୍ଥନ ଲାଭ କରିବା ପ୍ରମାଣ କରିଦିଏ ଯେ ଏହା ବସ୍ତୁତଃ କଂଗ୍ରେସଠାରୁ ଦୂରେଇ ଯାଇଥିଲା। ପରବର୍ତ୍ତୀ ସମୟରେ ଗୋପବନ୍ଧୁ ଦାସ ଓ ଜଗବନ୍ଧୁ ସିଂ ପ୍ରମୁଖ ଉତ୍କଳ ସମ୍ମିଳନୀରେ ପ୍ରବେଶ କରି ଏହାକୁ ଭାରତୀୟ ସ୍ରୋତରେ ସାମିଲ କରିବାର ଉଦ୍ୟମ ଆରମ୍ଭ କରିଦେଲେ। ୧୯୧୫ ମସିହା ବେଳକୁ ଦୁଇଟି ସ୍ପଷ୍ଟ ଚିନ୍ତା ପ୍ରକଟିତ ହେଲା। ଗୋଟିଏ ଚିନ୍ତା ହେଲା ଆଗ ଓଡ଼ିଆ ଭାଷାଭାଷୀଙ୍କର ମିଳନ। ଏଥିପାଇଁ କଂଗ୍ରେସ ନୁହେଁ, ବ୍ରିଟିଶ ଶାସକମାନଙ୍କର ସାହାଯ୍ୟ ଦରକାର। ସେଥିପାଇଁ ରାଜନୈତିକ କୌଶଳର ପ୍ରସ୍ତୁତି ହେଲା। ଅନ୍ୟଟି ହେଲା କଂଗ୍ରେସ ସହ ରହି ଇଂରେଜଙ୍କୁ ବିରୋଧ କରିବା। ଏହି ଦ୍ୱିତୀୟ ଗୋଷ୍ଠୀ ଉତ୍କଳ ସମ୍ମିଳନୀ ଏକ ରାଜା-ଜମିଦାରଙ୍କର ଦଳ କହିବାକୁ ପଛାଇ ନଥିଲେ ଏବଂ ସୁଯୋଗ ଦେଖି ୧୯୨୦ ମସିହାରେ ଚକ୍ରଧରପୁରଠାରେ ସଭା ଡକାଇ ଉତ୍କଳ ସମ୍ମିଳନୀକୁ ଭାଙ୍ଗି ଦେବାର ଘୋଷଣା କରିଦେଲେ। ଖାଲି ସେତିକି ନୁହେଁ, ଓଡ଼ିଆ ଜାତିର ଗର୍ବ ଉତ୍କଳ ଗୌରବ ମଧୁସୂଦନଙ୍କ ବିରୋଧରେ କୁତ୍ସାରଟନା କରିବା ଏବଂ ତାଙ୍କର କୁଶ ପୁତ୍ତଳିକା ଦାହ କରିବାକୁ ପଛାଇ ନଥିଲେ। ମଧୁସୂଦନ ଭାଙ୍ଗି ପଡ଼ିନଥିଲେ, କିନ୍ତୁ ନୀରବ ହୋଇ ଯାଇଥିଲେ। କଂଗ୍ରେସ ପ୍ରେମୀ ନେତାମାନେ ଗାନ୍ଧିଜୀଙ୍କୁ ଓଡ଼ିଶା ନିମନ୍ତ୍ରଣ କରି ନିଜର ସମର୍ଥନ ବୃଦ୍ଧି କରିବାର ଚେଷ୍ଟା କରିଦେଲେ। ପର ଧନରେ ମଙ୍ଗଳବାର କରିବାର ପ୍ରକ୍ରିୟାଟିଏ ଆରମ୍ଭ ହେଲା। ନିଜ ଶକ୍ତି ସାମର୍ଥ୍ୟ ଅପେକ୍ଷା କଂଗ୍ରେସ, କଂଗ୍ରେସ ନେତା-ବିଶେଷତଃ ଗାନ୍ଧିଜୀଙ୍କ ଲୋକପ୍ରିୟତାକୁ ସମ୍ବଳ କରି ନିଜର ନାମ ବଢ଼ାଇବାର ଉଦ୍ୟମ ଆରମ୍ଭ ହେଲା। ୧୯୧୯-୨୦ରେ ପୁରୀରେ ଦୁର୍ଭିକ୍ଷ ପଡ଼ିଥିଲା। ଗୋପବନ୍ଧୁ ସେ ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ସହିତ ପରିଚିତ ହୋଇ ନଥିଲେ ସୁଦ୍ଧା ତାଙ୍କୁ ଏ ସଂପର୍କରେ ଚିଠି ଲେଖି ଦୁଃଖ ଜଣାଇଲେ ଓ ଆସିବାକୁ ଅନୁରୋଧ କଲେ। ଗାନ୍ଧିଜୀ ଏହି ସୁଯୋଗଟିକୁ ହାତଛଡ଼ା କରି ନଥିଲେ। ଗୁଜୁରାଟୀ ଭାଷାରେ ପ୍ରକାଶ ପାଉଥିବା ନବଜୀବନରେ 'ଓଡ଼ିଶାରେ ଦୁର୍ଭିକ୍ଷ' ଶିରୋନାମାରେ ନିବେଦନଟିଏ ଛାପି ଦେଲେ। ଅମୃତଲାଲ୍ ଠକକରଙ୍କୁ ସେବା କାର୍ଯ୍ୟ ପାଇଁ ପଠାଇ ଦେଲେ। ଗାନ୍ଧିଜୀ ଓଡ଼ିଆ ଭାଷାଭାଷୀମାନଙ୍କର ଏକାଠି ହେବାର କଥାକୁ ନୈତିକ ସମର୍ଥନ ଦେଇ ବ୍ରଜସୁନ୍ଦର ଦାସଙ୍କୁ ମଧ ଏକ ଚିଠି ଲେଖିଥିଲେ। ଏପରି କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗାନ୍ଧିଜୀ ଜାଣିଥିଲେ ଲୋକଙ୍କ ଭିତରେ କଂଗ୍ରେସକୁ ଆପଣେଇବା ପାଇଁ ଓଡ଼ିଆ ଭାଷା ଜାତୀୟତାକୁ ସମର୍ଥନ ଦେବା ଦରକାର। ଏସବୁ ସତ୍ତ୍ୱେ ଅନେକ ବାର 'ଓଡ଼ିଆଏ' କଂଗ୍ରେସ ଠାରୁ କୌଣସି ସହଯୋଗ ପାଇଲେ ନାହିଁ। ସେଥିପାଇଁ କଂଗ୍ରେସ ଯେତେବେଳେ 'ସାଇମନ କମିଶନକୁ ପ୍ରତ୍ୟାଖ୍ୟାନ କରୁଥିଲେ। ଓଡ଼ିଆ ନେତାଏ ତାଙ୍କୁ ସ୍ୱାଗତ କଲେ ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମିଶିବାର ଯୁକ୍ତି ଦେଇ ସ୍ମାରକପତ୍ର ଦେଲେ। କଂଗ୍ରେସ ନେତା ମୋତିଲାଲ ନେହେରୁ କଂଗ୍ରେସ କମିଟିରେ ବିଭିନ୍ନ ଆଳ ଦେଖାଇ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣରେ ବାଧା ସୃଷ୍ଟି କଲେ। କେତେବେଳେ କହିଲେ ବିଧିବଦ୍ଧ ପ୍ରସ୍ତାବ ଆସିନାହିଁ ତ କେତେବେଳେ କହିଲେ ଏ ଅଞ୍ଚଳର ଆର୍ଥିକ ସ୍ଥିତି ସବଳ ହେଲେ ଏକଥା ବିଚାର ହେବ। ଡିସେମ୍ବର ୧୯୨୮ରେ ମୋତିଲାଲଙ୍କ ଅଧକ୍ଷତାରେ ଗଠିତ କମିଟି କଲିକତାରେ ବସି ନେହରୁ ରିପୋର୍ଟ ପ୍ରକାଶ ପାଇଲା। ଏଥିରେ ବମ୍ବେ ପ୍ରଦେଶରୁ ସିନ୍ଧୁକୁ ଅଲଗା କରାଯାଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ସୁପାରିଶ କରାଗଲା। ସେହିପରି କର୍ଣ୍ଣାଟକ ଗଢ଼ାଯିବ ବୋଲି ନିଷ୍ପତ୍ତି ନିଆଗଲା। ମାତ୍ର ଓଡ଼ିଶା କଥା ଉଠିବା ବେଳକୁ ଅନେକ ତାସଲ୍ୟ ସହ୍ୟ କରିବାକୁ ହୋଇଥିଲା। ସୁଭାଷ ବୋଷଙ୍କ ହସ୍ତକ୍ଷେପ ଫଳରେ ଯେଉଁ ଶବ୍ଦ ସବୁ ଏହି ପ୍ରସ୍ତାବରେ ଯୋଡ଼ା ଗଲା ତାହା ମଧ ନୈରାଶ୍ୟଜନକ ଥିଲା। ଏଥିରେ କୁହାଗଲା ଆୟବ୍ୟୟ ସମତୁଲ ହେଲେ ଓ ଓଡ଼ିଶା ଲୋକେ ବ୍ୟୟଭାର ତୁଲାଇବା ପାଇଁ କର ଦେଲେ, ବିଭିନ୍ନ ପ୍ରଦେଶରେ ଥିବା ଓଡ଼ିଶା ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ କରାଯିବ। କଂଗ୍ରେସ ପ୍ରାଧାନ୍ୟ ଥିବା ସର୍ବଦଳୀୟ କମିଟି ଡକ୍ଟର ଏମ୍.ଏ. ଆନ୍ସାରୀଙ୍କ ଅଧକ୍ଷତାରେ ବସି ଯେଉଁ ମତ ଦେଇଥିଲେ ତାହା ନିମ୍ନରେ ଦିଆଗଲା। The Indian Constitution as drafted in the Nehru report. Appendix 72(vi-b) "ଭାଷା ଭିତ୍ତିରେ କର୍ଣ୍ଣାଟକକୁ ମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ କରିବାପାଇଁ ପ୍ରବଳ ଯୁକ୍ତି ରହିଛି। (In our opinion a strong prima face case for unification and the formation of Karnataka as a separate Province, p.64) "ଆମେ ପ୍ରଦେଶ ଗଠନ ନିମନ୍ତେ ଦୁଇଟି ସୂତ୍ର ସ୍ଥିର କଲୁ। ଗୋଟିଏ ହେଉଛି ଭାଷା ଏକ ହେବ ଓ ପ୍ରଦେଶର ଅଧିକାଂଶ ଲୋକଙ୍କର ଏଥିରେ ମତ ଥିବ। ଏ ଦୁଇଟିଯାକ ବିଷୟ 'ସିନ୍ଧୁ' ପ୍ରଦେଶ ଗଠନରେ ଲାଗୁହେଉଛି। xxx down two important general considerations in regard to the distribution of provinces linguistic and the wishes of the majority. Sind certainly satisfies both. xxx We feel therefore that; the argument for the separation of sind is very strong. Sind should be separated. pp. 65-68) "ଆମେ ଉତ୍କଳ ବିଷୟରେ କ୍ଷୁଦ୍ର ପୁସ୍ତିକାଟିଏ ପାଇଲୁ। ଦୁଃଖର କଥା ସେ ବିଷୟ ନେଇ ବିଶିଷ୍ଟ ସ୍ମାରକପତ୍ରାଦି ଅଭାବରେ କୌଣସି ବିଚାର କରିବାରେ ସମର୍ଥ ନୋହୁଁ। ଯାହାହେଉ ଆମର ସହଯୋଗୀ ସୁଭାଷଚନ୍ଦ୍ର ବୋଷଙ୍କ ମତ ଗ୍ରହଣ କରି ଆର୍ଥିକ ଦୃଷ୍ଟିରୁ ସମ୍ଭବ ହେଲେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ତଥା ସ୍ୱତନ୍ତ୍ର ପ୍ରଦେଶ ଗଠନ କଥା ଆମେ ଗ୍ରହଣ କରିବୁ।" (We have also received a small book giving the case for Utkal but we regret we have been unable to consider it in the absence of any special memorandum or representation. Our Colleague Mr. Subhas Chandra Bose is however satisfied that the Oriya speaking areas should be amalgamated and constituted into a separate province if this is financially possible.) ଅର୍ଥାତ ଏହି ସର୍ବଦଳୀୟ କମିଟି କର୍ଣ୍ଣାଟକ ଓ ସିନ୍ଧୁ ପ୍ରଦେଶ ଭାଷା ଭିତ୍ତିରେ ଗଠନ ପାଇଁ ଅନୁକୂଳ ମତ ଦେଇଥିବାବେଳେ ଓଡ଼ିଶା ପ୍ରତି ଦୃଷ୍ଟି ନ ଦେବା ତତ୍କାଳୀନ ଓଡ଼ିଆ ନେତାଙ୍କ କେନ୍ଦ୍ରୀୟ କଂଗ୍ରେସ କମିଟିରେ ପ୍ରଭାବ ହୀନତା କିମ୍ବା ଦୃଢ଼ ଦାବି ମାଧ୍ୟମରେ କେନ୍ଦ୍ର ନେତାଙ୍କୁ ଆକୃଷ୍ଟ କରିବାରେ ଅକ୍ଷମ ଥିଲେ। ଯଦି ସୁଭାଷ ଚନ୍ଦ୍ର ବୋଷ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ କଥା ଉଠାଇ ନଥାନ୍ତେ, ତେବେ ଏହା ମଧ ଆଲୋଚନା ପରିସରଭୁକ୍ତ ହୋଇ ନଥାନ୍ତା। ଏହି ଐତିହାସିକ ସତ୍ୟଟିକୁ ସ୍ୱୀକାର କରିବାକୁ ହୁଏ ଯେ କଂଗ୍ରେସ ଭାଷାଭିତ୍ତିକ ଓଡ଼ିଆ ମିଶ୍ରଣକୁ ଏଡ଼େଇ ଚାଲିବାର ଦକ୍ଷିଣରେ ତେଲେଙ୍ଗା, ଉତ୍ତରରେ ବଙ୍ଗାଳୀ ଓ ବିହାରୀ କଂଗ୍ରେସ ନେତାମାନଙ୍କର ଏହା ପଛରେ ହାତ ଥିଲା। ଓଡ଼ିଆ ନେତା ଓ ଭାଷାଭାଷୀଙ୍କ ମନରେ ଗୋଟିଏ ବଦ୍ଧମୂଳ ଧାରଣା ଜନ୍ମିଥିଲା ଯେ ଇଂରେଜମାନଙ୍କ ସାହାଯ୍ୟ ମିଳି ନଥିଲେ ହୁଏତ ୧୯୩୬ ମସିହାରେ ଓଡ଼ିଶା ମିଶ୍ରଣ ସମ୍ଭବ ହୋଇ ନଥାନ୍ତା। ଓଡ଼ିଆ ଭାଷା ପ୍ରତି ଜନ୍ ବୀମ୍ସଙ୍କ ପରି ଅନେକ ଇଂରେଜ ଗବେଷକ ଦରଦୀ ଥିଲେ। ଲର୍ଡ଼ କର୍ଜନଙ୍କଠାରୁ ଆରମ୍ଭ କରି ସାଇମନ୍ କମିଶନ୍, କ୍ରିପ୍ସ-ଷ୍ଟାଫର୍ଡ଼ କମିଟି, ଓଡ଼ୋନେଲ କମିଟି ପ୍ରଭୃତି ଅନେକ ଚାପ ମଧ୍ୟରେ ସାହାଯ୍ୟର ହାତ ବଢ଼ାଇବାରୁ ବ୍ରିଟିଶ ଇଣ୍ଡିଆ କାଳରେ ହିଁ ଯେଉଁ ଦୁଇଟି ନୂତନ ରାଜ୍ୟ ଜନ୍ମ ନେଇଥିଲା ତାହା ଥିଲା ସିନ୍ଧୁ ପ୍ରଦେଶ ଓ ଓଡ଼ିଶା ପ୍ରଦେଶ। ୧୯୩୨ ଡିସେମ୍ବର ୨୪ତାରିଖରେ ଲର୍ଡ଼ ସାଙ୍କିଙ୍କ ଅଧକ୍ଷତାରେ ବସିଥିବା ପ୍ରତିନିଧି ସଭାରେ ସେକ୍ରେଟାରୀ ଅଫ ଷ୍ଟେଟ୍ ସାମୁଏଲ ହୋରଙ୍କ ବକ୍ତବ୍ୟରେ ଏହା ସ୍ପଷ୍ଟ ଥିଲା। "ଗତ ଦୁଇବର୍ଷ ଧରି ଆମେ ନୂତନ ପ୍ରଦେଶ ଗଠନ କଥା ଭାବୁଛୁ। ସିନ୍ଧୁ ପ୍ରଦେଶ କଥା ଦୁଇବର୍ଷ ଧରି ଆମ ଆଲୋଚନାରେ ସ୍ଥାନ ପାଇଛି। ଗତବର୍ଷ ପ୍ରଥମ କରି ଆମେ ଓଡ଼ିଶା ପ୍ରଶ୍ନ ପୁଙ୍ଖାନୁପୁଙ୍ଖ ଭାବେ ବିଚାର କରୁଛୁ। ସେତିକିବେଳୁ ଏ ଉଭୟ ପ୍ରଦେଶ ବିଷୟରେ ତଦନ୍ତ ବିଶେଷଜ୍ଞଙ୍କ ଦ୍ୱାରା କରିଛୁ। ଏହି ତଦନ୍ତ ଉପରେ ନିର୍ଭର କରି ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇଛୁ ଯେ ସିନ୍ଧୁ ଓ ଓଡ଼ିଶା ନିଶ୍ଚୟ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବ। ଆମେ ନିଃସନ୍ଦେହ ଯେ ଏ ବିଷୟରେ ନିଷ୍ପତ୍ତି ପାଇଁ ଅନେକ ବିବାଦମାନ ବିଷୟ ଅଛି। ସେ ସବୁକୁ ଠିକ୍ କରାଯିବ। ଓଡ଼ିଶାର ସୀମା ନିର୍ଣ୍ଣୟ ଗୋଟିଏ ବିବାଦମାନ ବିଷୟ, ସେ ସମ୍ବନ୍ଧରେ ନାନା ପ୍ରଶ୍ନ ଉଠିଲାଣି। ସେ ସବୁକୁ ସମ୍ପୂର୍ଣ୍ଣଭାବେ ବିଚାର କରାଯାଇ ନାହିଁ। ଏ ସମସ୍ତ ସତ୍ତ୍ୱେ ଦୁଇ ବିଶାଳ ଭୂଖଣ୍ଡ ସ୍ୱତନ୍ତ୍ର ପ୍ରଦେଶ ରୂପେ ଭାରତ ରାଷ୍ଟ୍ରସଂଘରେ ସ୍ଥାନ ଲାଭ କରିବ। (Extract from the Secretary of State's Speech, Dated-24th Dec.1932) କଂଗ୍ରେସ କମିଟି ଗଠିତ ହୋଇଥିଲା 'ଉତ୍କଳ କଂଗ୍ରେସ କମିଟି' ଭାବେ ୧୯୨୦ରେ। ମାତ୍ର ରାଜ୍ୟ ଗଠିତ ହେଲା 'ଓଡ଼ିଶା ପ୍ରଦେଶ' ଭାବେ। ଏହା ହିଁ ତଫାତ୍ ଗଡ଼ଜାତ ମିଶ୍ରଣ ସମୟରେ ମଧ କଂଗ୍ରେସ ନେତୃବର୍ଗଙ୍କ ସହାୟତାରେ ଷଢ଼େଇକଳା-ଖରସୁଆଁ ରାଜ୍ୟ ବିହାର ସହିତ ରହିଗଲା। ସ୍ୱାଧୀନତା ପରେ ସୀମା ନିର୍ଦ୍ଧାରଣ କମିଟି ମଧ ଏହି ଅଞ୍ଚଳକୁ ଫେରାଇ ଦେବାରେ ଖାଲି ପ୍ରତିବନ୍ଧକ ହେଲା ତା ନୁହେଁ, ରାଜ୍ୟ କଂଗ୍ରେସ ନେତାମାନେ ଦିଲ୍ଲୀ ଯାଇ ପ୍ରତାରିତ ହେଲେ। ରାଜ୍ୟ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଅପଦସ୍ତ ହୋଇ ଅସମୟରେ ଇସ୍ତଫା ଦେଇଦେଲେ। କଂଗ୍ରେସର ଓଡ଼ିଶା ପ୍ରତି ଏହି ଭାବଟି ରାଜ୍ୟବାସୀଙ୍କ ମନରେ ବିଷମଞ୍ଜି ବୁଣି ଦେଇଥିଲା। କଂଗ୍ରେସ ଦଳର ସ୍ୱାଧୀନତା ପାଇଁ ଆନ୍ଦୋଳନରେ ଓଡ଼ିଶାର ଭାଗନେବା ଥିଲା ସତ୍ୟ, ହେଲେ ଏତେବଡ଼ ଆଖିଦୃଶିଆ ନଥିଲା। କଂଗ୍ରେସ ଆନ୍ଦୋଳନ ବହୁ କାଳରୁ ଆରମ୍ଭ ହୋଇଥିଲେ ମଧ ୧୯୨୦ ମସିହା ବେଳକୁ ଓଡ଼ିଶା ସଂପର୍କରେ ଭାରତର ଅନ୍ୟ ଅଞ୍ଚଳର ନେତାମାନେ ବିଶେଷ କିଛି ଜାଣି ନଥିଲେ। ସେତେବେଳକୁ ଚାରି ଅଣିଆ ସଭ୍ୟପ୍ରଥା ଓଡ଼ିଶାରେ ପ୍ରଚଳିତ ହୋଇ ନଥିଲା। କଲିକତା କଂଗ୍ରେସରେ ଗୋପବନ୍ଧୁ ଯୋଗ ଦେଇଥିଲେ। ବଡ଼ ହିନିମାନିଆ ଭାବେ ବିହାର କଂଗ୍ରେସ ଦୟାରୁ ଗୋପବନ୍ଧୁ ଏବଂ ତାଙ୍କର ସାଥୀମାନେ କେତେଖଣ୍ଡି ପ୍ରବେଶ ପତ୍ର ପାଇଥିଲେ। ବିହାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଘେରରେ ପଛ ଆଡ଼କୁ ଏମାନେ ଦୟନୀୟ ଭାବେ ବସିଥିଲେ। ଏହା ଥିଲା ସେ ସମୟ ରାଜ୍ୟରେ କଂଗ୍ରେସର ସ୍ଥିତି। ଏଥିରେ ଡକ୍ଟର ହରେକୃଷ୍ଣ ମହତାବ ମଧ ଯୋଗ ଦେଇଥିଲେ। ଏହା ପରେ ୧୯୨୦ ଡିସେମ୍ବର ୨୬ ତାରିଖରେ ନାଗପୁର ଠାରେ କଂଗ୍ରେସର ୩୫ତମ ଅଧିବେଶନ ବସିଲା। ଓଡ଼ିଶାରୁ ଗୋପବନ୍ଧୁ ଦାସ, ଭାଗୀରଥି ମହାପାତ୍ର, ହରେକୃଷ୍ଣ ମହତାବ, ନିରଞ୍ଜନ ପଟ୍ଟନାୟକ, ଯଦୁମଣି ମଙ୍ଗରାଜ, ଜଗବନ୍ଧୁ ସିଂ, ମୁକୁନ୍ଦ ପ୍ରସାଦ ଦାସଙ୍କ ସମେତ ପ୍ରାୟ ୩୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ସେମିତି କିଛି ଆଦର ଅଭ୍ୟର୍ଥନା ଏମାନଙ୍କୁ କଂଗ୍ରେସ ସମ୍ମିଳନୀରେ ମିଳି ନଥିଲେ ମଧ ନେତାମାନେ ଅନେକ ଭାବେ ଅନୁପ୍ରାଣିତ ହୋଇଥିଲେ। କଂଗ୍ରେସ ନିୟମାବଳି କମିଟିକୁ ନିରଞ୍ଜନ ପଟ୍ଟନାୟକଙ୍କୁ ନିଆ ଯାଇଥିଲେ ମଧ ବସ୍ତୁତଃ ସେ ମାନ୍ଦ୍ରାଜୀ-ଆନ୍ଧ୍ର କମିଟିରୁ ଯାଇଥିଲେ।

ଫୋ- ୯୪୩୮୩୬୦୮୪୯
ବିଦ୍ର: ସୌଜନ୍ୟ ଓଆର

# ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଜୀବନରୁ ଶିକ୍ଷା

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ। ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧର ଅଭାବ ଏକବିଂଶ ଶତାବ୍ଦୀର ରାଜନେତାଙ୍କ ଠାରେ ପରିଲକ୍ଷିତ ହୁଏ। ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା। ଏଥିରେ ହିଂସାର କୌଣସି ସ୍ଥାନ ନାହିଁ। 'ବସୁଧୈବ କୁଟମ୍ବକମ' ନୀତି ଉପରେ ହିନ୍ଦୁ ସନାତନ ଧର୍ମ ପର୍ଯ୍ୟବେଶିତ। ସବୁ ଧର୍ମକୁ ସମ୍ମାନ ଏହାର ମୁଖ୍ୟ ଲକ୍ଷ୍ୟ। ସନାତନ ଧର୍ମ ଯେ ସର୍ବଶ୍ରେଷ୍ଠ ଏହା ଭଗବାନଙ୍କ ମୁଖନିସୃତ ବାଣୀ ଅତିପବିତ୍ର ଗ୍ରନ୍ଥ ଭଗବତଗୀତାରେ ଏହାର ଯଥେଷ୍ଟ ପ୍ରଣାମ ରହିଛି। ମନୁଷ୍ୟର ଦୈନନ୍ଦିନ ଜୀବନରେ ଘଟୁଥିବା ସମସ୍ତ ସମସ୍ୟାର ସରଳ ସମାଧାନ ଏହି ପବିତ୍ର ଧର୍ମଗ୍ରନ୍ଥ ଭଗବତଗୀତାରେ ବର୍ଣ୍ଣିତ।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି। ସେଥିପାଇ କୁହାଯାଇଛି 'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ। ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର। ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ। ଋକ, ସାମ୍ୟ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ।' ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ। ବୁଦ୍ଧଦେବ, ଯୀଶୁ, ମହମ୍ମଦ, ଶଙ୍କରାଚାର୍ଯ୍ୟ, ବଳରାମ ଦାସ, ଶ୍ରୀ ଚୈତନ୍ୟ ଦେବ, ସନ୍ଥ ତୁଳସୀ ଦାସ, ମହାତ୍ମା କବୀର, ସ୍ୱାମୀ ବିବେକାନନ୍ଦ ପରି ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରି ସେମାନଙ୍କ ମାନବବାଦ ବାଣୀ ଶୁଣାଇ ଯାଇଛନ୍ତି। କେହି କୁତ୍ରାପି କୌଣସି ଧର୍ମ ପତି ବିଦ୍ୱେଷ ଭାବ ପୋଷଣ କରି ନାହାନ୍ତି। ସମସ୍ତେ ସେହି ଗୋଟିଏ ମହାନ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇଛନ୍ତି ଓ ସମସ୍ତେ ସେହି ଗୋଟିଏ ସାର୍ବଜନୀନ ବାଣୀ ଶୁଣାଇଛନ୍ତି। ତାହା ହେଉଛି ମାନବ ସମାଜର କଲ୍ୟାଣ ସାଧନ। ବୌଦ୍ଧଧର୍ମର ପ୍ରବକ୍ତା ମହାପୁରୁଷ ଗୌତମ ବୁଦ୍ଧ ଧର୍ମନିରପକ୍ଷତାର ପ୍ରଥମ ପ୍ରବକ୍ତା। ମୋଗଲ ସମ୍ରାଟ ଆକବର ନିଜର ଉଦାରତା ଓ ନିରକ୍ଷେପତା ବଳରେ ହିନ୍ଦୁ- ମୁସଲମାନ ଉଭୟଙ୍କର ଅତ୍ୟନ୍ତ ପ୍ରିୟଭାଜନ ହୋଇପାରିଥିଲେ। ସେ ସର୍ବଧର୍ମର ସାରମର୍ମକୁ ସଂଗ୍ରହ କରି 'ଦିନ -ଇ -ଇଲାହି' ନାମକ ଏକ ସମନ୍ୱିତ ଧର୍ମର ପ୍ରଚାର କରିଥିଲେ। ଏପରିକି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ ଗୀତାରେ କହିଛନ୍ତି 'ସର୍ବ ଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ' ଏହାର ଅର୍ଥ ସବୁ ଧର୍ମକୁ ପରିତ୍ୟାଗ କରି ମୋର ଶରଣ ନିଅ; ସୁତରାଂ ଧର୍ମ ନିରପେକ୍ଷତା ହେଉଛି ପୁଣ୍ୟଭୂମି ଭାରତର ମର୍ମବାଣୀ। କ୍ଷମତାପିପାସୁ ରାଜନେତା, ବିଧର୍ମୀ ବ୍ୟକ୍ତିବିଶେଷ ଅସାମାଜିକ ତତ୍ତ୍ୱଙ୍କ ଦ୍ୱାରା ସନାତନ ହିନ୍ଦୁ ଧର୍ମ ବିରୋଧରେ କରାଯାଉଥିବା ଷଡଯନ୍ତ୍ର ସେମାନଙ୍କୁ ରସାତଳଗାମୀ କରିଦେବ ଏବଂ ଭବିଷ୍ୟତରେ ସେମାନଙ୍କ ଅସ୍ତିତ୍ୱର ବିଲୁପ୍ତ ଘଟିବ। ଏଥିରେ ସନ୍ଦେହର କୋଣସି ଅବକାଶ ନାହିଁ। ଏ ବିଶ୍ୱବ୍ରହ୍ମାଣ୍ଡରେ କୋଣସି ଶକ୍ତି ନାହିଁ ଯାହାକି ହିନ୍ଦୁ ସନାତନ ଧର୍ମର ମୂଳପ୍ରାଟନ କରିଦେବ। ଏକବିଂଶ ଶତାବ୍ଦୀର ମଣିଷ ଜାତି, ଧର୍ମ ଓ ସଂପ୍ରଦାୟ ନାମରେ ହତ୍ୟା, ବ୍ୟଭିଚାର, ଧର୍ଷଣ, ଲୁଣ୍ଠନ, ଚୋରି, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହିଁ। ଏତାଦୃଶ କାର୍ଯ୍ୟ ଦ୍ୱାରା କୋଣସି ରାଷ୍ଟ୍ରର ଉନ୍ନତି ଅସମ୍ଭବ। ଏ କଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ସମସ୍ତଙ୍କର ଗୋଟିଏ ଜାତି ତାହା ହେଉଛି ମାନବ ଜାତି ଏବଂ ସମସ୍ତଙ୍କର ଗୋଟିଏ ଧର୍ମ ତାହା ହେଉଛି ମାନବ ଧର୍ମ। ପଣ୍ଡିତ ବିଷ୍ଣୁ ଶର୍ମା କହିଥିଲେ, 'ବସୁଧୈବ କୁଟୁମ୍ବକମ୍ ' ଅର୍ଥାତ ସମର୍ଗ ବସୁଧା ହେଉଛି ଗୋଟିଏ କୁଟୁମ୍ବ। ଏହି ମହାନ ବାଣୀକୁ ଆମେ ଭାରତୀୟ ମାନେ ମନ୍ତ୍ର ଭଳି ଗ୍ରହଣ କରିନେଲେ ବହୁ ସମସ୍ୟାର ସମାଧାନ ସହଜରେ ହୋଇ ପାରିବ। ତେବେ ପୌଷ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ୨୨- ଜାନୁଆରୀ- ୨୦୨୪ ସୋମବାରର ଅତ୍ୟନ୍ତ ଶୁଭ ଦିନରେ ୫୦୦ ବର୍ଷର ସର୍ବ ପୁରାତନ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଅଯୋଧାରେ ନିର୍ମିତ ହେଉଥିବା ନୂତନ ମନ୍ଦିରର ଗର୍ଭଗୃହରେ ବିରାଜିତ କରାଯାଇ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏକବିଂଶ ଶତାବ୍ଦୀର ମନୁଷ୍ୟ ପ୍ରଭୁ ଶ୍ରୀରାମଙ୍କର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ ସମ୍ପାଦନ କରିପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ। ପିତୃ ସତ୍ୟ ପାଳନ କରିବା ପାଇଁ ଯେପରି ଭଗବାନ ଶ୍ରୀରାମ ୧୪ବର୍ଷ ଧରି ବନବାସରେ ଅତିବାହିତ କରିଥିଲେ। ସେହିପରି ମନୁଷ୍ୟ ଜୀବନରେ ଯେତେ ବାଧାବିଘ୍ନ, ଦୁଃଖକଷ୍ଟ, ଘାତପ୍ରତିଘାତ ଆସିଲେ ମଧ କଦାପି ସତ୍ୟପଥରୁ ବିଚ୍ୟୁତ ହେବା କାପୁରୁଷର ଲକ୍ଷଣ। ଭଗବାନ ଶ୍ରୀରାମ ସତ୍ୟ, ଧର୍ମ, ନ୍ୟାୟ ଏବଂ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ଏହିସବୁ ମହନୀୟ ଗୁଣ ମନୁଷ୍ୟ ନିଜର ବାସ୍ତବ ଜୀବନରେ ଉପଯୋଗ କରିପାରିଲେ ସେ ନିଜକୁ ପ୍ରତିଷ୍ଠିତ କରିପାରିବ। ଭଗବାନ ଶ୍ରୀରାମ ଯେପରି ବିଶ୍ୱବ୍ରହ୍ମାଣ୍ଡର ଛୋଟ କୀଟପତଙ୍ଗ ଠାରୁ ଆରମ୍ଭ କରି ପଶୁପକ୍ଷୀ, ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ତାଙ୍କ ପାଖରେ ଉଚ୍ଚନୀଚର ଭେଦଭାବ ନଥିଲା। ସେହିପରି ଆମକୁ ଅହଂକାର ପରିହାର କରି ସମସ୍ତଙ୍କୁ ଆପଣାର ଭାବିବାକୁ ପଡିବ, କାହାକୁ ବି ହେୟଜ୍ଞାନ ମନେକରିବା ଉଚିତ ନୁହେଁ । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ଆବଶ୍ୟକ। ପ୍ରଭୁ ଶ୍ରୀରାମ ଯେପରି ନମ୍ର ଶାଳୀନତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ ତାହା ଏକବିଂଶ ଶତାବ୍ଦୀର ମନୁଷ୍ୟ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟୀ। ମନୁଷ୍ୟକୁ ସଫଳ ହେବାକୁ ହେଲେ ବାସ୍ତବ ଜୀବନରେ ନମ୍ର, ଉଦାରବାଦୀ, ଦୟାଳୁ, କର୍ତ୍ତବ୍ୟନିଷ୍ଠ, ସତ୍ୟବାଦୀ ହେବାକୁ ପଡିବ। ଭଗବାନ ଶ୍ରୀରାମ ଆଦର୍ଶବାଦୀ, ନ୍ୟାୟବନ୍ତ, ପ୍ରଜାଅନୁରାଗୀ, ସତ୍ୟନିଷ୍ଠ ରାଜା ଥିଲେ। ଠିକ୍ ସେହିପରି ଏକବିଂଶ ଶତାବ୍ଦୀର ରାଜନେତା କ୍ଷମତା ମୋହରେ ଅନ୍ଧ ନହୋଇ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ଅସହାୟ ଜନତାଙ୍କ ସେବା କରିବା ଉଚିତ। ପ୍ରଭୁ ଶ୍ରୀରାମ ଯେପରି ନିଜର ନୀତି, ଆଦର୍ଶ, ନୈତିକତା ସହିତ କୌଣସି ସାଲିସ କରୁନଥିଲେ ଠିକ୍ ସେହିପରି ଯେତେ ବାଧାବିଘ୍ନ ଘାତପ୍ରତିଘାତ ଆସିଲେ ମଧ ଆମେ ନିଜର ନୈତିକତା, ନୀତି, ଆଦର୍ଶ ସହିତ ସାଲିସ କରିବା ଅନୁଚିତ। ଯେପରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ମୃତ୍ୟୁଶଯ୍ୟାରେ ପଡିରହିଥିବା ଅହଂକାରୀ ଦାନବ ରାବଣ ଠାରୁ ଶିକ୍ଷା ଗ୍ରହଣ କରିବା ପାଇଁ ନିଜର କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ପ୍ରେରଣ କରି ନିଜର ମହାନତା, ନମ୍ରତାର ପରିଚୟ ଦେଇଛନ୍ତି ଏହା ସଦାସର୍ବଦା ମାନବଜାତି ପାଇଁ ପ୍ରେରଣାଦାୟୀ। ଏକବିଂଶ ଶତାବ୍ଦୀର ରାଜନେତା ନିଜର ରାଜନୈତିକ ପ୍ରତିଦ୍ୱନ୍ଦୀଙ୍କୁ ଶତ୍ରୁ ନଭାବି କାଦୁଅଫିଙ୍ଗା ରାଜନୀତିରୁ ନିବୃତ୍ତ ରହି ପରସ୍ପର ମିଳିତ ସହଯୋଗ ଓ ବୁଝାମଣାରେ ଆମ ରାଷ୍ଟ୍ରର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରିବା ଆବଶ୍ୟକ। ଏହିପରି ହୋଇପାରିଲେ ରାମରାଜ୍ୟର ପରିକଳ୍ପନା ବାସ୍ତବରେ ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଆଶୁତୋଷ ନାୟକ
ଗୋପାଳପୁର, ବାଲେଶ୍ୱର,
ଦୂରଭାଷ-୭୦୨୦୬୧୧୩୦୦




# କଂଗ୍ରେସରେ ଯୋଗ ଦେଲେ ପୂର୍ବତନ ବିଜେଡି ବିଧାୟକ ବଳଭଦ୍ର ମାଝୀ



**ଭବାନୀପାଟଣା(ଏନ୍.ଏମ୍.):** ପ୍ରଦେଶ କଂଗ୍ରେସରେ ନୂତନ ପ୍ରଭାରୀ ଭାବେ ଅଜୟ କୁମାର ଦାୟିତ୍ୱ ନେବାପରେ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଦଳର ହେବିୱେଟ ନେତାମାନଙ୍କୁ ଦଳକୁ ଫେରାଇ ଆଣିବା ସହ ଅନ୍ୟ ଦଳର ହେଭିୱେଟ ନେତାଙ୍କୁ ଦଳକୁ ଆଣି ଆଗାମୀ ନିର୍ବାଚନରେ କଂଗ୍ରେସ ଅଧିକ ଆସନ ହାତେଇବାକୁ ଉଦ୍ୟମ ଆରମ୍ଭ କରିଛି । ଏହି ପରିପ୍ରେକ୍ଷୀରେ ଆଜି ବିଜେଡିର ପୂର୍ବତନ ବିଧାୟକ ବଳଭଦ୍ର ମାଝୀ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି । କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣାରେ ଆଜି ଆୟୋଜିତ କଂଗ୍ରେସର ମିଶ୍ରଣ ପର୍ବରେ ସମର୍ଥକଙ୍କ ସହ ବଳଭଦ୍ର ମାଝୀ ହାତ ଧରିଛନ୍ତି । ଏଥିଲାଗି ଆୟୋଜିତ ମିଶ୍ରଣ ପର୍ବରେ ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ପ୍ରଭାରୀ ଅଜୟ କୁମାର, ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ ଓ ତାରା ପ୍ରସାଦ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ । ନିଜ ଅଞ୍ଚଳର ଲୋକଙ୍କ ସ୍ୱାର୍ଥକୁ ଆଖିରେ ରଖି ସେ କଂଗ୍ରେସରେ ସାମିଲ ହୋଇଥିବା ଶ୍ରୀ ମାଝୀ କହିଛନ୍ତି । ସୂଚନାଯୋଗ୍ୟ, ବିଜେଡିର ପୂର୍ବତନ ବିଧାୟକ ଶ୍ରୀ ମାଝୀ ଗତ ଜାନୁଆରି ୮ ତାରିଖରେ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ସେ ତାଙ୍କର ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ, ଲଗାତାର ଭାବରେ ୧୯୯୦ ମସିହାରୁ ବଳଭଦ୍ର ମାଝୀ ଲାଞ୍ଜିଗଡ଼ ବିଧାନସଭାରୁ ୫ଥର ନିର୍ବାଚିତ ହୋଇଥିଲେ । ହେଲେ ୨୦୧୯ରେ ଦଳ ତାଙ୍କୁ ଟିକେଟ ଦେଇନଥିଲା । ଟିକେଟ କଟିବା ପରେ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ତା'ପରେ ବି ସେ ବିଜେଡିରେ ସକ୍ରିୟ ଥିଲେ । ହେଲେ ଦଳରେ ଅବହେଳାର ଶିକାର ହୋଇଥିବା କାରଣରୁ ଶ୍ରୀ ମାଝୀ ବିଜେଡିରୁ ଇସ୍ତଫା ଦେଇଥିଲେ । ଏବେ କଂଗ୍ରେସରେ ଯୋଗଦେଇ ସେ ପୂର୍ବଭଳି ଜନସାଧାରଣଙ୍କ ସହିତ ରହିବେ ବୋଲି କହିଛନ୍ତି ।

# ଭିଜିଲାନ୍ସ ଜାଲରେ ମିଶନ ଶକ୍ତିର ଦୁଇ କର୍ମଚାରୀ



**ବାରିପଦା(ଏନ୍.ଏମ୍.):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ମିଶନ ଶକ୍ତିର ଦୁଇ ଜଣ କର୍ମଚାରୀ । ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ମିଶନ ଶକ୍ତିର ବିପିଏମ ଲକ୍ଷ୍ମଣ ବିଶ୍ୱାଳ ଓ ସଂଯୋଜକ ପ୍ରଦୀପ୍ତ ଭୂୟାଁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ମିଶନ ଶକ୍ତି ବିଭାଗର ଏକ ଏଲଡିଏମ ପଦବୀ ପାଇଁ କିଛି ମହିଳା ଆବେଦନ କରିଥିଲେ । ଚାକିରି କରାଇ ଦେବା ପାଇଁ ଜଣେ ମହିଳାଙ୍କୁ ସେମାନେ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏଲଡିଏମ ପଦ ପାଇଁ ହୋଇଥିବା ପରୀକ୍ଷାରେ ଦୁଇ ଜଣ ମହିଳା କୃତକାର୍ଯ୍ୟ ହୋଇଥିବା ଲକ୍ଷ୍ମଣ ଓ ପ୍ରଦୀପ୍ତ ଜାଣିପାରିଥିଲେ । ଏହାର ସୁଯୋଗ ନେଇ ଚାକିରି କରାଇଦେବା ବାହାନାରେ ସେମାନେ ଜଣଙ୍କୁ ଲାଞ୍ଚ ମାଗିଥିଲେ । ଉକ୍ତ ମହିଳା ଏନେଇ ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କୁ ଜଣାଇଥିଲେ । ଏହାପରେ ବାରିପଦା ଭିଜିଲାନ୍ସ ୟୁନିଟ ଦୁଇ ଲାଞ୍ଚୁଆ କର୍ମଚାରୀଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ । ବୁଧବାର ପୂର୍ବ ଯୋଜନା ମୁତାବକ ପ୍ରଦୀପ୍ତ ଏବଂ ଲକ୍ଷ୍ମଣ ବ୍ଲକ କାର୍ଯ୍ୟାଳୟ ପରିସରରେ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ମାଡ଼ି ବସିଥିଲା ଭିଜିଲାନ୍ସ ଟିମ । ପ୍ରଦୀପ୍ତ ଓ ଲକ୍ଷ୍ମଣଙ୍କ ବାରିପଦା ବାସଭବନରେ ଭିଜିଲାନ୍ସ ଯାଞ୍ଚ କରିଛି । ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି ବାରିପଦା ଭିଜିଲାନ୍ସ ଡିଏସପି ।

# ୩୮ ଆଇଏଏସ୍ ଅଫିସରଙ୍କ ବଦଳି : ବଦଳିଲେ ୧୭ଜିଲ୍ଲାର ଜିଲ୍ଲାପାଳ




**ଭୁବନେଶ୍ୱର(ଏନ୍.ଏମ୍.):** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସର୍ବାଧିକ ଚର୍ଚ୍ଚାରେ ଥିବା ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ସରକାରଙ୍କ ରୋଷର ଶିକାର ହେବାକୁ ପଡ଼ିଛି । ସମର୍ଥଙ୍କୁ ଜିଲ୍ଲାପାଳ ପଦରୁ ହଟାଇ ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି ଓ ରଞ୍ଜନଙ୍କୁ ଶ୍ରୀମନ୍ଦିର ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି । ସେହିପରି କଟକ ଜିଲ୍ଲାପାଳ ନରହରି ସେଠୀଙ୍କୁ ମାତ୍ର ୨ମାସରେ ହଟାଇ ଦିଆଯାଇଥିବାବେଳେ ରାଜନୀତିକ କାରଣରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ବାଦ୍ ପଡ଼ିଛନ୍ତି । ୨୦୧୧ ବ୍ୟାଚ୍ ଆଇଏଏସ୍ ଆଶୀଷ ଠାକରେଙ୍କୁ ପ୍ରାୟ ୫ବର୍ଷ ପରେ ଖଣିସମୃଦ୍ଧ କେନ୍ଦୁଝର ଜିଲ୍ଲାରୁ ବଦଳି କରି ଆଉ ଏକ ଖଣି ଜିଲ୍ଲା ମୟୂରଭଞ୍ଜର ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଓଏଏସ ଅଫିସରଙ୍କୁ ଜିଲ୍ଲାପାଳ ଦାୟିତ୍ୱରୁ ସରକାର ବିଦା କରି ୨୦୧୮ ବ୍ୟାଚର ୪ଜଣ ଆଇଏଏସ୍ ଓ ୨୦୧୯ ବ୍ୟାଚର ୬ଆଇଏଏସ୍ ଅଫିସରଙ୍କୁ ଜିଲ୍ଲାପାଳ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ୩୮ଜଣ ଆଇଏଏସ୍ ଓ ୩ଜଣ ବରିଷ୍ଠ ଓଏଏସ ଅଫିସରଙ୍କ ବଦଳି ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଦକ୍ଷିଣାଞ୍ଚଳ ଆରଡିସି ୨୦୦୦ ବ୍ୟାଚ୍ ଆଇଏଏସ୍ ତେମଜେନ ୱାପଙ୍ଗ.ଆଓଙ୍କୁ ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଭାବେ ବଦଳି ହୋଇଛି । ସେହିପରି ପଞ୍ଚାୟତିରାଜ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟିଙ୍କୁ ସମ୍ବଲପୁର ଆରଡିସି, ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ୨୦୦୭ ବ୍ୟାଚ୍ ଆଇଏଏସ୍ ରଞ୍ଜନ କୁମାର ଦାସଙ୍କୁ କେନ୍ଦ୍ରାଞ୍ଚଳ ଆରଡିସି ଭାବେ ବଦଳି ହୋଇଛି ଓ ସେ ଅତିରିକ୍ତ ଭାବେ ଦକ୍ଷିଣାଞ୍ଚଳ ଆରଡିସି ଦାୟିତ୍ୱରେ ରହିବେ ।

ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମାଙ୍କୁ ପୁରୀ ଜିଲ୍ଲାପାଳ ପଦରୁ ହଟାଇ ଦିଆଯାଇଛି । ତାଙ୍କୁ ଶ୍ରୀଜଗନ୍ନାଥ ମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି କେନ୍ଦୁଝର ଜିଲ୍ଲାରେ ଦୀର୍ଘ ୫ବର୍ଷରୁ ଅଧିକ ସମୟ ଧରି ଜିଲ୍ଲାପାଳ ଥିବା ୨୦୧୧ ବ୍ୟାଚ୍ ଆଇଏଏସ୍ ଆଶୀଷ ଠାକରେଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଦାୟିତ୍ୱ ମିଳିଛି । ରାଜନୀତିକ କାରଣରୁ ଖୋର୍ଦ୍ଧା ଜିଲ୍ଲାପାଳ ଆଇଏଏସ୍ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭୁବନେଶ୍ୱରସ୍ଥିତ କ୍ଷୁଦ୍ର ମିନେରାଲ୍ସ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଆଇଏଏସ୍ ଭିନିତ୍ ଭରଦ୍ୱାଜଙ୍କୁ କଟକ ଜିଲ୍ଲାପାଳ, କଟକ ମହାନଗର ନିଗମ କମିଶନର ଆଇଏଏସ୍ ନିଖିଲ ପୱନ କଲ୍ୟାଣଙ୍କୁ ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ, ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ତଥା ୨୦୧୨ ବ୍ୟାଚ୍ ଆଇଏଏସ୍ ବିଜୟ କୁମାର ଦାଶଙ୍କୁ ପୁରୀ ଜିଲ୍ଲାପାଳ, ବରଗଡ଼ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କୁ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ, ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ, ରାୟଗଡ଼ା ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କୁ ନୟାଗଡ଼ ଜିଲ୍ଲାପାଳ, ଅନୁଗୁଳ ଜିଲ୍ଲାପାଳ ଶ୍ରୀଧର ଶଙ୍କର ସ୍ୱାଇଁଙ୍କୁ କଟକ ମହାନଗର ନିଗମ କମିଶନର, ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଂଚାୟତିରାଜ ବିଭାଗର ଯୁଗ୍ମ ସଚିବ, କୋରାପୁଟ ଜିଲ୍ଲାପାଳ ଅବଦଲ ଅଖତରଙ୍କୁ ଅନୁଗୁଳ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଆଇଏଏସ୍ ଲିଙ୍ଗରାଜ ପଣ୍ଡାଙ୍କୁ ସମବାୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଶ୍ରମ କମିଶନର, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ଯୁଗ୍ମ ସଚିବ, ମାଲକାନଗିରି ଜିଲ୍ଲାପାଳ ବିଶାଳ ସିଂହଙ୍କୁ କେନ୍ଦୁଝର ଜିଲ୍ଲାପାଳ, ରାଉରକେଲା ମହାନଗର ନିଗମ କମିଶନର ଶୁଭଙ୍କର ମହାପାତ୍ରଙ୍କୁ ଯାଜପୁର ଜିଲ୍ଲାପାଳ, ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇଏଏସ୍ କୀର୍ତ୍ତି ଭାସନଙ୍କୁ କୋରାପୁଟ ଜିଲ୍ଲାପାଳ, ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ବ୍ରହ୍ମପୁର ମହାନଗର ନିଗମର କମିଶନର ଜୋ.ସୋନାଲଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ୨୦୧୯ ବ୍ୟାଚ୍ ଆଇଏଏସ୍ ତଥା ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲଙ୍କୁ ସମ୍ବଲପୁର ଜିଲ୍ଲାପାଳ, ବରଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ଗୋଏଲଙ୍କୁ ବରଗଡ଼ ଜିଲ୍ଲାପାଳ, ନବରଙ୍ଗପୁର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସଙ୍କୁ ସୋନପୁର ଜିଲ୍ଲାପାଳ, ମନୋଜ କୁମାର ମହାଜନଙ୍କୁ ରାୟଗଡ଼ା ଜିଲ୍ଲାପାଳ, ପାୱାର ସଚିନ ପ୍ରକାଶଙ୍କୁ ମାଲକାନଗିରି ଜିଲ୍ଲାପାଳ, ଗୌରବ ଶିବାଜୀ ଈଶାଲ୍‌ଦରଙ୍କୁ ବଲାଙ୍ଗିର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ୨୦୨୦ ବ୍ୟାଚ୍ ଆଇଏଏସ୍ ମଧୁମିତାଙ୍କୁ ବ୍ରହ୍ମପୁର ମହାନଗର ନିଗମ କମିଶନର, ଆଇଏଏସ୍ ବିଭୂତି ଭୂଷଣ ନାୟକଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ସେହିପରି ୨୦୨୧ ବ୍ୟାଚ୍ ଆଇଏଏସ୍ ଧୀନାହ ଦସ୍ତଗରଙ୍କୁ ଗଞ୍ଜାମ ଉପଜିଲ୍ଲାପାଳ, ରୀନା ପ୍ରଧାନଙ୍କୁ ବାଲିଗୁଡ଼ା ଉପଜିଲ୍ଲାପାଳ, ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ, କିରନଦୀପ କୌର ସାହୋଟାଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ରେହାନ କ୍ଷତ୍ରୀଙ୍କୁ ଟିଟିଲାଗଡ଼ ଉପଜିଲ୍ଲାପାଳ, ଧୀମନ ଚକମାଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ସୋନପୁର ଜିଲ୍ଲାପାଳ ଓଏଏସ୍ ବିମଳେନ୍ଦୁ ରାୟଙ୍କୁ ଇପିଏମ୍ ନିର୍ଦ୍ଦେଶକ, ବୌଦ୍ଧ ଜିଲ୍ଲାପାଳ ଓଏଏସ୍ ନୃସିଂହ ଚରଣ ସ୍ୱାଇଁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ଓଏଏସ୍ ନରହରି ସେଠୀଙ୍କୁ କଟକ ଜିଲ୍ଲାପାଳରୁ ହଟାଇ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଛି ।

# ନିଜ ଘର ଦାନ କରିଦେଲେ ଡା. ନାରାୟଣୀ ପଣ୍ଡା ; ପୂର୍ବରୁ ନିଜ ଅର୍ଥ, ସମ୍ପତ୍ତି ବି ଦେଇ ସାରିଛନ୍ତି



**ସମ୍ବଲପୁର(ଏନ୍.ଏମ୍.):** ପ୍ରଚାର, ପ୍ରସାର, ଆତ୍ମବିଜ୍ଞାପନଠୁ ସେ ବହୁ ଦୂରରେ । ପୂର୍ବରୁ ବିଭିନ୍ନ କଲେଜ, ଶିକ୍ଷାନୁଷ୍ଠାନକୁ ଲକ୍ଷ ଲକ୍ଷ ଟଙ୍କା ଦାନ କରି ସାରିଥିବା ବେଳେ ଏବେ ନିଜର ସର୍ବସ୍ୱ ଦାନ କରି ଦେଲେ । ନିଜେ ରହୁଥିବା ଏକମାତ୍ର ଘରକୁ ବି ଚୁପଚାପ ଦାନ କରିଦେଲେ । ଏହାକୁ ଦାନ କରିବା ପରେ ତାଙ୍କ ମୁହଁରେ ଖେଳିଯାଇଛି ଆତ୍ମସନ୍ତୋଷର ହସ । ଏପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି । ସମ୍ବଲପୁରର ୮୭ ବର୍ଷିୟା ସମାଜସେବୀ ତଥା ଖ୍ୟାତନାମା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ନାରାୟଣୀ ପଣ୍ଡା । ଡାକ୍ତର ପଣ୍ଡା ପୂର୍ବରୁ ନିଜର ଅର୍ଥ ଓ ସମ୍ପତ୍ତି ଭିନ୍ନ ଭିନ୍ନ ସଂସ୍ଥାକୁ ଦାନ କରି ସାରିଛନ୍ତି । ତାଙ୍କ ପାଖରେ କେବଳ ଗୋଟିଏ ଘର ଥିବା ବେଳେ ସେଠାରେ ସେ ରହୁଥିଲେ । ମାତ୍ର ଏବେ ସେ ଉକ୍ତ ଘରକୁ ବି ହସ ହସ ମୁହଁରେ ଦାନ କରି ସାରିଛନ୍ତି । ଡାକ୍ତର ପଣ୍ଡା ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ନିଜ ଘର ଦାନ କରି ଦେଇଛନ୍ତି । ଏନେଇ ସେ କହିଛନ୍ତି, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର କିଛି ପିଲା ହଷ୍ଟେଲରେ ରହିବାକୁ ଜାଗା ନ ପାଇ ମୋ' ପାଖକୁ ଆସି ସେମାନଙ୍କ ଦୁଃଖ କହିଥିଲେ । ତେଣୁ କିଛି ପିଲାଙ୍କୁ ଉପର ମହଲାରେ ରଖିଛି । ଏହାପରେ ଭାବିଲି ଘର ଆଉ କାହାକୁ ଦେବା ଅପେକ୍ଷା କଲେଜ ଛୁଆମାନଙ୍କୁ କାହିଁକି ନ ଦେବି । ତେଣୁ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ଗତକାଲି ମହିଳା ମହାବିଦ୍ୟାଳୟକୁ ଘର ହସ୍ତାନ୍ତର କରି ଦେଇଛି । ଝିଅ ପିଲାଙ୍କ ହଷ୍ଟେଲ ପାଇଁ ଏହା ବ୍ୟବହାର ହେବ । ଏହି ଅବସରରେ ସେ କହିଛନ୍ତି, ମୁଁ ତ କୌଣସି ଜିନିଷ ନେଇ ଆର ପାରିକୁ ଯାଇ ପାରିବିନି, ତେଣୁ ଲୋଭ କାହିଁକି କରିବି । ଯେତିକି ଜିନିଷ ଦରକାର ସେତିକି ପାଖରେ ରଖି ଆଉ ସବୁ ଅନ୍ୟମାନଙ୍କୁ ଦାନ କରି ଦେବା ଉଚିତ । ଏହା ପୂର୍ବରୁ ସେ ପାଠ ପଢୁଥିବା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅତ୍ୟାଧୁନିକ ଆଇଟି ସେଣ୍ଟର ସ୍ଥାପନ ନେଇ ୩୦ ଲକ୍ଷ ପ୍ରଦାନ କରିଥିଲେ । ଉକ୍ତ କଲେଜରେ ସେ ପାଠ ପଢୁଥିବା ବେଳେ କଲେଜ ତରଫରୁ ତାଙ୍କୁ ସ୍କଲାରଶିପ୍ ପ୍ରଦାନ କରାଯାଇଥିଲା । କଲେଜର ଋଣ ଶୁଝିବାକୁ ଯାଇ ସେ ୩୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଅନୁରୂପ ସରକାରୀ ମହିଳା ମହାବିଦ୍ୟାଳୟର ନବ ନିର୍ମିତ ବହୁମୁଖୀ ସମ୍ମିଳନୀ କକ୍ଷ ଓ ଭିତ୍ତିଭୂମିର ବିକାଶ ନେଇ ୨୦ ଲକ୍ଷର ଅନୁଦାନ ଦେଇ ସାରିଛନ୍ତି । ବିଭିନ୍ନ ମହାବିଦ୍ୟାଳୟର ସ୍ୱତନ୍ତ୍ର 'କର୍ପସ' ପାଣ୍ଠିକୁ ବି ଡାକ୍ତର ପଣ୍ଡା ଲକ୍ଷାଧିକ ଟଙ୍କା ଦାନ କରି ସାରିଛନ୍ତି । ଏହା ପରେ ସମ୍ବଲପୁରର ପୁଟିବନ୍ଧ ସ୍ଥିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଆସବାବପତ୍ର କ୍ରୟ ତଥା ଭିତ୍ତିଭୂମି ବିକାଶ ନେଇ ସେ ୧୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ସମ୍ବଲପୁର ସହରର ଭୁତାପଡ଼ାସ୍ଥିତ ୮ ଡେସିମିଲ ପରିମିତ ଜାଗାରେ ନିର୍ମିତ ୨ମହଲା ଘରଟିକୁ ଦାନ କର ିଦେଇଛନ୍ତି ଡାକ୍ତର ପଣ୍ଡା । ଡାକ୍ତର ପଣ୍ଡାଙ୍କର ଉକ୍ତ ଘରଟିକୁ କିଛି ମାସ ହେଲା ସରକାରୀ ମହିଳା ମହାବିଦ୍ୟାଳୟର ହଷ୍ଟେଲ ଭାବେ ବ୍ୟବହାର କରାଯାଉଛି । ଏହି ଘରକୁ ୪ରୁ ୫ ମାସ ପୂର୍ବେ ହଷ୍ଟେଲ ଭାବେ ବ୍ୟବହାର କରାଯାଇଆସୁଛି । ମାତ୍ର ଏହା ମଧ୍ୟରେ ଡାକ୍ତର ପଣ୍ଡା ଏଥିନିମନ୍ତେ ଆବଶ୍ୟକ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ଗତକାଲି ମହିଳା ମହାବିଦ୍ୟାଳୟ ଅଧକ୍ଷାଙ୍କୁ ହସ୍ତାନ୍ତର କରି ଦେଇଛନ୍ତି ।

# ବାଙ୍ଗିରିପୋଷି ଘାଟିରେ ଓଲଟିଲା ଧଉଳି ଗଣନାଟ୍ୟ ଟ୍ରକ୍ ; ୬ ମୃତ, ୧୨ ଗୁରୁତର



**ବାରିପଦା(ଏନ୍.ଏମ୍.):** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଘାଟିରେ ଜାତ୍ରା ପାର୍ଟି ଟ୍ରକ ଓଲଟି ଏକ ମର୍ମନ୍ତୁଦ ଦୁର୍ଘଟଣା ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ହୋଇଛନ୍ତି । ଦୁର୍ଘଟଣାର ଶିକାର ହୋଇଥିବା ଗାଡ଼ିଟି ଧଉଳି ଗଣନାଟ୍ୟର ବୋଲି ଜଣାପଡ଼ିଛି । ଲାଇଟ୍ ଓ ବକ୍ସ ଆଦି ସରଞ୍ଜାମ ଭର୍ତ୍ତି କରି ଧଉଳି ଗଣନାଟ୍ୟର କର୍ମଚାରୀ ଆଜି ସକାଳେ ଏକ ଟ୍ରକରେ ରାଇରଙ୍ଗପୁରରୁ ଜଳେଶ୍ୱର ଅଭିମୁଖେ ଯାଉଥିଲେ । ଗାଡ଼ିଟି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ବାଙ୍ଗିରିପୋଷି ଘାଟି ରାସ୍ତା ଅତିକ୍ରମ କରୁଥିବାବେଳେ ଶେଷ ମୋଡ଼ରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଗାଡ଼ିଟି ରାସ୍ତାର ପ୍ରାୟ ୨୦ ଫୁଟ ତଳକୁ ଖସି ପଡ଼ିଥିଲା । ଫଳରେ ଗାଡ଼ିରେ ଥିବା ଲାଇଟ୍ ଓ ବାକ୍ସ ତଳେ ବହୁ ଲୋକ ଚାପି ହୋଇ ଯାଇଥିଲେ । ଖବର ପାଇ ତୁରନ୍ତ ବାଙ୍ଗିରିପୋଷି ପୁଲିସ୍, ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରିଥିଲେ । ଏହି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ୧୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ ଜାତୀୟ ରାଜପଥର ଦୁଆରଶୁଣି ଘାଟିକୁ ମୟୂରଭଞ୍ଜ ଜିଲ୍ଲାର ଲାଇଫଲାଇନ୍ କୁହାଯାଉଥିବା ବେଳେ ଏବେ ଘାଟି ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବାଙ୍ଗିରିପୋଷି ଘାଟିର ୯କିଲୋମିଟର ରାସ୍ତା ଶିମିଳିପାଳ ଜୈବ ମଣ୍ଡଳ ଅଧୀନରେ ଆସୁଥିବାରୁ ଏହାର ସମ୍ପ୍ରସାରଣ କାର୍ଯ୍ୟ ବର୍ଷ ବର୍ଷ ଧରି ଅଟକି ରହିଛି । ଫଳରେ ଏହି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଲାଣି । ଏହି ଘାଟି ରାସ୍ତାରେ ଗତ ଦୁଇ ବର୍ଷ ମଧ୍ୟରେ ୧୬୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିବା ବେଳେ ପ୍ରାୟ ୪୦ ଜଣଙ୍କ ମୃତ୍ୟୁ ଘଟିଛି । ଏଥିସହ ୨ ଶହରୁ ଅଧିକ ଗୁରୁତର ହୋଇ ଭିନ୍ନକ୍ଷମ ହୋଇ ଯାଇଛନ୍ତି । ଆଜିର ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି । ମୃତକମାନଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ଏହା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହାସହିତ ଆହତ ବ୍ୟକ୍ତି ମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଆଇପିଏସ୍ ସ୍ତରରେ ବଡ଼ ଅଦଳ ବଦଳ, ବଦଳିଲେ ପୁଲିସ୍ କମିଶନର



**ଭୁବନେଶ୍ୱର(ଏନ୍.ଏମ୍.):** ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ଆଇଏଏସ୍ ପରେ ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହୋଇଥିବା ଜଣାପଡ଼ିଛି । ଏହି ପ୍ରକ୍ରିୟାରେ ବଦଳିଛନ୍ତି ଭୁବନେଶ୍ୱର-କଟକ ପୁଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ । ତାଙ୍କୁ ଗୁଇନ୍ଦା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ୧୯୯୪ ବ୍ୟାଚର ଆଇପିଏସ୍ ଅଫିସର ତଥା ଏବେ ଗୁଇନ୍ଦା ନିର୍ଦ୍ଦେଶକ ଥିବା ସଞ୍ଜୀବ ପଣ୍ଡାଙ୍କୁ ଟ୍ୱିନ୍ ସିଟିର ପୁଲିସ୍ କମିଶନର ଭାବେ ନିଯୁକ୍ତି ମିଳିଛି । ଏହି ପରିପ୍ରେକ୍ଷୀରେ କଟକ ଡିସିପି ମଧ୍ୟ ବଦଳିଛନ୍ତି । କଟକ ଡିସିପି ଥିବା ପିନାକ ମିଶ୍ରଙ୍କୁ ପୁରୀ ଏସ୍ପି ଭାବେ ବଦଳି କରାଯାଇଛି । ସେହିଭଳି ପୁରୀ ଏସପି କନୱର ବିଶାଲ ସିଂହଙ୍କୁ କଟକ ଡିସିପି ଭାବେ ବଦଳି କରାଯାଇଛି । ଏଥିସହିତ ସେ ଡେପୁଟି ଆଇଜି ଭାବେ ଏହି ପଦବୀରେ କାର୍ଯ୍ୟ କରିବେ । ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ୧୯୯୫ ବ୍ୟାଚର ଆଇପିଏସ୍ ଅଫିସର ସନ୍ତୋଷ ବାଲାଙ୍କୁ ଓଡ଼ିଶା ପୁଲିସ ହାଉସିଂ ୱେଲଫେୟାର କର୍ପୋରେସନର ସିଏମଡି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବାକୁ କୁହାଯାଇଛି । ପୁନଶ୍ଚ ପୂର୍ବାଞ୍ଚଳ ଆଇଜି ଥିବା ୨୦୦୩ ବ୍ୟାଚର ଆଇପିଏସ୍ ଅଫିସର ହିମାଂଶୁ ଲାଲ୍‌ଙ୍କୁ ଉତ୍ତରାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି । ଉତ୍ତରାଞ୍ଚଳ ଆଇଜି ଥିବା ୨୦୦୪ ବ୍ୟାଚ୍ ଆଇପିଏସ୍ ଅଫିସର ଡାକ୍ତର ଦୀପକ କୁମାରଙ୍କୁ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି କରାଯାଇଛି । ସେ ଅତିରିକ୍ତ ଭାବେ ଅନୁଗୋଳ ପୁଲିସ ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସିପାଲ ଦାୟିତ୍ୱରେ ମଧ୍ୟ ରହିବେ । ଦକ୍ଷିଣାଞ୍ଚଳ ଆଇଜି ଥିବା ୨୦୦୪ ବ୍ୟାଚର ଆଇପିଏସ୍ ଅଫିସର ସତ୍ୟବ୍ରତ ଭୋଇଙ୍କୁ ପୂର୍ବାଞ୍ଚଳ ଆଇଜି କରାଯାଇଥିବା ବେଳେ ଇଓଡବ୍ଲ୍ୟୁ, ଏସଟିଏଫ୍ ଆଇଜି ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ ଆଇଜି ଭାବେ ବଦଳି କରାଯାଇଛି । ଏଥିସହିତ ଶ୍ରୀ ପଙ୍କଜ ଇଓଡବ୍ଲ୍ୟୁ, ଏସଟିଏଫ ଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । ହେଡକ୍ୱାର୍ଟର ଏଆଇଜିପି ଥିବା ବି. ଯୁଗଳ କିଶୋରଙ୍କୁ କେନ୍ଦ୍ରାପଡ଼ା ଏସପି ଭାବେ ବଦଳି କରାଯାଇଛି । କେନ୍ଦ୍ରାପଡ଼ା ଏସପି ମଡକର ସନ୍ଦୀପ ସଂପଦଙ୍କୁ ଢେଙ୍କାନାଳ ଏସପି ଭାବେ ବଦଳି କରାଯାଇଛି । ସେହିଭଳି ୨୦୧୪ ବ୍ୟାଚର ଆଇପିଏସ୍ ଅଫିସର ତଥା ରାୟଗଡ଼ା ଏସପି ଥିବା ବିବେକାନନ୍ଦ ଶର୍ମାଙ୍କୁ ରାଜ୍ୟ ପୁଲିସ୍ ମୁଖ୍ୟ କାର୍ଯ୍ୟାଳୟକୁ ଏଆଇଜିପି ଭାବେ ବଦଳି କରାଯାଇଛି । ବରିଷ୍ଠ ଓପିଏସ୍ ତଥା ଢେଙ୍କାନାଳ ଏସପି ଜ୍ଞାନରଞ୍ଜନ ମହାପାତ୍ରଙ୍କୁ ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସପି ଭାବେ ବଦଳି କରାଯାଇଥିବା ବେଳେ ସୋନପୁର ଏସପି ତଥା ଓପିଏସ୍ ଅମରେଶ ପଣ୍ଡାଙ୍କୁ ଏଆଇଜିପି ଭାବେ ପୁଲିସ୍ ମୁଖ୍ୟାଳୟକୁ ବଦଳି କରାଯାଇଛି । ପୁନଶ୍ଚ ଦେବଗଡ଼ ଏସପି ପି.କେ ମିଶ୍ରଙ୍କୁ ରାଉରକେଲା ରେଲୱେ ଏସପି ଭାବେ ବଦଳି କରାଯାଇଥିବା ବେଳେ ରାମ ପ୍ରସାଦ ସାହୁ ହୋଇଛନ୍ତି ଦେବଗଡ଼ ଏସପି । ଜୟପୁର ଏସଡିପିଓ ହରିଶ ବି.ସିଙ୍କୁ ରାୟଗଡ଼ା ଏସପି ଭାବେ ବଦଳି କରାଯାଇଥିବା ବେଳେ ବାଲିଗୁଡ଼ା ଏସଡିପିଓ ଯଶପ୍ରତାପ ଶ୍ରୀମଲ ହୋଇଛନ୍ତି ସୋନପୁର ଏସପି । ତେବେ ୨୦୨୦ ବ୍ୟାଚର ଏହି ଦୁଇ ଆଇପିଏସ୍ ଅଫିସରଙ୍କୁ ଏସପି ଭାବେ ପଦୋନ୍ନତି ମିଳିଥିବା ରାଜ୍ୟ ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।




# ଆଞ୍ଚଳିକ

### ଦଳକୁ ଫେରିଲେ ହେଭି ୱେଟ ନେତା

# ମୋକିମ, ଚିରଞ୍ଜୀବୀଙ୍କ ଉପରୁ କଂଗ୍ରେସ ହଟାଇଲା ନିଲମ୍ବନ, କୃଷ୍ଣଚନ୍ଦ୍ରଙ୍କ ଉପରୁ ହଟିଲା ବହିଷ୍କାର



**ଭୁବନେଶ୍ୱର(ଏନ୍.ଏମ୍.) :** ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ନିଜର ସ୍ଥିତିକୁ ସୁଦୃଢ଼ କରିବା ନିମନ୍ତେ ଉଭୟ ହେଭି ୱେଟ ନେତା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍ ଓ ଜଗତସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବୀ ବିଶ୍ୱାଳଙ୍କ ଉପରୁ ନିଲମ୍ବନ ଆଦେଶ ହଟାଇଛି । ସେହିପରି କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କ ଉପରୁ ମଧ୍ୟ ବହିଷ୍କାର ଆଦେଶ ପ୍ରତ୍ୟାହାର କରି ନିଆଯାଇଛି । ଏ ସମ୍ପର୍କରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ସୂଚନା ଦେଇଛନ୍ତି । ଅଜୟ କୁମାର ପ୍ରଭାରୀ ଭାବେ ନିଯୁକ୍ତି ପାଇବା ପରେ ବିଧାୟକ ମୋକିମ୍ ଓ ଚିରଞ୍ଜୀବୀ ତାଙ୍କୁ ସାକ୍ଷାତ କରିଥିଲେ । ଦଳ ବିରୋଧୀ କାର୍ଯ୍ୟ ପାଇଁ ଚିରଞ୍ଜୀବୀ ଓ ମୋକିମଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ସେହିପରି ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଇଥିଲା । ନିକଟ ଅତୀତରେ ରାଷ୍ଟ୍ରପତି ନିର୍ବାଚନ ସମୟରେ ଦଳୀୟ ହୁଇପକୁ ଅମାନ୍ୟ କରି ବିଧାୟକ ମୋକିମ୍ ସେତେବେଳେ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ । ସେ ପିସିସି ସଭାପତି ପଦ ଆଶାୟୀ ଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନଥିଲା ଓ ସଂଗଠନର ପରିଚାଳନାକୁ ନେଇ ସେ ଗଣମାଧ୍ୟମ ଆଗରେ ନିଜର କ୍ଷୋଭ ବ୍ୟକ୍ତ କରିଥିଲେ । ସେହିପରି ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ମତଦାନର ମାତ୍ର ୩ ଦିନ ପୂର୍ବରୁ ମୋକିମଙ୍କ ଦ୍ୱାରା ଭୁବନେଶ୍ୱରରେ 'ଜାନକୀ-ବସନ୍ତ ଯୋଡ଼ି, ଓଡ଼ିଶାରେ ସୁବର୍ଣ୍ଣ ଯୁଗ' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଚିରଞ୍ଜୀବୀ ବର୍ତ୍ତମାନର କଂଗ୍ରେସର ସାଂଗଠନିକ ସ୍ଥିତିକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ । ଉଭୟଙ୍କ ନାଁରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଉପରେ ଶୃଙ୍ଖଳାଗତ କମିଟିରେ ଆଲୋଚନା ହୋଇଥିଲା । ଏହାପରେ ଉଭୟ ନେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଉଭୟ ନେତାଙ୍କ ଠୁ ଯେଉଁ ଉତ୍ତର ମିଳିଥିଲା ତାହା ସନ୍ତୋଷଜନକ ନଥିଲା । ତେଣୁ ଉଭୟ ନେତାଙ୍କୁ ଦଳ ବିରୋଧୀ କାର୍ଯ୍ୟକ୍ରମରେ ଲିପ୍ତ ରହିବା କାରଣରୁ ତତ୍କାଳ ପ୍ରଭାବରୁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଥିଲା । ସେହିପରି ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଇଥିଲା । ୨୦୧୯ ମସିହାରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା । ନିଲମ୍ବନ ହଟିବା ପରେ ଇଂ. ମହମ୍ମଦ ମୋକିମ କହିଛନ୍ତି ଯେ, ମୁଁ ଏଥିପାଇଁ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କୁ ଧନ୍ୟବାଦ ଜଣାଉଛି । ଆଲୋଚନା ମାଧ୍ୟମରେ ମୋ ଉପରୁ ନିଲମ୍ବନ ଉଠାଯାଇଛି । ସେ ଆହୁରି କହିଛନ୍ତି, କଂଗ୍ରେସ ପରିବାରର ମୁଁ ସଦସ୍ୟ ଥିଲି । କଂଗ୍ରେସ ସହ ମୁଁ ରହିଛି ଓ ଆଗକୁ ମଧ୍ୟ ରହିବି । ମୋର ଦଳ ପ୍ରତି ଯେଉଁ କର୍ତ୍ତବ୍ୟ ରହିଛି,ତାହା ମୁଁ କରିବି । କଂଗ୍ରେସକୁ ଦୃଢ଼ କରିବା ପାଇଁ ସବୁ କାର୍ଯ୍ୟକ୍ରମ କରିବି । ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଚାହୁଁଛନ୍ତି, ତାର ସୂତ୍ରଧର ହେବ କଂଗ୍ରେସ ।

# ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ସାମିଲ ହେଲେ ପାଟଣାଗଡ଼ ବିଧାୟକ

**ବଲାଙ୍ଗୀର(ଏନ୍.ଏମ୍.) :** ଦୀର୍ଘ ୫୦୦ ବର୍ଷର ସଂଗ୍ରାମ ପରେ ରାମଲାଲାଙ୍କ ଭବ୍ୟ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ସାରା ଦେଶରେ ପାଳିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଦେଶର କୋଣ ଅନୁକୋଣରେ ଅନୁରୂପ ଉତ୍ସବ ପାଳନ ହୋଇଛି । ସେହିଭଳି ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଏହାକୁ ବଡ ଆନନ୍ଦ ଉଲ୍ଲାସର ପାଳନ କରାଯାଇଥିଲା । ବିଭିନ୍ନ ଜିଲ୍ଲା, ସଦର ମହକୁମା ତଥା ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମଧ୍ୟ ରାମ ଲାଲାଙ୍କ ପ୍ରାଣ



ପ୍ରତିଷ୍ଠା ଉତ୍ସବ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଥିବା ବେଳେ ରାଜ୍ୟର ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଅଞ୍ଚଳରେ ମଧ୍ୟ ଏହି ପ୍ରତିଷ୍ଠା ଉତ୍ସବ ବେଶ ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ଲାଠୋର ଗ୍ରାମରେ ଗ୍ରାମବାସୀଙ୍କ ଅନୁଗ୍ରହ ଓ ନିମନ୍ତ୍ରଣ ପାଇ ସେଠାରେ ଥିବା ହନୁମାନ ମନ୍ଦିର ପରିଦର୍ଶନ କରିବା ସହ ମନ୍ଦିର ପୂଜକଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ । ପୁନଶ୍ଚ ବିଧାୟକ ଶ୍ରୀ ମେହେର ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ଛକରେ ଥିବା ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

# ଆବାସ ତାଲିକାରେ ନାଁ ଅଛି, କିନ୍ତୁ ଘର ମିଳୁନି !

**ଭଦ୍ରକ(ଏନ୍.ଏମ୍.) :** ଆବାସ ଯୋଜନା ସାଧାରଣ ଗରିବଙ୍କ ପାଇଁ ସାତ ସପନ । ଘର ତାଲିକାରେ ନାଁ ଥାଇ ବି ମିଳୁନାହିଁ ପକ୍କା ଘର । ଥିଲା ବାଲାଙ୍କୁ ମିଳୁଛି ଆ୍ୱାସ ଯୋଜନାରେ ଘର କିନ୍ତୁ ଗରିବଙ୍କୁ ମିଳୁନି । ତେଣୁ ଭଙ୍ଗା ମାଟି କାନ୍ଥ ଘର ଓ ଚାଳ ଛପର ତଳେ ବିତୁଛି ଜୀବନ । ଏପରି ଦୟନୀୟ ଚିତ୍ର ଆସିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବଜରାପୁର ପଞ୍ଚାୟତ ନାୟକ ସାହିରୁ ।ଚାନ୍ଦବାଲି ବ୍ଲକ ବଜରାପୁର ପଞ୍ଚାୟତ ନାୟକ ସାହିରେ ବାସ କରନ୍ତି ବୁଦ୍ଧିରାମ ନାୟକ, ପବିତ୍ରା ନାୟକ, ପଦ୍ମାବତୀ ନାୟକ ଏବଂ ଶଶୀରେଖା ନାୟକଙ୍କ ପରିବାର । କାମ ଦାମ କରି ପରିବାର ପ୍ରତିପୋଷଣ



କରନ୍ତି । ଯାହା ରୋଜଗାର କରନ୍ତି, ସେଥିରେ ଦୁଃଖେ କଷ୍ଟେ ତେଲ ଲୁଣର ସଂସାର ଚଳିଯାଉଛି । ହେଲେ ଘର କରିବା ପାଇଁ କାହୁଁ ଆସିବ ସମ୍ବଳ ? ଯେଉଁଥି ପାଇଁ ନିଜର ଭଙ୍ଗା ଦଦରା ଝାଟି ମାଟି ଘରେ ଜୀବନ ଅତିବାହିତ କରୁଛନ୍ତି ୪ ପରିବାର । ଯେଉଁ ଘରେ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦେଖା ଯାଉଛନ୍ତି । ବର୍ଷା ଦିନ କଥା ନକହିବା ଭଲ । ଚାଳ ଉପରୁ ପଲିଥିନ୍ ଉଡିଗଲେ ପୂରା ପରିବାର ବର୍ଷା ପାଣିରେ ଭିଜୁଛି । ବେଳେ ବେଳେ ସ୍ଥିତି ଏମିତି ହୁଏଯେ ପିଲା ଛୁଆଙ୍କୁ ଧରି ସ୍କୁଲ ଘରେ ଆଶ୍ରୟ ନେବାକୁ ପଡୁଛି । ହେଲେ ଏହି ୪ ପରିବାର ପ୍ରତି କାହାର ନଜର ପଡୁ ନାହିଁ । ଘର ଖଣ୍ଡିଏ ପାଇଁ ଏହି ୪ ପରିବାର ସରପଞ୍ଚଠୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ କେତେ ହାରି ଗୁହାରି କରିଛନ୍ତି । ହେଲେ ବାରମ୍ବାର ନିରାଶ ହେବାକୁ ପଡୁଛି । ଏଥର ବହୁ କଷ୍ଟରେ ବୁଦ୍ଧିରାମ ନାୟକ, ପବିତ୍ରା ନାୟକ, ପଦ୍ମାବତୀ ନାୟକ ଏବଂ ଶଶୀରେଖା ନାୟକଙ୍କ ପରିବାର ନାଁ ଆବାସ ତାଲିକାରେ ଆସିଥିଲା ହେଲେ ଦୁର୍ଭାଗ୍ୟର ବିଷୟ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମିପାରିଲା ନାହିଁ । ଯାହାକୁ ନେଇ ୪ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ।

# ଭାରତୀୟ ଶ୍ରମସମ୍ମିଳନୀ-୨୦୨୪




**ଭୁବନେଶ୍ୱର(ଏନ୍.ଏମ୍.) :** ଦେଶରେ ଦକ୍ଷତା ବିକାଶ ନେଇ ପ୍ରୟାସ ଜାରି ରହିଛି । ଶ୍ରମିକମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା ନିମନ୍ତେ ସରକାର ଯୋଜନା କରୁଛନ୍ତି । ଏହି ପରିପ୍ରେକ୍ଷୀରେ କେରଳର କୋଝିକୋଡ଼ି ଠାରେ ଭାରତୀୟ ଶ୍ରମ ସମ୍ମିଳନୀ-୨୦୨୪ ଅନୁଷ୍ଠିତ ହୋଇ ଯାଇଛି । ଏହି ସମ୍ମିଳନୀରେ ଭାରତର ବିଭିନ ରାଜ୍ୟରୁ ଶ୍ରମ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଓଡିଶାରୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ନୀତିରଞ୍ଜନ ସେନ ସମ୍ମାନିତ ବକ୍ତାଭାବରେ ସମ୍ମିଳନୀରେ ଯୋଗଦେଇ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଅତିଥିମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରମ ଅଧିକାରୀମାନଙ୍କ ସହିତ ଓଡ଼ିଶା ଶ୍ରମ ବିଭାଗର ଅତିରିକ୍ତ ଶାସନ ସଚିବ, ଶ୍ରମ ବିଭାଗର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ।

### ଜନତା ମଇଦାନରେ ଫେବୃଆରୀ ୧୬ରୁ ୧୮ ଆୟୋଜିତ ହେବ ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମାବେଶ

# ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର(ଏନ୍.ଏମ୍.) :** ଭୁବନେଶ୍ୱରର ଜନତା ମଇଦାନଠାରେ ଫେବୃଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସଂପଦ ସମାବେଶ ଆୟୋଜିତ ହେବ । ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶର ପ୍ରତିଛବି ଚାଷୀ ଓ ଜନସାଧାରଣଙ୍କ ସମ୍ମୁଖରେ ତୋଳିଧରିବା ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ସମାବେଶର ଆୟୋଜନ କରାଯାଉଛି । ଜିଲ୍ଲାସ୍ତରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାର ସଫଳତା ଓ ପ୍ରାଣୀପାଳକ ଏବଂ ମତ୍ସ୍ୟଚାଷୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହକୁ ଦୃଷ୍ଟିରେ ରଖି ଭୁବନେଶ୍ୱରଠାରେ ତିନିଦିନିଆ ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମାବେଶର ଆୟୋଜନ କରାଯାଉଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । କୃଷି ଭବନଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମାବେଶର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସମାବେଶରେ ବିଭିନ୍ନ ପ୍ରାଣୀପାଳନ ଓ ମତ୍ସ୍ୟଚାଷର ପ୍ରଦର୍ଶନୀ ମଣ୍ଡପ ଖୋଲାଯିବା ସହିତ ଉନ୍ନତ କିସମର ପ୍ରାଣୀସମ୍ପଦ ଓ ମତ୍ସ୍ୟଚାଷର ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍, ବିଭିନ୍ନ ଯନ୍ତ୍ରପାତି ଓ ଉପକରଣର ପ୍ରଦର୍ଶନୀ, ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନାଚକ୍ର, ସଫଳ ଚାଷୀଙ୍କ ଅନୁଭୂତିର ଆଦାନପ୍ରଦାନ-ସଫଳ




ପ୍ରାଣୀପାଳନ, ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ବର୍ଦ୍ଧନା ସମେତ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ସମାବେଶରେ ରାଜ୍ୟରୁ ପ୍ରାୟ ୬ ହଜାର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଭାଗନେବେ । ପ୍ରତିଦିନ ଜିଲ୍ଲାରୁ ପ୍ରାୟ ୨ ହଜାର ଚାଷୀ ଏଥିରେ ଯୋଗଦେବେ । ସମାବେଶରେ ମିଶନ ଶକ୍ତି, ସମବାୟ, ନାବାର୍ଡ, ଜଳସମ୍ପଦ ବିଭାଗ, ଓରମାସ୍, ଓଡ଼ିଶା ଜୀବିକା ମିଶନ, ପ୍ରାଣୀମଙ୍ଗଳ ଅନୁଷ୍ଠାନ, ମୃତ୍ତିକା ସଂରକ୍ଷଣ, କୃଷି ଓ ଉଦ୍ୟାନ କୃଷି ଆଦି ବିଭାଗର ମଧ୍ୟ ଷ୍ଟଲ ପ୍ରଦର୍ଶିତ ହେବ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସେଞ୍ଚୁରିଆନ୍, ସୋଆ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ କର୍ପୋରେଟ୍ ସଂସ୍ଥା ପକ୍ଷରୁ ମଧ୍ୟ ଷ୍ଟଲ ଖୋଲାହେବ । ଓଡ଼ିଶା ମତ୍ସ୍ୟ ଓ ପ୍ରାଣୀସଂପଦ ସମାବେଶର ଆୟୋଜନ ଦ୍ୱାରା ରାଜ୍ୟର ଚାଷୀମାନେ ପ୍ରାଣୀପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ଆଧୁନିକ ବୈଜ୍ଞାନିକ ପଦ୍ଧତି ସଂପର୍କରେ ସଚେତନ ହେବେ ବୋଲି ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି । ବୈଠକରେ ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ? ଆଲାମ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଗାନ୍ଧିଜୀ ବିଦ୍ୟାପୀଠର ୨୦୦୭ ବ୍ୟାଚ ବନ୍ଧୁ ମିଳନ

**ଚୌଦ୍ୱାର(ଏନ୍.ଏମ୍.) :** ବିପଦ ସମୟରେ ଯିଏ ପାଖରେ ଛିଡ଼ା ହୋଇଥାଏ ସେହି ପ୍ରକୃତ ବନ୍ଧୁ । ସେହିଭଳି ବନ୍ଧୁର ମହତ୍ତ୍ୱକୁ ଆହୁରି ଅତି ନିବିଡ କରିବା ପାଇଁ କୟଳପଡ଼ା ଗାନ୍ଧିଜୀ ବିଦ୍ୟାପୀଠର ୨୦୦୭ ମସିହା ବ୍ୟାଚର ସବୁଠୁ 'ନିଆରା ଆମ ସାଙ୍ଗ ଗ୍ରୁପ' ସହପାଠୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଚୌଦ୍ୱାର ଥାନା ଅର୍ନ୍ତଗତ କୟଳପଡ଼ା ପଞ୍ଚାୟତ ନୂଆପାଟଣା ଗ୍ରାମ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସହପାଠୀମାନେ ସପରିବାରେ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହ ପୁରୁଣା ଦିନର ଅଭୁଲା ସ୍ମୃତିର ରୋମନ୍ଥନ କରିଥିଲେ । ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଆଗାମୀ ଦିନମାନଙ୍କରେ



ସମାଜ ଓ ଦେଶ ପାଇଁ ନିଜକୁ ସାମିଲ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଳକା ପାଲ, ବେବିନା ଜେନା, ବିଜୟଲକ୍ଷ୍ମୀ ଜେନା, ସସ୍ମିତା ପ୍ରତାପଦେବ, ବାସୁଦେବ ନାୟକ, ମିଥୁନ ଦାସ, ଅଜୟ ନାୟକ, ପିତାମ୍ବର ନାୟକ, ସ୍ମୃତିରଞ୍ଜନ ତ୍ରିପାଠୀ, ଉମେଶ ଚନ୍ଦ୍ର ନାୟକ, ବିପ୍ଳବ ନାୟକ, ଜ୍ୟୋତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଟି ଅତଡ଼ା ଧସି ୨ ଶ୍ରମିକ ମୃତ

**କେନ୍ଦୁଝର(ଏନ୍.ଏମ୍.) :** ଅଣ୍ଡରଗ୍ରାଉଣ୍ଡ ଡ୍ରେନେଜ୍ ପାଇଁ ଡିଆଇ ପାଇପ ଲାଇନ୍ ବିଛାଇବା କାର୍ଯ୍ୟ ଚାଲିଥିବା ବେଳେ ମାଟି ଅତଡ଼ା ଧସି ପଡ଼ିବାରୁ ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା କମାରଯୋଡ଼ା ଅଞ୍ଚଳରେ ଆଜି ଅପରାହ୍ନରେ ଘଟିଛି ଏହି ଘଟଣା ।ମୃତକ ଦ୍ୱୟ ହେଉଛନ୍ତି ଯାଡ଼ାର ତଳକ ହଟିଙ୍ଗ ଅଞ୍ଚଳର ଚରଣ ଲୋହାର ଓ ଅର୍ଜୁନ ଲୋହାର ବୋଲି ଜଣାପଡ଼ିଛି । ଏକ ଠିକା କମ୍ପାନୀ ଦ୍ୱାରା ଅଣ୍ଡରଗ୍ରାଉଣ୍ଡ ଡ୍ରେନେଜ୍ ପାଇଁ ଡିଆଇ ପାଇପ ଲାଇନ୍ ବିଛାଇବା କାମ



ଚାଲିଥିବା ବେଳେ ମାଟି ଧସି ଯିବାରୁ ଚରଣ ଓ ଅର୍ଜୁନ ତା' ଭିତରେ ଫସି ଯାଇଥିଲେ । ତେବେ ଆଉ ଜଣେ ଶ୍ରମିକ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

# ଜେଇ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା : ଜଗତପୁର ଡ୍ରେନ ପାଲଟିଛି ମରଣଯନ୍ତା

**କଟକ(ଏନ୍.ଏମ୍.) :** ସିଏମସି ଅଞ୍ଚଳରେ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ବିଧାୟକଙ୍କ ଠାରୁ ଆରମ୍ଭ କରି ମେୟର ଓ କର୍ପୋରେଟରମାନେ ଡିଣ୍ଡିମ ପିଟୁଥିବାବେଳେ ଏହାର ବାସ୍ତବ ଚିତ୍ର କିନ୍ତୁ ଓଲଟା ଦେଖିବାକୁ ମିଳୁଛି । କଟକ ସହରରେ ଅନେକ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ି ରହିବା ଯୋଗୁଁ ଏହି ପ୍ରକଳ୍ପ କେବଳ ଜନସାଧାରଣ କାହିଁକି ଜୀବଜନ୍ତୁଙ୍କ ପାଇଁ ମଧ୍ୟ ବିପଦ ସାବ୍ୟସ୍ତ ହେଉଛି । ଏ ସବୁ ବିଷୟରେ ନିର୍ବାଚିତ ପ୍ରତିନିଧିମାନେ ଜାଣି ଅଜଣା ରହିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା । ତେବେ ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା କର୍ତ୍ତୃପକ୍ଷ ଶାସକ ଦଳର ସମର୍ଥକ ହୋଇଥିବା ହେତୁ ଏମାନଙ୍କ ଉପରେ ବିଭାଗୀୟ କଟକଣା ରହୁନାହିଁ । ଫଳରେ ଜେଇ ଏବଂ



ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିବା ଯୋଗୁଁ ରାଜସ୍ୱ ହାନୀ ହେବା ସହ ପ୍ରାଣଘାତୀ ସାବ୍ୟସ୍ତ ହେଉଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସିଏମସି ଅନ୍ତର୍ଗତ ଜଗତପୁର ୪୮ ନମ୍ବର ୱାର୍ଡ ଅଞ୍ଚଳରେ । ସ୍ଥାନୀୟ ଭୁବନପୁର ଗ୍ରାମ ଦେଇ ଯାଇଥିବା ଏକ ମୁକୁଳା ଡ୍ରେନ ଭିତରେ ଷଣ୍ଢଟି ପଡି ଯାଇ ପ୍ରାୟ ୧ ଘଣ୍ଟା ଧରି ତା ଭିତରୁ ବାହାରି ପାରି ନପାରି ଛଟପଟ ହୋଇଥିଲା । ଏକ ଘଣ୍ଟା ପରେ ଅଗ୍ନୀଶମ ବିଭାଗ ଓ କିଛି ସ୍ଥାନୀୟ ଯୁବକମାନେ ଏହି ଷଣ୍ଢଟିକୁ ଡ୍ରେନ ଭିତରୁ ଉଦ୍ଧାର କରିଥିଲେ । ୨୦୨୩ ମସିହାରେ କଟକ ଅଞ୍ଚଳର ଅନ୍ୟ ୱାର୍ଡମାନଙ୍କରେ ମୁକୁଳା ଡ୍ରେନ ଭିତରେ ଲୋକେ ପଡି ଲୋକଙ୍କର ଜୀବନ ଯିବାରୁ ସିଏମସି ମେୟର ସୁବାଷ ସିଂହ କଟକର ସବୁ ୱାର୍ଡ ମାନଙ୍କରେ ସମସ୍ତ ମୁକୁଳା ଡ୍ରେନ ଉପରେ ସ୍ଲାବ ପକାଯିବ ବୋଲି କହିଦେଲେ । ହେଲେ ମେୟରଙ୍କ କଥା କେବଳ କଥାରେ ରହିଗଲା । ଦୀର୍ଘ ୧ ବର୍ଷ ପୂର୍ବେ ଆଇ.ବି ରୋଡ ମଙ୍ଗଳା ଗଡା ଠାରୁ ଭୁବନପୁର ପ୍ରର୍ଯ୍ୟନ୍ତ ଡ୍ରେନକୁ ଚଉଡା କରି ଡ୍ରେନ ଉପରେ ସ୍ଲାବ ପକାଇବା ପାଇଁ ୨୦୨୨ ମସିହା ଡିସେମ୍ବର ମାସରେ ପ୍ରାୟ ୩୩ ଲକ୍ଷ ଟଙ୍କାର କଭର ସ୍ଲାବ କାମ ଆରମ୍ଭ ହୋଇଥିଲା । ଏହି ଡ୍ରେନ କାମ ଅଧା ହୋଇନଥିଲାବେଳେ ଠିକାଦାର ଜଣକ ଡ୍ରେନ କାମ ସାରି ଥିବାର କାଗଜ ପତ୍ର ଦେଖାଇ ୭୦ ଭାଗ ବିଲ ଟଙ୍କା ନେଇ ଡ୍ରେନ ଉପରେ ସ୍ଲାବ ନପକାଇ ଆଉ ଡ୍ରେନର ଅଧାରୁ ଅଧିକ କାମ ସମ୍ପୂର୍ଣ୍ଣ ନକରି ଚମ୍ପଟ ମାରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ କାମ ଶେଷ ନହୋଇ ଠିକାଦାରଙ୍କ ବିଲ ପାସ ହେଲା କେମିତି ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେଣୁ ଏଭଳି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ହୋଟେଲରେ ଚାଲିଥିଲା ହାତୀ ଦାନ୍ତ କାରବାର ; ମାଡ଼ି ବସିଲା ବନ ବିଭାଗ

**ଦେବଗଡ଼(ଏନ୍.ଏମ୍.) :** ସମ୍ପ୍ରତି ରାଜ୍ୟରେ ଜଙ୍ଗଲଜନ୍ତୁଙ୍କୁ ହତ୍ୟାକରି ସେମାନଙ୍କ ଅଙ୍ଗ ପ୍ରତ୍ୟେଙ୍ଗ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ର୍‍ୟାକେଟ ତତ୍ପର ହୋଇ ଉଠିଛନ୍ତି । ବେଆଇନ ଭାବେ ବନ୍ୟଜନ୍ତୁଙ୍କୁ ହତ୍ୟା କରି ସେମାନଙ୍କ ଦାନ୍ତ, ଶିଙ୍ଗ, ଚମଡ଼ା ଆଦି ବିକ୍ରିକରି ବେଶ ମୁନାଫା



କମାଉଛନ୍ତି । ତେବେ ଏକ ହୋଟେଲରେ ଚାଲିଥଲା ହାତୀଦାନ୍ତ କାରବାର । ବନ ବିଭାଗ ଚଢ଼ାଉ କରି ଦୁଇଟି ହାତୀ ଦାନ୍ତ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି । ଘଟଣା ଘଟିଛି ଦେବଗଡ ବନ ଖଣ୍ଡ ଅଞ୍ଚଳରେ । ଗିରଫ ଅଭିଯୁକ୍ତମାନେ ଦେବଗଡ଼ ଲାଲୁ ସାହିର ପ୍ରେମରାଜ ସାହୁ, ଦେବଗଡ଼ର କପଟଦାର ଓ ଦିଲ୍ଲୀର ରାଜେଶ କୁମାର । ପ୍ରେମରାଜ ସାହୁ ଗହଣା ବ୍ୟବସାୟୀ ବୋଲି ଜଣାପଡ଼ିଛି । ଗତକାଲି ରାତିରେ ଦେବଗଡ ବନ ଖଣ୍ଡ ଅଞ୍ଚଳରେ ଥିବା ଏକ ହୋଟେଲରେ ହାତୀ ଦାନ୍ତ କାରବାର ଚାଲିଥିଲା । ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା । ବନ ବିଭାଗ ହୋଟେଲରେ ଚଢ଼ାଉ କରି ୩ଟି ହାତୀ ଦାନ୍ତ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହାତୀ ଦାନ୍ତ କେଉଁଠୁ ଆଣିଲେ, କାହାକୁ ବିକ୍ରି କରିଥାଆନ୍ତେ ସେ ନେଇ ଖୋଳତାଡ ଚାଲିଛି । ଅଭିଯୁକ୍ତମାନେ କେବେ ଠାରୁ ହାତୀ ଦାନ୍ତ କାରବାରରେ ସଂପୃକ୍ତ ଅଛନ୍ତି ସେ ନେଇ ପଚରାଉଚରା ଚାଲିଛି । ଦେବଗଡ ଡିଏଫଓ ଧନଜୀ ମଗର ୩ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଚଳାଇଛନ୍ତି । ଏହି ଘଟଣାରେ ଆଉ କେଉଁମାନେ ସଂପୃକ୍ତ ଅଛନ୍ତି ତାହା ଜଣରପଡ଼ି ନାହିଁ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂଆ କ୍ୟାମ୍ପସ୍ ...

ସାରା ବିଶ୍ୱରେ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରାଯିବା ଦରକାର । ଆମ ଭାଷା ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରାଯିବା ଦରକାର । ସାମାଜିକ ଗଣମାଧ୍ୟମରେ ଓଡ଼ିଆ ଭାଷାର ବ୍ୟବହାର ବୃଦ୍ଧି କରାଯିବା ଦରକାର । ଏହା ସହିତ ଓଡିଆ ଭାଷା ଉପରେ ଅଧିକ ଗବେଷଣା କରାଯିବା ଦରକାର ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଲେ ଯେ ଓଡିଆ ଭାଷା ଓ ଅସ୍ମିତାର ସୁରକ୍ଷା ପାଇଁ ଓଡିଆ ବିଶ୍ୱବିଦ୍ୟାଳୟ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଏକ ବଡ ଅବଦାନ । ଓଡିଆ ବିଶ୍ୱବିଦ୍ୟାଳୟ ଯୋଗୁ ଓଡିଆ ଭାଷା ଓ ସାହିତ୍ୟକୁ ଭଲ ପାଉଥିବା ଦେଶ ବିଦେଶରେ ରହୁଥିବା ଓଡିଆ ମାନେ ଖୁବ ଉତ୍ସାହିତ ବୋଲି ସେ କହିଥିଲେ । ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସତ୍ୟବାଦୀ ବିଧାୟକ ଶ୍ରୀ ଉମାକାନ୍ତ ସାମନ୍ତରାୟ, କୁଳପତି ପ୍ରଫେସର ସବିତା ପ୍ରଧାନ ପ୍ରମୁଖ ସେମାନଙ୍କ ଅଭିଭାଷଣ ଦେଇଥିଲେ । ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କୁଳସଚିବ ରଶ୍ମୀରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଯୋଗ୍ୟ ଯେ, ସତ୍ୟବାଦୀ ଠାରେ ୨୦୧୮ ଅକ୍ଟୋବର ୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିଥିଲେ । ଏହାର ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟିତ ହୋଇଛି । ୯.୬୦ ଏକର ପରିମିତ ଅଞ୍ଚଳରେ ନିର୍ମିତ ଏହି ବିଶ୍ୱ ବିଦ୍ୟାଳୟକୁ ଅତ୍ୟାଧୁନିକ ସ୍ଥାପତ୍ୟ ଶୈଳୀ ଓ ଟେକ୍ନୋଲୋଜିରେ ନିର୍ମାଣ କରାଯାଇଛି । ପ୍ରଶାସନିକ ବିଲ୍ଡିଂ ରେ ସ୍ଥାପିତ ଓଡ଼ିଆ ବର୍ଣ୍ଣମାଳା ଅତୀବ ମନୋରମ ପରିଦୃଶ୍ୟ ହେଉଛି । ଏଥିରେ ସ୍କୁଲ ଅଫ ଲର୍ଣ୍ଣିଂ, ଗ୍ରନ୍ଥାଗାର, ହଷ୍ଟେଲ, ରାଧାକୁଣ୍ଡ ପୁଷ୍କରିଣୀ, କାଫେଟେରିଆ, ଫାଉଣ୍ଟେନ୍ ଇତ୍ୟାଦି ରହିଛି । ଏ ସବୁ ନିର୍ମାଣ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଛି । ଏହା ସହିତ ମୁକ୍ତ ପରିବେଶରେ ପାଠ ପଢ଼ାର ବ୍ୟବସ୍ଥା ମଧ୍ୟ ଅଛି ।

## ଲୋକାର୍ପିତ ହେଲା ସମଲେଇ ...

ପ୍ରକାର ଚାରା ରୋପଣ କରାଯାଇଛି । ସମଲେଇ ପ୍ରକଳ୍ପ ଉଦ୍ଘାଟନ ଅବସରରେ ସାରା ରାଜ୍ୟରେ ସମସ୍ତ ସ୍କୁଲ କଲେଜକୁ ପୂର୍ବରୁ ବନ୍ଦ ଘୋଷଣା କରାଯାଇଥିଲା । ହୋମଯଜ୍ଞ ସାଙ୍ଗକୁ ଚଣ୍ଡୀପାଠ ଆରମ୍ଭ ହୋଇଥିବାବେଳେ ମନ୍ତ୍ରଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହେଉଛି । ଏହାପରେ ସେ ମନ୍ଦିର ପରିସରରେ ରୂପାନ୍ତରଣର କାର୍ଯ୍ୟକୁ ଅନୁଧ୍ୟାନ କରିଛନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ ଏସଏଚଜି ମହିଳାମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ଉଲ୍ଲେଖ ଥାଉ କି ପଶ୍ଚିମ ଓଡ଼ିଶାର ଆରାଧ୍ୟ ମା’ ସମଲେଶ୍ୱରୀଙ୍କ ମନ୍ଦିରର ଭବ୍ୟ ରୂପାନ୍ତରଣ କରାଯାଇଛି । ଭକ୍ତଙ୍କୁ ଦିବ୍ୟ ଅନୁଭବ ଦେବା ପାଇଁ ପ୍ରୟାସ ହୋଇଛି । ବିଶେଷ କରି ମନ୍ଦିର ସୁରକ୍ଷା, ବିକାଶ ଓ ଭକ୍ତଙ୍କ ସୁବିଧାକୁ ଗୁରୁତ୍ୱ ଦିଆଯାଇଛି । ତେବେ ସମଲେଶ୍ୱରୀ ପୀଠର ରୂପାନ୍ତରଣ ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ତ୍ତା ରଖିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ମା’ ସମଲେଶ୍ୱରୀ ହେଉଛନ୍ତି ସାରା ଓଡ଼ିଶାର ଆରାଧ୍ୟଦେବୀ । ମା’ ସମଲେଶ୍ୱରୀଙ୍କ ମନ୍ଦିର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର । ଲୋକଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ମନ୍ଦିରର ରୂପାନ୍ତରଣ କରାଯାଇଛି । ଏହା କୋଟି କୋଟି ଭକ୍ତଙ୍କ ଆସ୍ଥାର ପ୍ରକଳ୍ପ । ମା’ଙ୍କ ଆଶୀର୍ବାଦରୁ ପ୍ରକଳ୍ପ ହୋଇଛି । ମା’ଙ୍କ କୃପାରୁ ରେକର୍ଡ ସମୟ ଭିତରେ ପ୍ରକଳ୍ପ କାମ ସରିଛି । ଏହି ପ୍ରକଳ୍ପ ଓଡ଼ିଶାର ପର୍ଯ୍ୟଟନ ଓ ଅର୍ଥନୀତିକୁ ଆଗକୁ ନେବ । ସମଲେଇ ପ୍ରକଳ୍ପ ଭାଇଚାରା ଓ ମା’ଙ୍କ ଆଶୀର୍ବାଦର ପରିଚୟ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

## ଭାଲୁ ଶିକାର ପାଇଁ ବିଛା ଯାଇଥିଲା ବିଦ୍ୟୁତ୍ ତାର ...

ଘଟଣାରେ ଜଣେ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୨ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ବନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଡିସେମ୍ବରରେ ଅଭୟାରଣ୍ୟରେ ଏକ ବାଘ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା । ଉକ୍ତ ବାଘ ଉପରେ ନଜର ରଖିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା । ମାତ୍ର ଗତ ୧୨ ତାରିଖ ପରେ ଆଉ ବାଘର ପାଦ ଚିହ୍ନ ଦେଖିବାକୁ ମିଳି ନଥିଲା । ଏହାପରେ ଅଭୟାରଣ୍ୟ ଭିତରେ ଥିବା ଘୋରଘଣ୍ଟି ଗାଁରେ ଏକ ନଦୀ ପଠାରେ ବାଘର ମୃତଦେହ ପୋତାଯାଇଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା । ଗତ ୨୪ ତାରିଖରେ ଏହି ଘଟଣାରେ ୩ ଜଣଙ୍କୁ କାବୁ କରି ପଚରାଉଚରା କରାଯାଇଥିଲା । ପଚରାଉଚରା ପରେ ଉକ୍ତ ୩ ଜଣ ସତ ଉଗାରିଥିଲେ । ଏକ ଭାଲୁକୁ କାବୁ କରିବାକୁ ସେମାନେ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିବା କହିଥିଲେ । ମାତ୍ର ଉକ୍ତ ତାର ସଂସ୍ପର୍ଶରେ ଆସି ବାଘଟିର ମୃତ୍ୟୁ ହୋଇଥିବା ସେମାନେ କହିଥିଲେ । ଏହାପରେ ସେମାନେ ବାଘର ମୃତଦେହକୁ ଏକ ନଦୀ ପାଖରେ ପୋତି ଦେଇଥିବା କହିଥିଲେ । ମାତ୍ର ବନ ବିଭାଗ ଅଧିକାରୀ ଉକ୍ତ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଏହି ଘଟଣାରେ ସମୁଦାୟ ୫ ଜଣଙ୍କୁ ଗିରଫ କରାଯାଇଛି । ଏଥିସହ ଦାୟିତ୍ୱରେ ଅବହେଳା ଅଭିଯୋଗରେ ଜଣେ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୨ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ।

## ଅଯୋଧ୍ୟାରେ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା ନେଇ ...

ମନ୍ଦିର ପାଇଁ ବିଶ୍ୱ ରେକର୍ଡ ଅର୍ଜନ କରିଛନ୍ତି ସୁଦର୍ଶନ । ୱାର୍ଲଡ୍ ରେକର୍ଡ ବୁକ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ଘୋଷଣା କରାଯାଇଛି । ପ୍ରଭୁ ରାମଙ୍କ ପ୍ରତିକୃତୀର ଉଚ୍ଚତା ୨୩ ଫୁଟ, ଲମ୍ବ ୫୫ ଫୁଟ୍ ଏବଂ ଓସାର ୩୫ ଫୁଟ୍ ଥିଲା । ଏଭଳି ଭାବେ ସରଜୁ ଘାଟ ନିକଟ ରାମକଥା ପାର୍କରେ ୫ଶହଟି ଛୋଟ ଛୋଟ ରାମମନ୍ଦିରର ପ୍ରତିକୃତୀ ନିଜ ଟିମ୍ ସହ ନିର୍ମାଣ କରିଥିଲେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ । ଏହି ଅବସରରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ନେଇ ରାଜ୍ୟରେ ମଧ୍ୟ ବେଶ ଧୁମଧାମରେ ପାଳନ କରାଯାଇଛି । ରାଜ୍ୟର ୩୦ଟି ଯାକ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ରାମ ଭକ୍ତମାନେ ବିଭିନ୍ନ ଶୋଭାଯାତ୍ରା କରିବା ସହ, ରାମନାମ ସଂକୀର୍ତ୍ତନ, ହନୁମାନ ଚାଳିସା ଆଦି ପାଠ କରାଯାଇଛି । ବିଭିନ୍ନ ସ୍ଥାନରେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶରେ ମଧ୍ୟ ଶ୍ରଦ୍ଧାଳୁମାନଙ୍କୁ ଦେଖିବାକୁ ମିଳିଛି । ସେହିଭଳି ଚୌଦ୍ୱାରର ଓଟିଏମ୍ ହନୁମାନ ମନ୍ଦିର, କଳିଙ୍ଗଛକସ୍ଥିତ ରାମ ମନ୍ଦିର, ନଖରା ଗ୍ରାମ ପଞ୍ଚାୟତ ଟାଙ୍ଗୀସ୍ଥିତ ହନୁମାନ ମନ୍ଦିର, ନୁନଟିକିରି ହନୁମାନ ମନ୍ଦିର, ବାଣୀପଦା ହନୁମାନ ମନ୍ଦିର, କୁମାର ପୁର ହନୁମାନ ମନ୍ଦିର, ଆଗ୍ରାହାଟ ହନୁମାନ ମନ୍ଦିର, ବ୍ରାହ୍ମଣ ସାହି ରାମଲୀଳା ଅନୁଷ୍ଠାନ ସମେତ ବିଭିନ୍ନ ମନ୍ଦିର, ମଠ ହୋଇଉଠିଛି ରାମମୟ ପରିବେଶ । ସେହିପରି ପ୍ରଭୁ ଶ୍ରୀରାମ ମନ୍ଦିର, ମଠ, ଓ ହନୁମାନ ମନ୍ଦିର ମାନଙ୍କରେ ଏବେଠୁ ଦେଖିବାକୁ ମିଳିଛି ଭକ୍ତି ଓ ଭାବମୟ ପରିବେଶ । ତେବେ ସ୍ଥାନୀୟ କୟଳପଡ଼ା ପଞ୍ଚାୟତ ସିମିଲିହାଣ୍ଡି ଗ୍ରାମର ରାଧାମାଧବ ମଠ ଓ ଶ୍ରୀ ଶ୍ରୀ ରଘୁନାଥ ଜୀଉ ରାମଲୀଳା ପ୍ରଚାର ସମିତି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳରେ ବହୁ ଉତ୍ସାହୀ ଯୁବକମାନେ ବିଭିନ୍ନ ସ୍ଥାନରେ ରାମନାମ ନାରା ସହ ପ୍ରଭୁ ହନୁମାନଙ୍କ ଧ୍ୱଜା ମଧ୍ୟ ବିଭିନ୍ନ ଛକ ଓ ମନ୍ଦିରମାନଙ୍କରେ ଲଗାଇବା ସହିତ ପ୍ରଭୁ ଶ୍ରୀ ରାମଙ୍କ ଭଜନ ସଂକୀର୍ତ୍ତନ କରି ନାଚଗୀତ କରୁଥିବାର ଦେଖିବାକୁ ମିଳିଛି ।

## କେରଳ ରାଜ୍ୟପାଳଙ୍କୁ ଦିଆଗଲା ...

ସେମାନଙ୍କ ସହ ମୁହାଁମୁହିଁ ହୋଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଅଞ୍ଚଳରୁ ବିକ୍ଷୋଭକାରୀଙ୍କୁ ହଟାଇଥିଲା । କିନ୍ତୁ ରାଜ୍ୟପାଳ ଖାନ ଏକ ଦୋକାନରୁ ଚେୟାର ଆଣି ସେହିଠାରେ ହିଁ ବସି ରହିଥିଲେ । ପୁଲିସ ସୁରକ୍ଷା ଯୋଗାଇ ଦେବାରେ ବିଫଳ ହେଉଛି ବୋଲି ରାଜ୍ୟପାଳ ଅଭିଯୋଗ କରିଥିଲେ । ଆନ୍ଦୋଳନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଯିବା ପର୍ଯ୍ୟନ୍ତ ସେ ସେଠାରୁ ହଟିବେ ନାହିଁ ବୋଲି କହିଥିଲେ । ଏହାପରେ ପୁଲିସ ୧୭ ଜଣ ଯୁବ ନେତାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିବାର ଏକ ନକଲ ଦେଖାଇବା ପରେ ସେ ରାସ୍ତାରୁ ହଟିଥିଲେ । କିନ୍ତୁ ପରେ ରାଜ୍ୟପାଳ ଆରିଫଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାରମ୍ବାର ଏପରି ହେଉଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଜ+ ସୁରକ୍ଷା ଯୋଗାଇ ଦିଆଯାଇଛି । ଗତ ବର୍ଷ ଡିସେମ୍ବରରେ ମଧ୍ୟ ରାଜ୍ୟପାଳଙ୍କ ସହ ଏପରି ସମାନ ଘଟଣା ଘଟିଥିଲା । ମାମଲାରେ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟାନଙ୍କ ହାତ ଥିବା ଅଭିଯୋଗ କରିଥିଲେ ରାଜ୍ୟପାଳ ଆରିଫ । ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ପିନାରାଇ ତାଙ୍କୁ ମାରିବା ପାଇଁ ଷଡଯନ୍ତ୍ର କରିଛନ୍ତି । ଗୁଣ୍ଡା ପଠାଇ ଆକ୍ରମଣ କରିବାକୁ ଚେଷ୍ଟା କରୁଛନ୍ତି । ଯଦି ଏହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ହୋଇଥାନ୍ତା, ତେବେ କଣ ପୁଲିସ ବିକ୍ଷୋଭକାରୀଙ୍କ ଗାଡିକୁ ଯିବାକୁ ଅନୁମତି ଦେଇଥାନ୍ତି । ଭିକ୍ଷୋଭକାରୀ ଆସି ମୋ ଗାଡିକୁ ଧକ୍କା ଦେଲେ । ଆଉ ପୁଲିସ ସେମାନଙ୍କୁ ସେମାନଙ୍କ କାରରେ ପଠାଇଦେଲା ବୋଲି ରାଜ୍ୟପାଳ ଆରିଫ ଅଭିଯୋଗ କରିଥିଲେ ।

# ଜଗତପୁରରେ କ୍ଲବ ବାରଣ୍ଡାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର : ବିତିଲା ୧୦ ବର୍ଷ ଘର ଖଣ୍ଡେ ନାହିଁ

**ଜଗତପୁର (ଏନ୍.ଏମ୍.):** ସରକାର ମହିଳା ଓ ଶିଶୁମାନଙ୍କ ବିକାଶ ନିମନ୍ତେ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ମହିଳା ଓ ଶିଶୁମାନଙ୍କୁ ଅପପୁଷ୍ଟିରୁ ସୁରକ୍ଷା ଦେବା ସହ ଶିଶୁମାନଙ୍କ ବୌଦ୍ଧିକ ବିକାଶ ନିମନ୍ତେ ସରକାର ଯୋଜନା ମଧ୍ୟ କରିଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ସମନ୍ୱିତ ଶିଶୁବିକାଶ ସେବା ଯୋଜନା ମାଧ୍ୟମରେ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ସହ ମହିଳା ଓ ଶିଶୁମାନଙ୍କୁ ବିଭିନ୍ନ ସାମଗ୍ରୀ ଯୋଗାଇ ଦେଇ ଆସୁଛନ୍ତି । ସମ୍ପ୍ରତି କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳ ତଥା କଟକ ମହାନଗର ନିଗମ ଅଞ୍ଚଳରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନିଥିବା ଦୁର୍ଭାଗ୍ୟ ଜନକ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଜିଲ୍ଲାରେ ମୋଟ ୩୩୧୮ଟି ଅଙ୍ଗନୱାଡ଼ି କେନ୍ଦ୍ର ଥିବାବେଳେ କଟକ ସହରରେ ୨୯୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଥି ମଧ୍ୟରୁ ୧୮ଟି ଅଙ୍ଗନୱାଡି କେନ୍ଦ୍ର ଭଡ଼ା ଘରେ ଚାଲିଥିବା



ବିଭାଗ ପକ୍ଷରୁ ଜଣାପଡ଼ିଛି । ତେବେ ସରକାର ଅଙ୍ଗନୱାଡି କେନ୍ଦ୍ର ଜରିଆରେ ସମସ୍ତ ମହିଳା ଓ ଶିଶୁମାନଙ୍କ ବିକାଶ ନିମନ୍ତେ ବ୍ୟବସ୍ଥା କରିଥିବାବେଳେ କେନ୍ଦ୍ର ପାଇଁ ନିଜସ୍ୱ ଗୃହ କରାନଯାଇ ପାରିବା ସରକାରଙ୍କ ପାରିବା ପଣିଆ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

ସୂଚନା ଅନୁଯାୟୀ କଟକ ମହାନଗର ନିଗମ ଅନ୍ତର୍ଗତ ଜଗତପୁର ୪୮ ନମ୍ବର ୱାଡରେ ଦୀର୍ଘ ୧୦ ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ର ଚାଲିଥିଲେ ମଧ୍ୟ ନିଜସ୍ୱ ଗୃହ ନିର୍ମାଣ ହୋଇ ନପାରିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ୱାର୍ଡ ନିମପୁର କିଶୋର କ୍ଲବ ବାରଣ୍ଡାରେ ଦୀର୍ଘ ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ର ଚାଲିଛି । ଫଳରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ହେବା ସମୟରେ ଅଙ୍ଗନୱାଡି ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଏହି କ୍ଲବ ଘରକୁ ଅଭିଭାବକମାନେ ନିଜ ଶିଶୁଙ୍କୁ ଏଠାକୁ ଛାଡ଼ିବାକୁ କୁଣ୍ଠାବୋଧ କରୁଥିବାବେଳେ ଅଙ୍ଗନୱାଡିରେ ନାମ ଲେଖାଇ କେବଳ ମାସକୁ ଥରେ ଅଧେ ଆସି ଅଣ୍ଡା ଓ ଛତୁଆ ଘରକୁ ନେଇ ଯାଆନ୍ତି । ଏପରିକି ବର୍ଷର ଅଧିକାଂଶ ସମୟରେ ଏହି ଅଙ୍ଗନୱାଡି କେନ୍ଦ୍ରଟି ସମ୍ପୂର୍ଣ୍ଣ ବନ୍ଦ ରହିଥାଏ । ଏଠାରେ ଦୟନୀୟ ଅବସ୍ଥାରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିଲେ ମଧ୍ୟ ଏଥି ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ନଦେବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏହି ଅଞ୍ଚଳରେ ଏକ ସ୍ୱତନ୍ତ୍ର ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନଙ୍କ ଟାଳଟୁଳ ନୀତି ଏବଂ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋବୃତ୍ତି ଯୋଗୁଁ ଏଠାରେ ଶିଶୁମାନଙ୍କ ଭବିଷ୍ୟତ ଗଠନ ହେବା ପରିବର୍ତ୍ତେ ନିମ୍ନଗାମୀ ହେଉଥିବା ଗଜାନନ ସେବା ସମିତି ସଭାପତି ହରିହର ପଣ୍ଡା କହିଛନ୍ତି । ସରକାର ଓ ପ୍ରଶାସନ ଏ ଦିଗରେ ନିଜର ସଫଳତା ନେଇ ଡିଣ୍ଡିମ ପିଟୁଥିବାବେଳେ ଏହି ଅଞ୍ଚଳରେ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ହୋଇନପାରିବା ସରକାରଙ୍କ ପାରିବା ପଣିଆ ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ସୂଚନା ଯୋଗ୍ୟ ଯେ, ଫକିରପୁର ପଣ୍ଡାସାହି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଏକ ଜାଗା ଚିହ୍ନଟ ହୋଇଥିବାବେଳେ ଫକିରପୁର ଗ୍ରାମର କିଛି ଲୋକ ଉକ୍ତ ଜାଗାକୁ ନିଜର କହି ସେ ସ୍ଥାନରେ ପାଚେରୀ ବୁଲାଇ ନିଜ ଅକ୍ତିଆରରେ ରଖିଛନ୍ତି । ତେବେ ସେମାନଙ୍କ ଠାରୁ ଜମି ମୁକୁଳାଇବା କିମ୍ବା ଅନ୍ୟତ୍ର ଅଙ୍ଗନୱାଡ଼ି କେନ୍ଦ୍ରଟିଏ ପ୍ରତିଷ୍ଠା କରିବା ଦିଗରେ ପ୍ରଶାସନିକ ଆନ୍ତରିକତା ନଥିବା ଯୋଗୁଁ ଏଠାରେ କ୍ଲବ ଘର ବାରଣ୍ଡାରେ ଶିଶୁଙ୍କ ଭବିଷ୍ୟତ ଗଠନ ହେଉଥିବା କୁହାଯାଉଛି । ତେବେ ଏ ନେଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ବର୍ତ୍ତମାନଙ୍କ ବିଧାୟକ ସୌଭିକ ବିଶ୍ୱାଳଙ୍କୁ ମଧ୍ୟ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବା ନେଇ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି ।

# ‘ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡିଶା’ ଅଭିଯାନର ଶୁଭାରମ୍ଭ

# ଲୋକ କଳାକାର ମାନଙ୍କ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ‘ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡିଶା’ ଅଭିଯାନର ଶୁଭାରମ୍ଭ କରିଛନ୍ତି । ରାଜ୍ୟର ଲୋକ କଳାକାର ମାନଙ୍କ ଜରିଆରେ ଚାଲିବ ସୂଚନା, ଶିକ୍ଷା ଓ ସଂଚାର (ଆଇଇସି) କାର୍ଯ୍ୟକ୍ରମ । ଲୋକମାନେ ପାଇବେ ବିକାଶର ବାର୍ତ୍ତା, ରୂପାନ୍ତରିତ ଓଡିଶାର ବାର୍ତ୍ତା । ଏହାଦ୍ୱାରା ଜନସାଧାରଣ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସଂପର୍କରେ ଜାଣିବା ସହିତ ସରକାରଙ୍କ କାର୍ଯ୍ୟକ୍ରମରେ, ବିକାଶ କାର୍ଯ୍ୟକ୍ରମରେ ସହଭାଗୀ ହୋଇପାରିବେ । ଏହି ଅଭିଯାନରେ ଏକ ମାସ ଧରି ରାଜ୍ୟର ସବୁ ଗାଁ, ୫୧୧୬୮ଟି ଗାଁରେ ଦୁଇ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ କରାଯିବ । ଏଥିପାଇଁ ସାରା ରାଜ୍ୟରେ ୨୨ ହଜାର ଲୋକ କଳାକାର ଦଳ ପଞ୍ଜୀକୃତ ହୋଇଛନ୍ତି । ଏହି ଅବସରରେ ଉଦ୍ ?ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଲୋକ କଳାକାର ମାନଙ୍କର ଖୁବ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ଆମର ଲୋକ କଳାକାର ମାନେ ବହୁତ ଭଲ କାମ କରୁଛନ୍ତି । ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ବାର୍ତ୍ତା ଆପଣ ମାନେ ଲୋକଙ୍କୁ ଦେଉଛନ୍ତି । ଏହାଦ୍ୱାରା ଆମର ଲୋକକଳାର ଆଦର ବଢୁଛି ଏବଂ ଆମ କଳାକାରମାନେ ମଧ୍ୟ ରୋଜଗାର ପାଉଛନ୍ତି । ରାଜ୍ୟର ଲକ୍ଷ ଲକ୍ଷ ଲୋକ ଙ୍କୁ ଆପଣମାନେ ସଶକ୍ତ କରୁଛନ୍ତି ବୋଲି ମତ ଦେବା ସହିତ ସେ କହିଥିଲେ ଯେ ମୋ ସରକାର କଳା ଓ କଳାକାରଙ୍କ ଉନ୍ନତି ପାଇଁ ସଂକଳ୍ପବଦ୍ଧ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଆମ କଳା ଓ କଳାକାର ମାନଙ୍କର ବିକାଶ ପାଇଁ ରାଜ୍ୟ ସରକାର ୨୦୧୦ ରୁ କଳାକାର ସଂଘ ଗଠନ କରିଛି । ଏହି ଉପକ୍ରମ ପ୍ରଥମେ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଥିଲା ବୋଲି ସୂଚନା ଦେଇ ସେ କହିଲେ ଯେ ଏବେ ଏହା ସବୁ ଜିଲ୍ଲା ଓ ସବୁ ବ୍ଲକରେ କାର୍ଯ୍ୟକାରୀ ହୋଇପାରିଛି । ଆମ ରାଜ୍ୟର କଳାକାର ସଂଘ ସାରା



ବିଶ୍ୱରେ ଅନନ୍ୟ ବୋଲି ମତ ଦେଇ ସେ କହିଥିଲେ ଯେ ଆପଣ ମାନଙ୍କ ସହଯୋଗରେ ଆଜି ଏହି ସଂଘ ଆଗକୁ ବଢୁଛି । ସୂଚନା, ଶିକ୍ଷା ଓ ସଂଚାର କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ କଳାକାର ସାମିଲ ହେଉଥିବା ଜାଣି ସେ ଖୁସି ପ୍ରକାଶ କରିବା ସହିତ କହିଥିଲେ ଯେ ମିଶନ ଶକ୍ତି ପରି ସବୁ କଳାକାର ସଂଘକୁ ଆହୁରି ମଜବୁତ କରାଯିବ । ସାରା ରାଜ୍ୟରେ ଦୁଇ ଲକ୍ଷରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ । ଏଥିପାଇଁ ସମସ୍ତ ଲୋକ କଳାକାର ମାନଙ୍କୁ ସେ ଶୁଭକାମନା ଜଣାଇଥିଲେ । କଳାକାର ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଳାକାର ମାନେ ମୋର ପରିବାରର ସଦସ୍ୟ ଭଳି । ଆପଣମାନେ ଭଲ କାମ ଜାରି ରଖନ୍ତୁ, ମୁଁ ଓ ରାଜ୍ୟ ସରକାର ସବୁବେଳେ ସହଯୋଗ ଯୋଗାଇ ଦେବୁ । କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ପାତ୍ର କହିଲେ ଯେ ଓଡିଶା ହେଉଛି ପାରମ୍ପରିକ କଳାର ଗନ୍ତାଘର । ରାଜ୍ୟ ସରକାର କଳାକାରମାନଙ୍କ କଲ୍ୟାଣ ପାଇଁ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଗଞ୍ଜାମ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଏକ ଆନ୍ଦୋଳନରେ ପରିଣତ ହୋଇଛି । ଏହା ଦ୍ୱାରା କଳାକାରମାନେ ମଧ୍ୟ ଆର୍ଥିକ ସ୍ତରରେ ଉପକୃତ ହେଉଛନ୍ତି । ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଲେ ଯେ ମୁଖ୍ୟମନ୍ତ୍ରୀ ଦୁଇଟି ବିଷୟ ଉପରେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ପ୍ରଥମ କଥା ହେଲା କଳାକାରମାନଙ୍କ ସମ୍ମାନ । ସେମାନଙ୍କୁ ସମ୍ମାନ ଦେଇ ଜିଲ୍ଲା ପ୍ରଶାସନ ସେମାନଙ୍କ ସମସ୍ତ ଦେୟ ତୁରନ୍ତ ପ୍ରଦାନ କରିବା ଉଚିତ୍ । ଦ୍ୱିତୀୟ କଥା ହେଉଛି ମିଶନ ଶକ୍ତି ଯେପରି ସୁଦୃଢ଼ ହୋଇଛି କଳାକାରମାନଙ୍କ ସଂଘ ଗୁଡିକ ମଧ୍ୟ ସେହିପରି ସୁଦୃଢ଼ ହେବା ଆବଶ୍ୟକ । ଏଥିପାଇଁ ଜିଲ୍ଲାପାଳ, ବିଡିଓ ଓ ସଂପୂର୍ଣ୍ଣ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଗଞ୍ଜାମ ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପ-ସଭାପତି ଶ୍ରୀ ସନ୍ତୋଷ କୁମାର ପାଢୀ ଏବଂ ସୁନ୍ଦରଗଡ ଜିଲ୍ଲା କଳା ଓ ସଂସ୍କୃତି ସଂଘର ଉପ-ସଭାପତି ଫକୀର ବାଡ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆମେ କାମ ପାଉଛୁ, ରୋଜଗାର ପାଉଛୁ ଓ ସମ୍ମାନ ମଧ୍ୟ ପାଉଛୁ । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆମେ ଏକ ସ୍ୱତନ୍ତ୍ର ପରିଚୟ ପାଇଛୁ । ମୁଖ୍ୟମନ୍ତ୍ରୀଙ୍କୁ ଆମେ କୃତଜ୍ଞତା ଜଣାଉଛୁ । ସ୍ୱାଗତ ଭାଷଣ ଦେଇ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟ ପାଣ୍ଡିଆନ କହିଲେ ଯେ ଏହା ହେଉଛି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ । ୨୦୦୯-୧୦ ବର୍ଷରୁ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହା ଏକ ଜ୍ଞରଶବ ଓରଉ ମବଜ୍ଞକ୍ତବସଶଭ । ଏଥିରେ ୧୦ ବିଭାଗର ୧୫ଟି ଯୋଜନାର ପ୍ରଚାର ପ୍ରସାର କରାଯିବ । ଏହା ମାଧ୍ୟମରେ ରାଜ୍ୟ ସରକାରଙ୍କ ଜନହିତକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡିକ ଲୋକଙ୍କ ପାଖରେ ସହଜରେ ଓ ସୁବିଧାରେ ପହଞ୍ଚି ପାରୁଛି । ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ ଲୋକକଳାର କଳାକାର ମାନେ ସେମାନଙ୍କ କଳା ଚାତୁରୀ ମାଧ୍ୟମରେ ବିଭିନ୍ନ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିବେ । ପାରମ୍ପରିକ ଦଣ୍ଡ ନାଚ, ରାସ, କରମା ସାନି ପାଲା, ଦାସକାଠିଆ, ସଂକୀର୍ତ୍ତନ, ଛଉ ନୃତ୍ୟ, ଘୋଡ଼ା ନାଚ, ମୋଗଲ ତାମସା, ପ୍ରହଲ୍ଲାଦ ନାଟକ, ସୁଆଙ୍ଗ, ରାମଲୀଳା, ଖଞ୍ଜଣୀ ଭଜନ, କେନ୍ଦରା ଗୀତ, ଚକୁଳିଆ ପଣ୍ଡା, ଭାରତଲୀଳା, ସମ୍ବଲପୁରୀ ନୃତ୍ୟ, ଘୁମୁରା ନୃତ୍ୟ, ଡାପ ନୃତ୍ୟ, ବଣ୍ଡା, କୋୟା, ସାନ୍ତାଳୀ, ପରଜା, ଡେମସା ଆଦି ବିଭିନ୍ନ ପ୍ରକାରର ଲୋକଗୀତ, ଲୋକ, ଲୋକନୃତ୍ୟ ଓ ଲୋକ ନାଟକରେ କଳାକାରମାନେ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ସରକାରଙ୍କ ଲୋକହିତକର ଉନ୍ନୟନ ମୂଳକ ଯୋଜନା ଗୁଡିକୁ ପ୍ରଚାର ପ୍ରସାର କରି ଜନସାଧାରଣ ମାନଙ୍କୁ ସଚେତନତା କରିବା ଏହି ଅଭିଯାନର ମୂଳଲକ୍ଷ୍ୟ । ଏହି ମନୋରଞ୍ଜନ ମାଧ୍ୟମରେ କଳାକାର ମାନେ ତଥ୍ୟଭିତ୍ତିକ ଉପସ୍ଥାପନ କରିବେ । ଏଥିପାଇଁ ସେମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟ ସରକାର କଳାକାର ମାନଙ୍କୁ ଜିଲ୍ଲା ଓ ବ୍ଲକ ସ୍ତରରେ ତାଲିମ ପ୍ରଦାନ କରିଛନ୍ତି । ଲୋକକଳା ମାଧ୍ୟମରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଗଲେ ଏହାର ପ୍ରଭାବ ଅଧିକ ରହିବ । କଳାକାରମାନେ ବିଭିନ୍ନ ବିଭାଗର ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ନିଜକୁ ସାମିଲ କରି ପାରିଶ୍ରମିକ ଭିତ୍ତିରେ ଆର୍ଥିକ ଭାବେ ଲାଭାନ୍ୱିତ ହୋଇପାରିବେ । କଳାକାର ବଞ୍ଚିବା ସହ ଏହି ପାରମ୍ପରିକ ଲୋକକଳା ନୂତନ ପିଢିକୁ ସଂପ୍ରସାରିତ ହୋଇପାରିବ । ଏଥିନିମନ୍ତେ କଳାକାରମାନେ ସେମାନଙ୍କ ଖୁସିବ୍ୟକ୍ତ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । କଳାକାର ମାନଙ୍କ ନିମନ୍ତେ ଏହି ସଂଘ ପ୍ରତିଷ୍ଠା କରିବାରେ ଓଡିଶା ହେଉଛି ଦେଶରେ ପ୍ରଥମ । ପ୍ରତି ଜିଲ୍ଲାରେ ଲୋକକଳା ଗ୍ରାମର ସ୍ଥାପନା କରାଯାଇଛି ଓ ପ୍ରତିବର୍ଷ ଲୋକକଳା ଦିବସ ପାଳନ କରାଯାଉଛି । ବର୍ତ୍ତମାନ ରାଜ୍ୟର ୫୦ ହଜାର କଳାକାର ମାନଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପ୍ରଦାନ କରାଯାଉଛି ।

## ବାମନଘାଟୀ ପ୍ରଶାସନ ତରଫରୁ ରାଇରଙ୍ଗପୁର ଠାରେ ୧୪ତମ ଜାତୀୟ ଭୋଟର ଦିବସ-୨୦୨୪

# ଭୋଟର ଦିବସ ରେ ଅଧିକାରୀ ଓ କର୍ମଚାରୀ ଙ୍କୁ ଶପଥ ପାଠ କରାଇଲେ ଉପଜିଲ୍ଲାପାଳ

**ରାଇରଙ୍ଗପୁର(ଏନ୍.ଏମ୍.):** ବାମନଘାଟୀ ଉପଖଣ୍ଡ ପ୍ରଶାସନ ତରଫରୁ ଚତୁର୍ଦ୍ଦଶ ଜାତୀୟ ମତଦାତା ଦିବସ -୨୦୨୪ ପାଳିତ ହୋଇ ଯାଇଛି । ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଉପଜିଲ୍ଲାପାଳ ବୈଠକରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଭୋଟର ଦିବସ ପାଳନ ଉପଲକ୍ଷେ ସ୍ୱାଗତ କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ଦାଶ, ପ୍ରତି ବର୍ଷ ଜାନୁଆରୀ ୨୫ ତାରିଖରେ ଏହି ଦିବସ ପାଳନର ଐତିହାସିକ ପୃଷ୍ଠଭୂମି ଉପରେ ସ୍ମୃତି ଚାରଣ କରିବା ସହ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଯୁବ ଭୋଟର ମାନଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ସେମାନଙ୍କ ବହୁମୂଲ୍ୟ ମତଦାନ ସପକ୍ଷରେ ଆକୃଷ୍ଟ ହେବା ପାଇଁ ନିର୍ବାଚନ ଆୟୋଗ ଦ୍ୱାରା ପ୍ରଦତ୍ତ ‘ଭୋଟ ଦେବାର ଅନୁଭୂତି ଅଟେ ଅତୁଳନୀୟ, ୨୦୨୪ ନିର୍ବାଚନରେ ମୁଁ ଭୋଟ ଦେବି ନିଶ୍ଚୟ’ ଉପରେ ଶ୍ରୀ ଦାଶ ଉଲ୍ଲେଖ କରିବା ସହ ଦେଶରେ ସୁଦୃଢ଼ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଯୁବ ଭୋଟର ାନଙ୍କ ଭୋଟ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ତେଣୁ



ପ୍ରତ୍ୟେକ ଯୋଗ୍ୟ ଭୋଟର ତାଙ୍କ ଭୋଟର ତାଲିକାରେ ନୂତନ ଭାବେ ସଂଯୁକ୍ତ ହୋଇଥିବା ୧୮ ବର୍ଷୀୟ / ବର୍ଷୀୟା ଯୁବ ଭୋଟର ମାନଙ୍କୁ ଆଗାମୀ ନିର୍ବାଚନରେ ନିଶ୍ଚିତ ଭାବେ ସେମାନେ ତାଙ୍କର ମତଦାନ ସାବ୍ୟସ୍ତ କରିବା ପାଇଁ ପରାମର୍ଶ ଦେବା ସହ ଉତ୍ସାହିତ କରିଥିଲେ । ତେଣୁ ପ୍ରତ୍ୟେକ ଯୋଗ୍ୟ ଭୋଟର ତାଙ୍କ ମତଦାନ ଅଧିକାର କୁ ସାବ୍ୟସ୍ତ କରିବା ଉଚିତ ବୋଲି ଶ୍ରୀ ଦାଶ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ ଉପଖଣ୍ଡର ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀମାନଙ୍କୁ ଚଳିତ ବର୍ଷ ଭୋଟର ଦିବସ ଉପଲକ୍ଷେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ସଂକଳ୍ପକୁ ଶପଥ ପାଠ କରାଇ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମନୋଜ କୁମାର ମହାନ୍ତ, ରଂଜିତ କୁମାର ମହାନ୍ତ, ଚାମ୍ପରୁ ବେସ୍ରା,ଏସ.ଓ., ଉମାକାନ୍ତ ପାତ୍ର, ଏସ. ଓ., ପ୍ରାସାଦ ବେହେରା, ଏସଆରଏ, କେଶବ ନାଏକ, ଏସଆରଏ, ଲକି ପାଣି, ଏସଆରଏ, ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଗ୍ରନ୍ଥାଗାରିକ ହରିଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଭୋଟର ଦିବସ ଶପଥ ପାଠ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ ।

# ଧରା ପଡ଼ିଲେ ନକଲି ଶିକ୍ଷକ, ବହିଷ୍କାର କଲେ ବିଇଓ

**ବଲାଙ୍ଗୀର(ଏନ୍.ଏମ୍.):** ବଲାଙ୍ଗିର ଜିଲ୍ଲାରୁ ନକଲି ଶିକ୍ଷକ ଧରାପଡ଼ିବାର ଧାରା ଜାରି ରହିଛି । ଜାଲ ସାର୍ଟିଫିକେଟର କାରଖାନା ବଲାଙ୍ଗିରରୁ ବାହାରିବ ପରେ ସାର୍ଟିଫିକେଟ ଯାଞ୍ଚକୁ ଜୋରଦାର କରାଯାଇଛି । ଜାଲ ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଅଭିଯୋଗରେ ଆଗରୁ ଅନେକ ଶିକ୍ଷକ ଚାକିରିରୁ ବହିଷ୍କାର ହେଇସାରିଛନ୍ତି । ଏବେ ପୁଣି ଜଣେ ଶିକ୍ଷକଙ୍କ ସାର୍ଟିଫିକେଟ ନକଲି ବୋଲି ଜଣାପଡ଼ିବ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଶିକ୍ଷା ବିଭାଗ । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁକାନ୍ତ କୁମାର ମନ୍ତ୍ରୀ ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ନେଇ ଅଭିଯୋଗ ହୋଇଥିଲା । ତେଣୁ ଶିକ୍ଷା ବିଭାଗ ତାଙ୍କ ଟିଚର ଟ୍ରେନିଂ ସାର୍ଟିଫିକେଟକୁ ଯାଞ୍ଚ ପାଇଁ ପଠାଇଥିଲା । ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ପକ୍ଷରୁ



ସାର୍ଟିଫିକେଟ ଯାଞ୍ଚ ପରେ ତାହା ନକଲି ବୋଲି ଜଣାପଡ଼ିଥିଲା । ମାଧ୍ୟମକି ଶିକ୍ଷା ପରିଷଦ ଏନେଇ ଶିକ୍ଷା ବିଭାଗକୁ ଜଣାଇଥିଲା । ଏହା ପରେ ବଙ୍ଗୋମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସୁକାନ୍ତ କୁମାର ମନ୍ତ୍ରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି । ତା’ ସହିତ ବଙ୍ଗୋମୁଣ୍ଡା ଥାନାରେ ଲିଖିତ ଭାବେ ତାଙ୍କ ନାଁରେ ଅଭିଯୋଗ ଦାଖଲ କରିଛନ୍ତି । ନକଲି ଶିକ୍ଷକ ଜଣକ ଫେରାର ଥିବା ଜଣାପଡ଼ିଛି ।




# ସାଙ୍ଗମାନଙ୍କ ଟାହିଟାପରା ସହି ନପାରିବାରୁ ମାଆ ସାନିଆଙ୍କ ସହ ଭାରତ ଫେରିଲେ ସୋଏବଙ୍କ ପୁଅ



**ନୂଆଦିଲ୍ଲୀ(ଏଜେନ୍ସି):** ପିତା ମାତାଙ୍କ ଯୋଗୁଁ ମାନସିକ ଅବସାଦରେ ସନ୍ତାନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ପାକିସ୍ତାନ କ୍ରିକେଟର ସୋଏବ ମଲିକ ଏବଂ ପୂର୍ବତନ ଭାରତୀୟ ଟେନିସ ଖେଳାଳି ସାନିଆ ମିର୍ଜା ପରସ୍ପରଠାରୁ ଅଲଗା ହୋଇଯାଇଛନ୍ତି। ସୋଏବ ପାକିସ୍ତାନୀ ଅଭିନେତ୍ରୀ ସାନା ଜାଭେଦଙ୍କୁ ବିବାହ କରିଛନ୍ତି। ଏହା ମଲିକଙ୍କର ତୃତୀୟ ବିବାହ। ଦୀର୍ଘ ସମୟ ଧରି ସୋଏବ ଏବଂ ସାନିଆ ମଧ୍ୟରେ ବିବାଦ ରହିଥିଲା। ସେମାନଙ୍କ ଛାଡ଼ପତ୍ର ଚର୍ଚ୍ଚା ବି ହେଉଥିଲା। ଦୀର୍ଘ ସମୟ ଧରି ସେମାନଙ୍କ ଅଲଗା ହେବାର ଖବର ଆସିଥିବା ବେଳେ ଶେଷରେ ସୋଏବ ଅନ୍ୟ ଜଣଙ୍କୁ ନିଜ ଜୀବନସାଥୀ ଭାବେ ବାଛି ସାରିଛନ୍ତି। ଆପଣ ଜାଣନ୍ତି ଯେ ସୋଏବ ମଲିକ ଏବଂ ସାନିଆ ମିର୍ଜାଙ୍କର ଏକ ଛୋଟ ସନ୍ତାନ ଅଛି, ଯାହାର ନାମ ଇଜାନ। ସେ ୨୦୧୮ ମସିହାରେ ଜନ୍ମଗ୍ରହଣ କରିଥିଲେ। ଜାଣିବାକୁ ମିଳିଛି ଯେ ପିତାମାତାଙ୍କ ଅଲଗା ହେତୁ ଇଜାନ ବହୁତ ସମସ୍ୟାର ସାମ୍ନା କରିଛନ୍ତି। ଏକ ପାକିସ୍ତାନୀ ଚ୍ୟାନେଲର ରିପୋର୍ଟ ମୁତାବକ, ସୋଏବଙ୍କ ତୃତୀୟ ବିବାହ ପରେ ଇଜାନ ୩ ଦିନ ପର୍ଯ୍ୟନ୍ତ ସ୍କୁଲ୍ ଯାଇନଥିଲେ। କାରଣ ତାଙ୍କୁ ତାଙ୍କ ସାଙ୍ଗସାଥୀ ଚିଡ଼ାଚିଡ଼ି କରୁଥିଲେ। କେବଳ ଏତିକି ନୁହେଁ, ଇଜାନ ବାପାମାଆଙ୍କ ଅଲଗା ହେବାକୁ ସହ୍ୟ ନକରିବାରୁ ସାନିଆ ତାଙ୍କୁ ଭାରତ ନେଇ ଆସିଛନ୍ତି।

# ଅଷ୍ଟ୍ରେଲିଆନ ଓପନ୍ ୨୦୨୪; ବେଲାରୁସର ଆରିନା ଜିତିଲେ ଟାଇଟଲ୍



**ମେଲବୋର୍ଣ୍ଣ(ଏଜେନ୍ସି):** ଅଷ୍ଟ୍ରେଲିଆନ ଓପନ୍ ଜିତିଲେ ବେଲାରୁସର ଆରିନା ସବାଲେଙ୍କା। ଟେନିସ ସିଙ୍ଗଲ୍ସ ପ୍ରତିଯୋଗିତାରେ ପିନ୍ଧିଲେ ବିଜୟ ମୁକୁଟ। ଲଗାତାର ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ଜିତିବାରେ ସଫଳ ହୋଇଛନ୍ତି ଆରିନା। ଆଜି ମେଲବୋର୍ଣ୍ଣରେ ଚୀନ ଓ ବେଲାରୁସ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଉଥିଲା। ବେଲାରୁସ ପକ୍ଷରୁ ଆରିନା ସବାଲେଙ୍କା ଖେଳୁଥିବା ବେଳେ ଅପରପକ୍ଷରେ ଥିଲେ ଚୀନର କିନୱେନ ଝାଙ୍ଗ। ସବାଲେଙ୍କା ଏହି ମ୍ୟାଚକୁ ୬-୩, ୬-୨ରେ ଜିତି ନେଇଛନ୍ତି। ସବାଲେଙ୍କା ଆରମ୍ଭରୁ ଖୁବ୍ ଭଲ ପ୍ରଦର୍ଶନ କରିଥିଲେ। ସେ ପ୍ରଥମ ସେଟକୁ ୬-୩ରେ ଜିତିଥିଲେ। ଦ୍ୱିତୀୟ ସେଟ ଆରମ୍ଭରେ ଝାଙ୍ଗ କିଛିସମୟ ପାଇଁ ଭଲ ଖେଳିଥିଲେ, କିନ୍ତୁ ସେ ସବାଲେଙ୍କାଙ୍କ ସହ ଅଧିକ ସମୟ ପ୍ରତିଦ୍ୱନ୍ଦ୍ୱିତା କରିପାରିନଥିଲେ। ପ୍ରଥମ ଥର ପାଇଁ ଫାଇନାଲ୍ ଖେଳିବାର ଚାପ ଝାଙ୍ଗଙ୍କ ଚେହେରାରେ ସ୍ପଷ୍ଟ ଭାବେ ବାରିହୋଇ ପଡୁଥିଲା। ଦ୍ୱିତୀୟ ସେଟରେ ୨-୬ ବ୍ୟବଧାନରେ ପରାସ୍ତ ହୋଇଥିଲେ ଝାଙ୍ଗ। ଏହି ବିଜୟ ସହ ଲଗାତାର ଦ୍ୱିତୀୟ ଥର ଲାଗି ଅଷ୍ଟ୍ରେଲିଆନ ଓପନ୍ ଜିତି ଯାଇଛନ୍ତି ସବାଲେଙ୍କା। ୨୫ ବର୍ଷୀୟ ଏହି ତାରକା ପ୍ରଥମ ମହିଳା ଖେଳାଳି ଭାବରେ ୨୦୧୩ ପରଠାରୁ ଲଗାତାର ଭାବେ ଅଷ୍ଟ୍ରେଲିଆନ ଓପନ ଜିତିବାରେ ସଫଳ ହୋଇଛନ୍ତି। ଏହାପୂର୍ବରୁ ବେଲାରୁସର ଭିକ୍ଟୋରିଆ ଆଜାରେଙ୍କା ୨୦୧୨ ଏବଂ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ୍ ବିଜୟୀ ହୋଇଥିଲେ।

# ୮୮ ଖେଳାଳିଙ୍କୁ ୧୯.୬ ଲକ୍ଷ ପ୍ରୋତ୍ସାହନ



**ଭୁବନେଶ୍ୱର (ଏନ୍.ଏମ୍.):** ରାଜ୍ୟରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ବେଶ ଗୁରୁତ୍ୱ ଦେଉଛନ୍ତି। ଖେଳାଳୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ବେଶ ଉଚ୍ଚକୋଟୀର ବୋଲି କ୍ରୀଡ଼ାବିତଙ୍କ ମହଲରେ ମତ ପ୍ରକାଶ ପାଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଠାରେ ଗତ ମଙ୍ଗଳବାର ଆୟୋଜିତ ଏକ ଉତ୍ସବରେ ନିକଟ ଅତୀତରେ ବିଭିନ୍ନ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଥିବା ୮୮ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡ଼ିଶା ହକି ବିକାଶ ପରିଷଦ ସିଇଓ ଦୀପଙ୍କର ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅର୍ଥରାଶି ପ୍ରଦାନ କରିଥିଲେ। ଦଳଗତ ଓ ବ୍ୟକ୍ତିଗତ ଇଭେଣ୍ଟର ବିଭିନ୍ନ କ୍ରୀଡ଼ା ସହ ପାରା କ୍ରୀଡ଼ା ଓ ଦୃଷ୍ଟିବାଧିତ କ୍ରୀଡ଼ାରେ ଚମତ୍କାର ପ୍ରଦର୍ଶନ ଦେଇଥିବା ଖେଳାଳିମାନେ ଏଥିରେ ସାମିଲ ହୋଇଥିଲେ। ଏହି ୮୮ ଖେଳାଳିଙ୍କୁ ମୋଟ ୧୯,୬୫,୦୦୦ ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। କନିଷ୍ଠ ଜାତୀୟ ପ୍ରତିଯୋଗିତାରେ ରେ ?ପ୍ୟ ପଦକ ଜିତିଥିବା ବାଳିକା ଦଳ ଏବଂ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ପ୍ରତିଯୋଗିତା ବିଜେତା ଓଡ଼ିଶା ଦଳର ସମସ୍ତ ଖେଳାଳିଙ୍କୁ ୨୦ହଜାର ଟଙ୍କା ଲେଖାଏଁ ମିଳିଛି। ଜାତୀୟ ପାରା ଦୌଡ଼କୁଦ ପ୍ରତିଯୋଗିତାରେ ୪ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ଓଡ଼ିଶାର ୮ ଖେଳାଳିଙ୍କୁ ମୋଟ ୩,୨୦,୦୦୦ଟଙ୍କା ମିଳିଛି। ସେହିଭଳି ଓଡ଼ିଶାରେ ଆୟୋଜିତ ଜାତୀୟ ବରିଷ୍ଠ ଜିମ୍ନାଷ୍ଟିକ୍ସରେ ଓଡ଼ିଶାର ଶ୍ରେଷ୍ଠ ୧୫ ପ୍ରଦର୍ଶନକାରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ଭାରୋତ୍ତୋଳନରେ ଓଡ଼ିଶାର ପଦକ ବିଜେତାମାନଙ୍କୁ ୪୦ ହଜାର (ସ୍ୱର୍ଣ୍ଣ), ୨୭ ହଜାର (ରୌପ୍ୟ) ଓ ୧୭ ହଜାର (କାଂସ୍ୟ) ଟଙ୍କା ମିଳିଛି। ପ୍ରୋତ୍ସାହନ ରାଶି ପାଇଥିବା ତାରକା ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା, ପଙ୍କଜ ଭୁଏ (ପାରା ଆଥ୍ଲେଟ୍), ଜ୍ୟୋତ୍ସ୍ନା ଶବର, ମୀନା ସାନ୍ତା (ଭାରୋତ୍ତୋଳକ), ତପନ ମହାନ୍ତି, ରାକେଶ କୁମାର ପାତ୍ର, ମହମ୍ମଦ ଆନସ (ଜିମ୍ନାଷ୍ଟ), ବାପି ହାଁସ୍‌ଦା ଓ ସବିତା ଟପ୍ପୋ (ଆଥ୍ଲେଟ୍)। ତେବେ ଏହିଭଳି ପ୍ରୋତ୍ସାହନ ଦେଇ କ୍ରୀଡ଼ାବିତ୍ତଙ୍କ ମନୋବଳକୁ ଅଧିକ ଦୃଢ଼ିଭୂତ କରିବା ସହ ସେମାନଙ୍କୁ ଆହୁରି ଆଗକୁ ଯିବା ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଏହା ଏକ ପ୍ରେରଣା ବୋଲି ମତପ୍ରକାଶ ପାଇଛି।

# ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା: ବଶା-ନନ୍ଦଙ୍କୁ ୩ ସ୍ୱର୍ଣ୍ଣ



**ଭୁବନେଶ୍ୱର(ଏନ୍.ଏମ୍.):** ଚେନ୍ନାଇର ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍‌ରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ଓଡ଼ିଶା ବୁଧବାର ଦୌଡ଼କୁଦ ଇଭେଣ୍ଟରୁ ୩ ସ୍ୱର୍ଣ୍ଣ ସହ ୪ ପଦକ ଜିତିଛି। ବାଳକ ୧୦୦ ମିଟର୍ ଇଭେଣ୍ଟରେ ମହମ୍ମଦ ରିୟାନ ବଶା ଦ୍ରୁତତମ ସାବ୍ୟସ୍ତ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶେଷ ୨୦ ମିଟରରେ ତାମିଲନାଡୁର ଗୋକୁଳ ପାଣ୍ଡିଆନଙ୍କୁ ପଛରେ ପକାଇ ବଶା ୧୦.୮୧ ସେକେଣ୍ଡ୍ ସମୟ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ପାଣ୍ଡିଆନ୍ ୧୦.୮୯ ସେକେଣ୍ଡ୍ ସହିତ ରୌପ୍ୟ ଏବଂ ଅନ୍ୟତମ ଓଡ଼ିଶା ବାଳକ ପ୍ରତୀକ ମହାରଣା ୧୦.୯୫ ସେକେଣ୍ଡ୍ ସହିତ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ପାଇଁ କିନ୍ତୁ ବୁଧବାର ଓଁକାର ପ୍ରସାଦ ନନ୍ଦ ଉଭୟ ହାମରଥ୍ରୋ ଓ ସଟ୍ ପୁଟ୍ ସ୍ୱର୍ଣ୍ଣ ପଦକ ଜିତି ଦ୍ୱିମୁକୁଟ ଅର୍ଜନ କରିଛନ୍ତି। ଓଡ଼ିଶା ଭଳି ତାମିଲନାଡୁ ମଧ୍ୟ ବୁଧବାର ୩ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସଟ୍ ପୁଟ୍‌ରେ ଓଁକାର ୧୮.୪୮ ମିଟର୍ ଦୂରତାକୁ ଫିଙ୍ଗି ହରିୟାଣା ଓ କେରଳ ପ୍ରତିଯୋଗୀଙ୍କୁ ପଛରେ ପକାଇଥିଲେ। ସେହିଭଳି ହାମର ଥ୍ରୋରେ ଓଁକାର ୬୫.୦୮ ମିଟର୍ ଦୂରତାକୁ ଫିଙ୍ଗି କର୍ଣ୍ଣାଟକ ଓ ହରିୟାଣା ପ୍ରତିଯୋଗୀଙ୍କୁ ପଛରେ ରଖି ଶୀର୍ଷ ସ୍ଥାନ ଦଖଲ କରି ନେଇଥିଲେ।

# ସାତ୍ତ୍ୱିକ-ଚିରାଗ ପୁଣି ୧ ନମ୍ବର



**ନୂଆଦିଲ୍ଲୀ(ଏଜେନ୍ସି):** ଗତ ଦୁଇ ସପ୍ତାହରେ ଚମତ୍କାର ପ୍ରଦର୍ଶନ ଦେଇଥିବା ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଙ୍ଗଳବାର ପ୍ରକାଶିତ ବିଡବ୍ଲୁଏଫ୍ ମାନ୍ୟତାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ଏହି ଏସୀୟ କ୍ରୀଡ଼ା ବିଜେତା ଯୋଡ଼ି ଦ୍ୱିତୀୟ ଥର ଲାଗି ଶୀର୍ଷ ୧ରେ ପହଞ୍ଚିଛନ୍ତି। ଲଗାତାର ଭାବେ ମାଲେସିଆ ଓପନ୍ ସୁପର ୧୦୦୦ ଓ ଇଣ୍ଡିଆ ଓପନ୍ ସୁପର ୭୫୦ରେ ଏହି ଯୋଡ଼ି ଉପବିଜେତା ହେବାରୁ ଗୋଟିଏ ସ୍ଥାନ ଉଠି ଶୀର୍ଷରେ ପହଞ୍ଚିଛନ୍ତି। ଗତ ବର୍ଷ ହାଂଝୋ ?ରେ ସ୍ୱର୍ଣ୍ଣ ଜିତିବା ପରେ ସାତ୍ତ୍ୱିକ-ଚିରାଗ ପ୍ରଥମ ଥର ଲାଗି ୧ ନମ୍ବର ସ୍ଥାନ ଦଖଲ କରିଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଏଚ୍‌ଏସ୍ ପ୍ରଣୟ ଗୋଟିଏ ସ୍ଥାନ ଉଠି ୮ରେ ଥିଲା ବେଳେ ଲକ୍ଷ୍ୟ ସେନ, କିଦାମ୍ବି ଶ୍ରୀକାନ୍ତ ଓ ପ୍ରିୟାଂଶୁ ରାଜୱତ ଯଥାକ୍ରମେ ୧୯, ୨୫ ଓ ୩୦ତମ ସ୍ଥାନରେ ରହିଛନ୍ତି।







**ଭୁବନେଶ୍ୱର (ଏନ୍.ଏମ୍.):** ଅନ୍ତର୍ଜାତୀୟ ହକି ଖେଳାଳି ତଥା ଓଡ଼ିଆ ଝିଅ ଦୀପଗ୍ରେସ୍ ଏକ୍କା ଅବସର ଗ୍ରହଣ କରିଛନ୍ତି। ଦୀପ ଗ୍ରେସ ସାମାଜିକ ଗଣମାଧ୍ୟମରେ ତାଙ୍କ ଅବସର ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ଭାଗ୍ୟ ସମ୍ମାନର ବିଷୟ ଥିଲା। ୨୦୧୧ରୁ ୨୦୨୩ ପର୍ଯ୍ୟନ୍ତ ମୁଁ ମୋ ଆନ୍ତର୍ଜାତୀୟ ହକି କ୍ୟାରିୟରକୁ ଭଲ ଭାବେ ଉପଭୋଗ କରିଛି। ହକି ଇଣ୍ଡିଆ, ହକି ଆସୋସିଏସନ ଅଫ ଓଡିଶା ଓ ଓଡ଼ିଶା ସରକାରଙ୍କ ସହଯୋଗକୁ ମୁଁ କେବେ ହେଲେ ଭୁଲିବି ନାହିଁ। ସମସ୍ତଙ୍କୁ ମୁଁ ଆନ୍ତରିକତା ସହକାରେ ଧନ୍ୟବାଦ ଜଣାଉଛି। ସାଥୀ ଖେଳାଳି, କୋଚ ଓ ମେଂଟରମାନଙ୍କ ଉପସ୍ଥିତି ମୋ କ୍ୟାରିୟରକୁ ନୂତନ ଦିଗ ପ୍ରଦାନ କରିଥିଲା। ସୁନ୍ଦରଗଡ଼ ଜିଲ୍ଲାର ନିପଟ ମଫସଲ ଗାଁ ଲୁଲକିଡିହି ବାମନିବାହାଲ (ପଡ଼ା)ର ଦୀପଗ୍ରେସ୍ ଏକ୍କା ଏକଦା ମହିଳା ହକି ଦଳର ଉପଅଧିନାୟିକା ଭାର ସମ୍ଭାଳିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ପରେ ଦ୍ୱିତୀୟ ଥର ପାଇଁ ଟୋକିଓ ଅଲିମ୍ପିକ୍ସ ଖେଳିବାର ସୁଯୋଗ ପାଇଥିଲେ। ୨୯ ବର୍ଷିୟା ଦୀପଗ୍ରେସ୍‌ଙ୍କ ବାଲିଶଙ୍କରା ବ୍ଲକର ଛତିଶଗଡ଼-ଝାଡ଼ଖଣ୍ଡ ସୀମାନ୍ତ ଏହି ଛୋଟ ଗାଁର ଟିଣ ଛପର ଘରୁ ଟୋକିଓ ଅଲିମ୍ପିକ୍ସର ଲମ୍ବା ଯାତ୍ରା ଏବେ ବେଶ୍ ଚର୍ଚ୍ଚାରେ ଥିଲେ। ଏକ ଗରିବ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ଦୀପଗ୍ରେସ୍‌ଙ୍କ ବାପା ଚାର୍ଲସ୍ ଏକ୍କା ହକି ଖେଳାଳି ଥିଲେ। ଦଳର ରକ୍ଷଣଭାଗ ସମ୍ଭାଳୁଥିବା ଚାର୍ଲସ୍ ସେତେବେଳେ ଝାଡ଼ଖଣ୍ଡ, ଛତିଶଗଡ଼ ଅଞ୍ଚଳକୁ ମ୍ୟାଚ୍ ଖେଳିବାକୁ ଯାଉଥିଲେ। କିନ୍ତୁ ସରକାରୀ ପ୍ରୋତ୍ସାହନ ଏବଂ ଉନ୍ନତ ତାଲିମ ଅଭାବରୁ ସେ ଗାଁ ଖେଳାଳି ହୋଇ ରହିଯାଇଥିଲେ। ଦୀପଗ୍ରେସ୍ ତାଙ୍କ ସବା ସାନ ଝିଅ, ଯିଏକି ଭାରତୀୟ ଦଳରେ ଜଣେ ଭଲ ଖେଳାଳି ଥିଲେ। ଦୀପଗ୍ରେସ୍‌ଙ୍କୁ ଭାରତ ସରକାର ଅର୍ଜୁନ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଭାଇ ଦୀପକ, ଡେନିସ, ଡେଭିଡ୍ ଓ ଭଉଣୀ ଦୀପ୍ତିରୋସଙ୍କ ପରେ ଦୀପଗ୍ରେସ୍‌ଙ୍କ ଜନ୍ମ। ଦୀପକ ଝାରସୁଗୁଡ଼ାରେ ଏକ କମ୍ପାନିରେ ଚାକିରି କରୁଥିବା ବେଳେ ଡେଭିଡ୍ ବାପାଙ୍କ ସହ ଚାଷ କଥା ବୁଝୁଛନ୍ତି। ଭଉଣୀ ଦୀପ୍ତିରୋସ ବିବାହ କରି ଶାଶୁ ଘରେ। ଅନ୍ୟ ଜଣେ ଭାଇ ଡେନିସ ମଧ୍ୟ ଜଣେ ହକି ଖେଳାଳି। ସେ ଦିଲ୍ଲୀରେ ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମରେ ନିଯୁକ୍ତି ପାଇ କମ୍ପାନି ଟିମରେ ଖେଳୁଛନ୍ତି। ବାପା ଓ ଭାଇଙ୍କ ଖେଳ ଦେଖି ଦୀପଗ୍ରେସ୍‌ଙ୍କର ମଧ୍ୟ ହକି ଖେଳ ପ୍ରତି ଆଗ୍ରହ ବଢ଼ିଥିଲା। କିନ୍ତୁ ହକି ବାଡ଼ି କି ବଲ୍ କିଣିବା ସମ୍ଭବ ନଥିବାରୁ ବାପାଙ୍କ ସହ ଗାଁ ପାଖ ଜଙ୍ଗଲରୁ ଧଉଁଳା ବା ଧଅଁରା ଗଛର କାଠ ଆଣି ସେଥିରେ ହକି ବାଡ଼ି ଓ ଛିଣ୍ଡା ଜରିରେ ବଲ୍ ତିଆରି କରି ଗାଁ ଦାଣ୍ଡରେ ଛୋଟ ପିଲାଙ୍କ ସହ ଖେଳୁଥିଲେ ଦୀପଗ୍ରେସ୍। ଦୀପଗ୍ରେସ୍‌ଙ୍କ ହକି ପ୍ରତି ରୁଚି ଦେଖି ବାପା ନିଜ ଅଧୁରା ସ୍ୱପ୍ନ ପୂରା କରିବାକୁ ଆଗେଇ ଆସିଲେ। ଝିଅକୁ ଭଲ ହକି ଖେଳାଳି ଭାବେ ଗଢ଼ି ତୋଳିବାକୁ ସେ ତାଙ୍କୁ ୨୦୦୪ରେ ସୁନ୍ଦରଗଡ଼ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଛାଡ଼ିଥିଲେ। କିନ୍ତୁ ସେତେବେଳେ ସେଠାରେ ଝିଅମାନଙ୍କ ପାଇଁ ହଷ୍ଟେଲ ସୁବିଧା ନଥିଲା। ଘରୁ ଚାଉଳ, ଡାଲି ପଠାଉଥିଲେ ବାପା। ଦୁଇ ବର୍ଷ ଅଭ୍ୟାସ କରିବା ପରେ ୨୦୦୬ରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ପ୍ରବେଶ କରିଥିଲେ ଦୀପଗ୍ରେସ୍। ୨୦୦୮ ଯାଏ ତାଙ୍କୁ କୋଚ୍ ପ୍ରଦୀପ ଷଡ଼ଙ୍ଗୀ ହକି ତାଲିମ ଦେଉଥିଲେ।

ପରବର୍ତ୍ତୀ ସମୟରେ ମହିଳା ହକି କୋଚ୍ ଭାବେ ଲୁସେଲ ଏକ୍କା ନିଯୁକ୍ତି ପାଇବା ପରେ ତାଙ୍କ ଠାରୁ ତାଲିମ ନେଲେ ଦୀପଗ୍ରେସ୍। ୨୦୧୧ରେ ସେ ଜାତୀୟ ମହିଳା ହକି କ୍ୟାମ୍ପକୁ ମନୋନୀତ ହୋଇ ଯାଇଥିଲେ। ତା' ପରଠାରୁ ଦୀପଗ୍ରେସ୍ ଆଉ ପଛକୁ ଫେରି ନାହାନ୍ତି। ସାଇ କ୍ରୀଡ଼ା ଛାତ୍ରାବାସରୁ ବାହାରିଥିବା ଏକମାତ୍ର ଅନ୍ତର୍ଜାତୀୟ ଖେଳାଳି ସୁଶ୍ରୀ ଏକ୍କାଙ୍କ ଖେଳ ଶୈ ?ଳୀ, ଅକ୍ଳାନ୍ତ ପରିଶ୍ରମ କରିବାର ଆଗ୍ରହ, ପ୍ରତିପକ୍ଷ ଦଳର ଆକ୍ରମଣକୁ ଏକୁଟିଆ ପ୍ରତିହତ କରିବାର ଦକ୍ଷତା ଦେଖି ତାଙ୍କୁ ହକିର 'ଲେଡି ଦିଲୀପ ତିର୍କି' କୁହାଯାଏ। ଟୋକିଓ ଅଲିମ୍ପିକ୍ସରେ ଅଷ୍ଟ୍ରେଲିଆ ସହ କ୍ୱାର୍ଟର ଫାଇନାଲରେ ଗୋଲ୍ ରକ୍ଷକ ସବିତା ପୁନିଆ ଓ ଦୀପଗ୍ରେସ୍ ଏକ୍କାଙ୍କ ଚମତ୍କାର ରକ୍ଷଣ ଶୈ ?ଳୀ ଦଳକୁ ବିଜୟର ସ୍ୱାଦ ଚଖାଇଥିଲା। ଶକ୍ତିଶାଳୀ ଓ ତିନି ଥର ଅଲିମ୍ପିକ୍ସ ବିଜେତା ଅଷ୍ଟ୍ରେଲିଆକୁ ଭେଟିବା ସମୟରେ ଲୋକ ଆଗରୁ ଭାବି ନେଇଥିଲେ ଯେ ମ୍ୟାଚ୍ ପରେ ଦଳ ଭାରତ ପଳାଇ ଆସିବ! ଦଳ ହାରିଲେ ମଧ୍ୟ କେହି ବିଶେଷ ଖରାପ ଭାବି ନ ଥାନ୍ତେ। କିନ୍ତୁ ଭାରତୀୟ ମହିଳା ଦଳ ସଂଘର୍ଷପୂର୍ଣ୍ଣ ଖେଳର ପ୍ରଦର୍ଶନ କରି ବିଶ୍ୱ ମହିଳା ହକିରେ ସବୁଠାରୁ ବଡ଼ ବିପର୍ଯ୍ୟୟ କରି ନୂଆ ଇତିହାସ ରଚି ଦେଲେ। ମ୍ୟାଚ୍ ପରେ ଅଧିକାଂଶ ଲୋକ ଏହାକୁ ବିଶ୍ୱାସ କରି ପାରୁ ନ ଥିଲେ। ଭାରତର ଏହି ବିଜୟରେ ସୁନ୍ଦରଗଡ଼ର ଝିଅ ଦୀପଗ୍ରେସ୍‌ଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ଗୋଟିଏ ଗୋଲରେ ଅଗ୍ରଣୀ ହେବାପରେ ପ୍ରାୟ ୪୦ ମିନିଟ୍ ଧରି ନିଜ ଗୋଲପୋଷ୍ଟକୁ ରକ୍ଷା କରିବା ସହଜ ନଥିଲା। ଘାଇଲା ବାଘ ପରି ସେମାନେ ଘନ ଘନ ଆକ୍ରମଣ କରୁ ଥିଲେ। କିନ୍ତୁ ଆମର ରକ୍ଷକ ଖେଳାଳିମାନେ ଅତ୍ୟଧିକ ଚାପରେ ଥିଲେ ମଧ୍ୟ ସବୁ ଆକ୍ରମଣକୁ କ୍ରମାଗତ ଭାବେ ବିଫଳ କରି ଚାଲିଥିଲେ। ଦୀପଗ୍ରେସ୍ ଏକୁଟିଆ ଅତିକମରେ ୫-୬ ଆକ୍ରମଣରୁ ନିଜ ଦଳକୁ ରକ୍ଷା କରିଥିଲେ।

# ଇତିହାସ ରଚିଲେ ଟେନିସ୍ ତାରକା ରୋହନ ବୋପନ୍ନା, ୪୩ ବର୍ଷରେ ଜିତିଲେ ଅଷ୍ଟ୍ରେଲିଆନ ଓପନ୍



**ନୂଆଦିଲ୍ଲୀ(ଏଜେନ୍ସି):** ଅଷ୍ଟ୍ରେଲିଆନ୍ ଓପନ୍ ଜିତି ଇତିହାସ ସୃଷ୍ଟି କରିଛନ୍ତି ଭାରତର ଟେନିସ ତାରକା ରୋହନ ବୋପନ୍ନା। ସବୁଠାରୁ ବୟସ୍କ ଖେଳାଳି ଭାବେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ୍ ହୋଇଛନ୍ତି ଏହି ଟେନିସ୍ ଷ୍ଟାର। ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍‌ଙ୍କୁ ସାଥୀ କରି ବୋପନ୍ନା ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ଡବଲ୍ସ ଟାଇଟଲ ଜିତିଛନ୍ତି। ବୋପନ୍ନାଙ୍କୁ ଏବେ ୪୩ ବର୍ଷ ୩୨୯ ଦିନ ହୋଇଛି। ଆଉ ଏହି ବୟସରେ ଅଷ୍ଟ୍ରେଲିଆନ୍ ଓପନ ଜିତି ନୂଆ ରେକର୍ଡ ରଚିଛନ୍ତି ବୋପନ୍ନା। ଫାଇନାଲରେ ଇଟାଲୀ ପ୍ରତିଦ୍ୱନ୍ଦ୍ୱୀ ସିମୋନି ବୋଲେଲି ଓ ଆନ୍ଦ୍ରିଆ ଭାଭାସୋରୀଙ୍କୁ ମାତ୍ ଦେଇଛନ୍ତି ରୋହନ ବୋପନ୍ନା ଓ ମାଥ୍ୟୁ ଏବଡେନ୍ ଯୋଡ଼ି। ସିଧାସଳଖ ୭-୬, ୭-୫ ସେଟରେ ସେମାନେ ପ୍ରତିପକ୍ଷକୁ ଦେଇଛନ୍ତି ମାତ୍। ଫାଇନାଲରେ କଡ଼ା ମୁକାବିଲା ହୋଇଥିଲା। ପ୍ରଥମ ସେଟ୍ ଟାଇ ବ୍ରେକର ଯାଏଁ ଯାଇଥିଲା। ଗୋଟିଏ ବି ବଲ୍ ମିସ୍ ନକରି ଏହି ଯୋଡ଼ି ଜିତି ନେଇଥିଲେ ପ୍ରଥମ ସେଟ୍। ଦ୍ୱିତୀୟ ସେଟ୍ ବି ରୋମାଞ୍ଚକର ଥିଲା। ୧ ଘଣ୍ଟା ୩୯ ମିନିଟ୍ ଯାଏଁ ଚାଲିଥିଲା ଗେମ୍। ଶେଷରେ ଅଷ୍ଟ୍ରେଲିଆନ ଓପନ୍ ପୁରୁଷ ଡବଲ୍ସ ଚାମ୍ପିୟନ୍ ହୋଇଥିଲେ ବୋପନ୍ନା-ଏବଡେନ୍ ଯୋଡି। ୪୩ ବର୍ଷ ବୟସରେ ଅଷ୍ଟ୍ରେଲିଆନ ଓପନ ଜିତି ରେକର୍ଡ ରଚିଛନ୍ତି ବୋପନ୍ନା। ପୂର୍ବରୁ ନେଦରଲାଣ୍ଡସର ଜିଁ ଜୁଲିଆନ ରୋଜର ୪୦ ବର୍ଷ ବୟସରେ ଫ୍ରେଞ୍ଚ ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିଥିଲେ। ୨୦୧୭ରେ ସେ ଫ୍ରେଞ୍ଚ ଓପନର ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ଏହା ପୂର୍ବରୁ ଦୁଇ ଥର ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପହଞ୍ଚିଥିଲେ ହେଁ କେବେ ବି ଟାଇଟଲ ଜିତିବାରେ ସକ୍ଷମ ହୋଇ ନ ଥିଲେ ରୋହନ ବୋପନ୍ନା। ତେବେ ତାଙ୍କ ଖାତାରେ ଗୋଟିଏ ମିକ୍ସଡ୍ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ରହିଛି। ୨୦୧୭ରେ ସେ ଫ୍ରେଞ୍ଚ ଓପନର ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ପୁରୁଷ ଡବଲ୍ସ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବାରେ ରୋହନ ବୋପନ୍ନା ତୃତୀୟ ଭାରତୀୟ। ଏଥିସହିତ ଗୁରୁବାର ତାଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ସମ୍ମାନ ଦିଆଯିବ ବୋଲି ଘୋଷଣା କରିଛନ୍ତି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ